- Vol.- 46, Issue No. 24
- Friday, 24 April 2026
- ଶୁକ୍ରବାର, ୨୪ ଏପ୍ରିଲ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ପଶ୍ଚିମବଙ୍ଗରେ ନିର୍ବାଚନୀ ହିଂସା, ନିଶାଣରେ ପ୍ରାର୍ଥୀ

ନୂଆଦିଲ୍ଲୀ,୨୩।୪: ଗୁରୁବାର ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ୨୦୨୬ ପାଇଁ ମତଦାନ ରେକର୍ଡ ଭୋଟ ସହିତ ସମାପ୍ତ ହୋଇଛି। ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ମତଦାନ ଶେଷ କରିଛି। ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଭୋଟଦାନରେ ନିର୍ବାଚନ ଗୋଟିଏ ପର୍ଯ୍ୟାୟରେ କରାଯାଇଛି। ପଶ୍ଚିମବଙ୍ଗରେ ୨୯୪ ଏବଂ ତାମିଲନାଡୁରେ ୨୩୪ ଆସନ । ଉଭୟ ରାଜ୍ୟ ପାଇଁ କ୍ଷମତା ହାତେଇବା ପାଇଁ ମ୍ୟାଜିକ ସଂଖ୍ୟା ରହିଛି ଯଥାକ୍ରମେ ୧୪୮ ଏବଂ ୧୧୮ । ଭାରତୀୟ ନିର୍ବାଚନ କମିଶନ ଦ୍ୱାରା ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ନିର୍ବାଚନ ୨୦୨୬ ପାଇଁ ଭୋଟ ଗଣତି ମେ ୪ ରେ ଅନୁଷ୍ଠିତ ହେବ। ପଶ୍ଚିମବଙ୍ଗରେ ସଂଧ୍ୟା ସୁଦ୍ଧା ମତଦାନ ୯୨.୨୫ ପ୍ରତିଶତ ଓ ତାମିଲନାଡୁରେ ୮୫.୦୩ ପ୍ରତିଶତ ଥିଲା। ଏପରି ରେକର୍ଡ ସଂଖ୍ୟକ ମତଦାନ ଶାସକ କି ବିରୋଧୀ ଗୋଷ୍ଠୀଙ୍କ ସପକ୍ଷରେ ଯିବ ତାହାର ଚିତ୍ର ସ୍ପଷ୍ଟ ହୋଇନାହିଁ। ପଶ୍ଚିମବଙ୍ଗରେ ମତଦାନ ସମୟରେ ଉତ୍ତେଜନାପୂର୍ଣ୍ଣ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା । କାରଣ ବିଭିନ୍ନ ଜିଲ୍ଲାରୁ ସଂଘର୍ଷ ଏବଂ ଅଶାନ୍ତିକର ଖବର ଆସିଥିଲା। ସିଲିଗୁଡ଼ିରେ ଏକ ମତଦାନ କେନ୍ଦ୍ରରେ ଟିଏମସି ଏବଂ ବିଜେପି ସମର୍ଥକଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଥିଲା। ମୁର୍ଶିଦାବାଦରେ, ଏଜେୟୁପି ପ୍ରତିଷ୍ଠାତା ହୁମାୟୁନ କବୀରଙ୍କ ଏକ ବୁଥ୍ ପାଖରେ ପହଞ୍ଚିବା ପରେ ସ୍ଥାନୀୟ ଟିଏମସି ନେତାଙ୍କ ସହ ଉତ୍ତେଜନା ସୃଷ୍ଟି ହୋଇଥିଲା। ସୁଗମ ମତଦାନ ସୁନିଶ୍ଚିତ କରିବା ପାଇଁ କର୍ତ୍ତୃପକ୍ଷ ସତର୍କତା ବଜାୟ ରଖିଥିଲେ। ଗୁରୁବାର ଆସାନସୋଲର ଏକ ପୋଲିଂ ବୁଥରୁ ଭୋଟ୍ ଦେବା ସମୟରେ ବିଜେପି ନେତ୍ରୀ ଅଗ୍ନିମିତ୍ରା ପଲ୍‌ଙ୍କ କାର ପଥରମାଡ଼ରେ ଭାଙ୍ଗି ପଡ଼ିଥିବା ଅଭିଯୋଗ ହୋଇଛି। ଭିଡିଓ ଅନୁଯାୟୀ, ବର୍ଣ୍ଣପୁରର ରହମତନଗର ଅଞ୍ଚଳରେ କିଛି ଅଜ୍ଞାତ ବ୍ୟକ୍ତିତାଙ୍କ ଚଳନ୍ତା କାର ଉପରେ ପଥର ଫିଙ୍ଗିବା ଫଳରେ ଗାଡ଼ିର ପଛ ପାର୍ଶ୍ୱ ବହୁତ କ୍ଷତିଗ୍ରସ୍ତ ହୋଇଛି। ପରେ ନେତା ଦାବି କରିଛନ୍ତି ଯେ ଏହା ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଏକ ଜାଣିଶୁଣି ଅପପ୍ରୟାସ ଥିଲା ଏବଂ ସେ ହୀରାପୁର ପୋଲିସ ଥାନାରେ ଅଭିଯୋଗ କରିଛନ୍ତି।କୁମାରଗଞ୍ଜରେ, ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ସରକାର ଅଭିଯୋଗ କରିଛନ୍ତି ଯେ ପୋଲିଂ ଏଜେଣ୍ଟମାନଙ୍କୁ ବାଧା ଦେବା ପ୍ରତିବାଦରେ ଏକ ଭିଡ଼ ତାଙ୍କୁ ଆକ୍ରମଣ କରିଥିଲା, ତୃଣମୂଳ କଂଗ୍ରେସର ସମର୍ଥକମାନଙ୍କୁ ସେ ଏଥିଲାଗି ଦାୟୀ କରିଛନ୍ତି। ସେ ଆହତ ହେବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଗାଡ଼ି ମଧ୍ୟ ଭଙ୍ଗାଯାଇଛି।



- ★ ସିଲିଗୁଡ଼ି, ଆସନସୋଲ ଓ ମୁର୍ଶିଦାବାଦରେ ଉତ୍ତେଜନା
- ★ କୁମାରଗଂଜରେ ବିଜେପି ପ୍ରାର୍ଥୀଙ୍କୁ ଆକ୍ରମଣ
- ★ ବିଭିନ୍ନ ଜିଲ୍ଲାରେ ସଂଘର୍ଷ ଏବଂ ଅଶାନ୍ତି
- ★ ବମ୍ପର ଭୋଟ: ପଶ୍ଚିମବଙ୍ଗରେ ୯୨.୨୫ ପ୍ରତିଶତ ଓ ତାମିଲନାଡୁରେ ୮୫.୦୩ ପ୍ରତିଶତ

## ଜାଳୁଛି ଖରା

### ତାଳଚେର, ଝାରସୁଗୁଡ଼ାରେ ପାରଦ ୪୪ ଡିଗ୍ରୀ

ଭୁବନେଶ୍ୱର,୨୩।୪: ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଖରା ଜାଳୁଛି। ଗୁରୁବାର ଦୁଇଟି ସ୍ଥାନରେ ତାପମାତ୍ରା ୪୪ ଡିଗ୍ରୀ ଉପରେ ଫୁଟିଛି ଏବଂ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୪୨.୧ ଡିଗ୍ରୀ ସେଲସିୟସ୍ ରହିଛି ।ଭାରତୀୟ ପାଣିପାଗ ବିଭାଗର ଆଞ୍ଚଳିକ କେନ୍ଦ୍ରର ସନ୍ଧ୍ୟା ବୁଲେଟିନ୍ ଅନୁଯାୟୀ, ତାଳଚେର ଏବଂ ଝାରସୁଗୁଡ଼ା ହେଉଛି ଆଜି ୪୪ ଡିଗ୍ରୀ ରେକର୍ଡ କରାଯାଇଛି ।ସେହିପରି ଟିଟିଲାଗଡ଼ ୪୩.୮, ଅନୁଗୁଳ ୪୩.୫, ଢେଙ୍କାନାଳ ୪୩.୫, ହୀରାକୁଦ ୪୩.୪, ସମ୍ବଲପୁର ୪୩.୦ ଏବଂ ପାରଳାଖେମୁଣ୍ଡି ୪୩.୦। ସେହିପରି ବରଗଡ଼ ୪୨.୬, ନୂଆପଡ଼ା ୪୨.୫, ରାଉରକେଲା ୪୨.୫, ସୁନ୍ଦରଗଡ଼ ୪୨.୫, ବଲାଙ୍ଗିର ୪୨.୩, ସୋନପୁର ୪୨.୩ ଏବଂ ଭବାନୀପାଟଣା ୪୨.୦ ଭଳି ସାତୋଟି ସ୍ଥାନରେ ଦିନର ତାପମାତ୍ରା ୪୨ ଡିଗ୍ରୀ ସେଲସିୟସକୁ ବୃଦ୍ଧି ପାଇଛି ।କଟକରେ ତାପମାତ୍ରା ୪୧.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।ପାଣିପାଗ ବିଭାଗ ମଧ ପୂର୍ବାନୁମାନ କରିଛି ଯେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ୨-୩ ଡିଗ୍ରୀ ସେଲସିୟସ ହ୍ରାସ ପରେ ଆଗାମୀ ତିନି ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା (ଦିନର ତାପମାତ୍ରା)ରେ କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ଏହି ସମୟରେ, ରାଜ୍ୟର କିଛି ଜିଲ୍ଲା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ବନ୍ଦକୁ ଆଉ ଦୁଇ ଦିନ ପାଇଁ ବୃଦ୍ଧି କରିଛନ୍ତି, ଅନ୍ୟ କେତେକ ଶ୍ରେଣୀ ସମୟ ପରିବର୍ତ୍ତନ କରିଛନ୍ତି ଏବଂ ସକାଳ ୬.୩୦ରୁ ୯.୩୦ ମଧ୍ୟରେ ଶ୍ରେଣୀ କରିବାକୁ ନିଷ୍ପତ୍ତି ନିଆଯାଇଛି।

### ୪,୬୨୩ ଜଣଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

# ସରକାରୀ ସେବା ଅନନ୍ୟ ସୁଯୋଗ

### ସମାଜର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ସରକାରୀ ସୁବିଧା ପହଞ୍ଚୁ



ଭୁବନେଶ୍ୱର,୨୩।୪(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ସେବାକୁ କେବଳ ଜୀବିକା ନୁହେଁ ବରଂ ଓଡ଼ିଶାବାସୀଙ୍କ ସେବା କରିବାର ଏକ ଅନନ୍ୟ ସୁଯୋଗ ବୋଲି ବର୍ଣ୍ଣନା କରିଛନ୍ତି। ଗୁରୁବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୧୫ତମ ନିଯୁକ୍ତି ମେଳାରେ ୪,୬୨୩ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିବା ପରେ ସେ ନବନିଯୁକ୍ତ ପ୍ରାର୍ଥୀଙ୍କୁ ସମ୍ବୋଧିତ କରି ଏପରି କହିଛନ୍ତି। ସାତଟି ବିଭାଗରେ ଏହି ନିଯୁକ୍ତି ଦିଆଯାଇଛି:ସ୍କୁଲ ଏବଂ ଗଣଶିକ୍ଷା: ୪,୧୧୩ ବନ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ: ୧୫୪ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ): ୧୪୩ ଇସ୍ପାତ ଏବଂ ଖଣି: ୭୭ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ: ୭୦ ପଞ୍ଚାୟତିରାଜ ଏବଂ ପାନୀୟ ଜଳ: ୫୨ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା: ୧୪। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ଗୁରୁତ୍ୱାରୋପ କରି କହିଥିଲେ ଯେ ସରକାରୀ ଅଧିକାରୀ ଏବଂ କର୍ମଚାରୀମାନେ ପ୍ରଶାସନର ପ୍ରକୃତ ଚେହେରା ପ୍ରତିନିଧିତ୍ୱ କରନ୍ତି। ଆମର ଲକ୍ଷ୍ୟ ହେଉଛି ସମାଜର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ସରକାରୀ ସୁବିଧା ପହଞ୍ଚିବା ନିଶ୍ଚିତ କରିବା। ଲୋକମାନେ ଏବେ ଅନୁଭବ କରୁଛନ୍ତି ଯେ ଏହା ପ୍ରକୃତରେ 'ଜନତାଙ୍କ ସରକାର'।


19001/30/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଜାତୀୟ ପଞ୍ଚାୟତିରାଜ ଦିବସ- ୨୦୨୬
ରାଜ୍ୟସ୍ତରୀୟ ସମାରୋହ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହ ଦେଓ
ସାଂସଦ, ବଲାଙ୍ଗିର

ଏବଂ ବିଧାୟକ ବୃନ୍ଦ, ବଲାଙ୍ଗିର

ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

- ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦,୦୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ କାର୍ଯ୍ୟାଦେଶ ବଣ୍ଟନ ଓ ୨୦୦ କୋଟି ଟଙ୍କାର ପ୍ରଥମ କିସ୍ତି ରାଶି ପ୍ରଦାନ।
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆଭ୍ୟନ୍ତରୀଣ ଅଡ଼ିଟ୍ ପ୍ରକ୍ରିୟାକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା ନିମନ୍ତେ "ପଞ୍ଚାୟତିରାଜ ସମୀକ୍ଷା" ପୋର୍ଟାଲର ଉନ୍ମୋଚନ।
- "ବିକଶିତ ଗାଁ, ବିକଶିତ ଓଡ଼ିଶା" ଅଭିଯାନରେ ଗ୍ରାମୀଣ ବିକାଶ କ୍ଷେତ୍ରରେ ମୋଟ ୨୧,୮୦୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।
- ସର୍ବ ଭାରତୀୟ ସ୍ତରରେ ଚଳିତ ବର୍ଷ ଓଡ଼ିଶାର ୫ଟି ପଞ୍ଚାୟତିରାଜ ଅନୁଷ୍ଠାନ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ସେବା ପାଇଁ ପୁରସ୍କୃତ ହୋଇଛନ୍ତି।
- ଜିଲ୍ଲା ପରିଷଦ ବୈଠକକୁ ପାରଦର୍ଶିତାର ସହିତ ପରିଚାଳନା କରିବା ନିମନ୍ତେ "ଇ-ପଞ୍ଚାୟତ ସଭା" (ଜିଲ୍ଲା ପରିଷଦ) ପୋର୍ଟାଲର ଉନ୍ମୋଚନ।
- ବିଗତ ୨ ବର୍ଷରେ ଗ୍ରାମୀଣ ଆବାସ ଯୋଜନାରେ ୪.୬୭ ଲକ୍ଷ ଗୃହ ନିର୍ମାଣ ହୋଇଅଛି ସେଥିମଧ୍ୟରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨.୫୮ ଲକ୍ଷ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି।
- ଓଡ଼ିଶାର ୨୧,୦୩୩ଟି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି । ସେହିପରି ୭,୦୯୯ଟି ଗ୍ରାମକୁ ସର୍ବସାଧାରଣ ପାଇପ୍ ଟ୍ୟାପ୍ (Stand Post) ଯୋଗେ ଜଳ ଯୋଗାଣ କରାଯାଉଛି । ଆଗାମୀ ୨୦୨୭ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯିବ।
- ୨୦୨୫-୨୬ ବର୍ଷରେ ୨୦୦ ଗ୍ରାମ ପଞ୍ଚାୟତ ISO ପ୍ରମାଣପତ୍ର ହାସଲ କରିଛନ୍ତି।

OIPR-19001/19001/2/26-27/0002

୨୪ ଅପ୍ରେଲ ୨୦୨୬ | ସନ୍ଧ୍ୟା ୫ ଘଟିକା | ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗିର

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

# ଭଉଁରୀଯାତ୍ରା



ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ୨୧ଦିନ ବ୍ୟାପୀ ବାହାର ଚନ୍ଦନଯାତ୍ରାର ଅନ୍ତିମ ଦିବସରେ ଭଉଁରୀଯାତ୍ରା ଅନୁଷ୍ଠିତ ହୋଇଥାଏ । ପରମ୍ପରା ଅନୁଯାୟୀ ମଦନମୋହନ, ବଳରାମ, କୃଷ୍ଣ, ଶ୍ରୀଦେବୀ ଓ ଭୂଦେବୀଙ୍କ ସମେତ ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀଜମ୍ବେଶ୍ୱର ଏବଂ ଶ୍ରୀକପାଳମୋଚନଙ୍କୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରାଯାଏ । ଭଉଁରୀ ଦିନ କେବଳ ଦିନଚାପ କରାଯାଏ, ରାତ୍ରିଚାପ କରାଯାଏ ନାହିଁ, ଦିନଚାପରେ ନରେନ୍ଦ୍ର ପୋଖରୀର ଦୀପଦାଣ୍ଡି ଚାରିପଟେ ୨୧ ଘେରା ବୁଲାଯାଇଥାଏ । ଠାକୁରମାନେ ନରେନ୍ଦ୍ର ପୋଖରୀରେ ୨୧ଘେରା ଚାପ ଖେଳିବା ପରେ ଶ୍ରୀମନ୍ଦିରକୁ ବାହୁଡ଼ାବିଜେ କରିଥାନ୍ତି ।

ପରମ୍ପରା ଅନୁଯାୟୀ ଭଉଁରୀଦିନ ସକାଳଧୂପ ହେବାପରେ ପୂଜାପଣ୍ଡାମାନେ ଶ୍ରୀଜୀଉମାନଙ୍କ ଆଜ୍ଞାମାଳଧରି ରଥଖଳାକୁ ଯାଇଥାନ୍ତି । ସେଠାରେ ଶ୍ରୀଅଙ୍ଗଲାଗି ଏହି ଆଜ୍ଞାମାଳଗୁଡ଼ିକୁ ମହାରଣା ସେବକମାନେ ପାଇବାପରେ ନିର୍ମାଣାଧିନ ତିନିରଥର ତିନୋଟି ଅଖରେ ଦୁଇଟି ଲେଖାଏଁ ଚକ ସଂଯୋଗ କରିଥାନ୍ତି । ଭଉଁରୀଯାତ୍ରା ପରଦିନ ଶ୍ରୀଜୀଉମାନଙ୍କର ହଳଦୀପାଣି ନୀତି ଅନୁଷ୍ଠିତ ହୋଇଥାଏ । ଏଥିରେ ଆଜ୍ଞାମାଳ ପାଇବାପରେ ବିମାନ ବିଜେକରି ଠାକୁରମାନେ ନରେନ୍ଦ୍ରପୁଷ୍କରିଣୀରେ ପହଞ୍ଚିବାପରେ କେବଳ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଚାପଡଙ୍ଗାକୁ ବିଜେକରି ହଳଦୀପାଣୀ ପିଚକାରୀ ଖେଳିଥାନ୍ତି ।

## ଚନ୍ଦନପ୍ରିୟ ଜଗନ୍ନାଥ



ଶ୍ରୀମନ୍ଦିର ମୁକ୍ତିମଣ୍ଡପ ନିକଟରେ ୮ଫୁଟ ପ୍ରସ୍ଥ ଓ ୧୨ଫୁଟ ଦୈର୍ଘ୍ୟ ବିଶିଷ୍ଟ 'ଚନ୍ଦନ ଘର' ଅଛି । ସେଠାରେ ପ୍ରତ୍ୟେକ ଦିନ ଶ୍ରୀଜୀଉମାନଙ୍କ ଲାଗି ଚନ୍ଦନ ଘୋରାଯାଇଥାଏ । ଚନ୍ଦନ ଘୋରିବା ପାଇଁ ଚନ୍ଦନ ଘରେ ଥିବା ତିନୋଟି ଶିଳକୁ ଘୋଟୁଆରୀ ସେବକମାନେ ବ୍ୟବହାର କରିଥାନ୍ତି । ସମୁଦାୟ ସାତଜଣ ଘୋଟୁଆରୀ ଚନ୍ଦନ ଘୋରିଥାନ୍ତି। ସାଧାରଣ ଦିନମାନଙ୍କରେ ଘୋଟୁଆରୀ ସେବକମାନେ ପ୍ରାୟ ୪୪୨ଗ୍ରାମ ଓଜନର ଚନ୍ଦନକାଠ ଘୋରିଥାନ୍ତି, ତେବେ ଚନ୍ଦନ ଯାତ୍ରା ବେଳେ ପ୍ରାୟ ୧କିଲୋ ଓଜନର ଚନ୍ଦନ କାଠ ଘୋରିଥାନ୍ତି। ସନ୍ଧ୍ୟାଧୂପର ଅନ୍ନଭୋଗ ଅର୍ପଣ ପରେ ଠାକୁରମାନଙ୍କ ବେଶ ଓହ୍ଲାଇ ଦିଆଯାଇ ତିନିଠାକୁରଙ୍କ ବାହୁ ଓ ସନ୍ନିକଟ ଅଙ୍ଗଦେଶରେ ଚନ୍ଦନ ପ୍ରଲେପ କରାଯାଏ । ଜଗତର ତ୍ରିତାପ (ଆଧିଦୈବିକ, ଆଧିଭୌତିକ ଓ ଆଧାତ୍ମିକ) ହରଣ ନିମନ୍ତେ ଠାକୁରଙ୍କୁ ଚନ୍ଦନ ଲେପନ କରାଯାଇଥାଏ । ସିଂହାରୀ ସେବକମାନେ ଠାକୁରଙ୍କ ଏହି ସେବା କରିଥାନ୍ତି ।

## ଚନ୍ଦନ ବେଶ:

ସକାଳ ଧୂପର ପରବର୍ତ୍ତୀ ଧୂପ ଅର୍ଥାତ ଛତ୍ର ଭୋଗ ଅର୍ପଣ ପରେ ଜୟ ବିଜୟ ଦ୍ୱାର ବନ୍ଦ କରି ଦିଆଯାଏ । ଦିଅଁମାନଙ୍କ ଆଗରେ ଗୋଟିଏ କାଠ ଘଡ଼ା ପକାଇ, ତା'ଉପରୁ ତିନି ଜଣ ସେବାୟତ ଦିଅଁମାନଙ୍କୁ ଚାମରରେ ବିଞ୍ଚନ୍ତି । କିଛି ସମୟ ପରେ ଚାମର ଆଲଟ ବନ୍ଦ ହୋଇ ଆଡ଼ମ୍ବର ସହକାରେ ଚନ୍ଦନ, କର୍ପୁର, କେଶର, ଚୁଆ ପ୍ରଭୃତିର ମିଶ୍ରଣ ଦିଅଁମାନଙ୍କ ଶ୍ରୀଅଙ୍ଗରେ ଲେପନ କରାଯାଏ । ପୁଷ୍ପାଳକ ସେବକମାନେ ଏହା ଲାଗି କରନ୍ତି । ନିତିଦିନିଆ ତିନି ସାଧାରଣ ଆଭୂଷଣ ଚିତା, ଗୁଣା ଏବଂ ଅଧରମାଳା (ଯଥାକ୍ରମେ କପାଳ, ନାସାଓ ମୁଖତଳର ଆଭୁଷଣ) ସହ ସ୍ୱତନ୍ତ୍ର ପୁଷ୍ପ ଆଭୁଷଣ ଚନ୍ଦନ ବେଶରେ ଉପଯୋଗ କରାଯାଏ । ଅଳକା (କପାଳ ଉପରେ ସଜ୍ଜିତ ହେଉଥିବା ଫୁଲ ମାଳ) ମାଳ ଗୁଡ଼ିକ ମନ୍ଦିରର ଫୁଲଦାସୀମାନେ ଗୁନ୍ଥି ପ୍ରସ୍ତୁତ କରିଥାନ୍ତି । ବିଗ୍ରହ ତ୍ରୟର ଉଭୟ ପଟର ରାହୁରେଖା (ମସ୍ତକର ଦୁଇ ପାର୍ଶ୍ୱ) ବେଷ୍ଟନ କରି ଗୋଟିଏ ଫୁଲମାଳ ସମଗ୍ର କଳେବରର ଉଭୟପଟେ ଲମ୍ବି ଯାଇଥାଏ । ଏହି ଚଉସରି (ଚାରିଗୋଟି ସରୁ ସରୁ ମାଳ ଏକତ୍ର ଗୁନ୍ଥା ଯାଇଥାଏ) ମାଳଗୁଡ଼ିକ ପ୍ରାୟ ୨୦ଫୁଟ ଯାଏଁ ଲମ୍ବା ହୋଇଥାଏ । ଏହି ହାରଗୁଡ଼ିକୁ ରାଘବ ଦାସ ମଠ ଯୋଗାଇଥାନ୍ତି ।

# ସୋମନାଥ ମନ୍ଦିର

## ଅମର ଇତିହାସ

### ଭଦ୍ରକାଳୀ ମନ୍ଦିରର ଶିଳାଲେଖ

ପ୍ରଭାସ ପାଟନର ପବିତ୍ର ଭୂମି ଅନେକ ଐତିହାସିକ ସମ୍ପତ୍ତି ଧରିରଖିଛି । ଏଠାରେ ମିଳିଥିବା ତାମ୍ରପତ୍ର, ଅଭିଲେଖ ଏବଂ ଶିଳାଲେଖ ଏହି ଅଞ୍ଚଳର ଗୌରବମୟ ଏବଂ ସୁବର୍ଣ୍ଣ ଅତୀତର ସାକ୍ଷ୍ୟ ପ୍ରଦାନ କରେ । ଆଜି ମଧ୍ୟ ବୀରତ୍ୱର କାହାଣୀ କହି ଆସୁଥିବା ପାଳିଆମାନେ ଏହି ଭୂମିର ବୀରତ୍ୱର ପ୍ରମାଣ । ପ୍ରଭାସ ପାଟନ ଏବଂ ସୋମନାଥ ମନ୍ଦିରର ଇତିହାସ ସହିତ ଜଡ଼ିତ ଅନେକ ପ୍ରମାଣ ଏଠାରେ ବିଭିନ୍ନ ସ୍ଥାନରେ ମିଳିଛି । ସୋମନାଥ ଏବଂ ପ୍ରଭାସ ଅଂଚଳର ଶିଳାଲେଖ ଏବଂ ତମ୍ବା ଫଳକ ପ୍ରଭାସ ପାଟନ ସଂଗ୍ରହାଳୟରେ ସଂରକ୍ଷିତ ଅଛି । ଅନେକ ଆକ୍ରମଣ ସମୟରେ ଧ୍ୱଂସ ପାଇଥିବା ମନ୍ଦିରର ଅବଶେଷ ମଧ୍ୟ ସେଠାରେ ସଂରକ୍ଷିତ ଅଛି । ଏହି ସଂଗ୍ରହାଳୟ ବର୍ତ୍ତମାନ ପ୍ରାଚୀନ ସୂର୍ଯ୍ୟ ମନ୍ଦିରରେ କାର୍ଯ୍ୟ କରୁଛି । ଏପରି ଏକ ଐତିହାସିକ ଶିଳାଲେଖ ସଂଗ୍ରହାଳୟ ନିକଟ, ପୁରୁଣା ରାମ ମନ୍ଦିର ନିକଟ ଭଦ୍ରକାଳୀ ଫଳିଆରେ ରହିଛି । ଏହି ଶିଳାଲେଖ ଏବେ ବି ସୋମପୁରା ବ୍ରାହ୍ମଣ ଦୀପକଭାଇ ଡେଭଙ୍କ ଘର ପ୍ରାଙ୍ଗଣରେ ଅବସ୍ଥିତ ଭଦ୍ରକାଳୀ ମନ୍ଦିର କାନ୍ଥରେ ରହିଛି । ସଂଗ୍ରହାଳୟର ତତ୍ତ୍ୱାବଧାରକ ତେଜଲ ପରମାରଙ୍କ ଅନୁଯାୟୀ, ଏହି ଶିଳାଲେଖ ୧୧୬୯ ଖ୍ରୀଷ୍ଟାବ୍ଦରେ ଖୋଦିତ ହୋଇଥିଲା । ଏହାକୁ ରାଜ୍ୟ ପ୍ରତ୍ନତତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ କରାଯାଇଛି । ଏହି ଶିଳାଲେଖରେ ଅନହିଲୱାଡ ପାଟନର ରାଜା କୁମାରପାଳଙ୍କ ଗୁରୁ ଶ୍ରୀମଦ୍ ଭାବବ୍ରହସ୍ପତିଙ୍କ ପ୍ରଶଂସା କରାଯାଇଛି । ଏହି ଶିଳାଲେଖ ସୋମନାଥ ମନ୍ଦିରର ପୌରାଣିକ ଏବଂ ମଧ୍ୟଯୁଗୀୟ ଇତିହାସ ବର୍ଣ୍ଣନା କରେ । ଏଥିରେ କୁହାଯାଇଛି ଯେ, ସତ୍ୟଯୁଗରେ ଚନ୍ଦ୍ରଦେବ ସୁନାର ମନ୍ଦିର ନିର୍ମାଣ କରିଥିଲେ, ତ୍ରେତୟା ଯୁଗରେ ରାବଣ ରୂପାର ମନ୍ଦିର ନିର୍ମାଣ କରିଥିଲା, ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ କାଠର ମନ୍ଦିର ନିର୍ମାଣ କରିଥିଲେ ଏବଂ କଳିଯୁଗରେ ରାଜା ଭୀମଦେବ ସୋଲାଙ୍କି ଏକ ଚମତ୍କାର ପଥର ମନ୍ଦିର ନିର୍ମାଣ କରିଛନ୍ତି ।







## ପବିତ୍ର ମନରେ କରନ୍ତୁ ଆରାଧନା

ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ସକାଳେ ସ୍ନାନ କରି ସାରିବା ପରେ ଏମିତି କିଛି ବିଶେଷ କାମ ରହିଛି; ଯାହାକୁ କରିବା ଦ୍ୱାରା ଘରେ ସୁଖଶାନ୍ତି ବଢ଼ିବା ସହ ଧନ ମଧ୍ୟ ବୃଦ୍ଧି ହୋଇଥାଏ। ଯେମିତିକି: ପ୍ରତିଦିନ ସ୍ନାନ କରି ସାରିବା ପରେ ସୂର୍ଯ୍ୟ ନମସ୍କାର କରି ନିଜର ଇଷ୍ଟଦେବଙ୍କୁ ପବିତ୍ର ମନରେ ଆରାଧନା କଲେ ମନକୁ ଶାନ୍ତି ମିଳିବା ସହ ଘରେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥା'ନ୍ତି। ତା'ପରେ ତୁଳସୀ ଚଉଁରାରେ ଜଳ ଦେଇ ମୁଣ୍ଡିଆ ମାରିଲେ ଐଶ୍ୱର୍ଯ୍ୟ ବୃଦ୍ଧି ହୁଏ ବୋଲି ମାନ୍ୟତା ରହିଛି। ଏସବୁ କାର୍ଯ୍ୟ ପରେ ଘରର ଚାରିଆଡ଼େ ଗଙ୍ଗାଜଳ ଛିଞ୍ଚିଲେ ଘରେ ସୁଖଶାନ୍ତି ବୃଦ୍ଧି ପାଇବା ସହ ଆର୍ଥିକ ସ୍ଥିତି ସୁଧୁରିଥାଏ ବୋଲି ଲୋକବିଶ୍ୱାସ ରହିଛି। ଅନ୍ୟପକ୍ଷେ ସ୍ନାନ ପରେ ହଳଦୀ ପାଣି ବି ଘରସାରା ଛିଞ୍ଚିଲେ ଘରେ ସକାରାତ୍ମକ ଊର୍ଜାର ପ୍ରଭାବ ବୃଦ୍ଧି ପାଇଥାଏ ବୋଲି କୁହାଯାଏ। ସେହିପରି ସ୍ନାନ ପରେ ଘରେ ଲୁଣପାଣି ବି ଛିଞ୍ଚିଲେ ଘରୁ ନକାରାତ୍ମକ ଊର୍ଜା ନଷ୍ଟ ହୋଇଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥା'ନ୍ତି। ସ୍ନାନ ପରେ ଘରେ ଯେଉଁ ରୋଷେଇ କରାଯାଏ, ସେଥିରୁ କିଛି ଗାଈଙ୍କୁ ଖାଇବାକୁ ଦେଲେ ଶୁଭ ହୋଇଥାଏ। ସୁଖସମୃଦ୍ଧି ବୃଦ୍ଧି କରିବାରେ ଏହା ଅନେକ ସାହାଯ୍ୟ କରିଥାଏ ବୋଲି ବିଶ୍ୱାସ ରହିଛି।



## ଦଶରଥଙ୍କ ନୀତିଶିକ୍ଷା



ରାଜା ଦଶରଥ ନିଜ ୪ ପୁତ୍ରଙ୍କୁ ବରବେଶରେ ସଜାଇ ବରଯାତ୍ରୀ ଦଳ ସହିତ ମିଥିଳାପୁରୀରେ ଥିବା ରାଜା ଜନକଙ୍କ ଦ୍ୱାରରେ ପହଞ୍ଚିଲେ । ରାଜା ଜନକ ସମ୍ମାନପୂର୍ବକ ବରଯାତ୍ରୀଙ୍କୁ ସ୍ୱାଗତ କଲେ । ଏହି ସମୟରେ ରାଜା ଦଶରଥ ଆଗକୁ ଆସି ରାଜର୍ଷି ଜନକଙ୍କ ପାଦ ଛୁଇଁ ପ୍ରଣାମ କଲେ । ଚକିତ ହୋଇ ଜନକ ରାଜା ଦଶରଥଙ୍କୁ ଧରିନେଲେ ଏବଂ କହିଲେ, ମହାରାଜ ଆପଣ ବରପକ୍ଷର ମୁଖ୍ୟ । ତେଣୁ ଆପଣ ମୋ ଠାରୁ ଜ୍ୟେଷ୍ଠ । ଏଭଳି ପରିସ୍ଥିତି ଆପଣ ମୋର ପାଦ ଛୁଇଁବା ଅନୁଚିତ। ଏହାଶୁଣି ରାଜା ଦଶରଥ କହିଲେ, ମହାରାଜ ! ଆପଣ ଦାତା । କନ୍ୟାଦାନ କରୁଛନ୍ତି । ମୁଁ ଯାଚକ, ଆପଣ ଦାନସ୍ୱରୂପ ଦେଉଥିବା କନ୍ୟାକୁ ନେବା ଲାଗି ଆସିଛି । ଏଥର ଆପଣ କୁହନ୍ତି, ଦାତା ଏବଂ ଯାଚକ ମଧ୍ୟରେ ବଡ଼ କିଏ ? ଏକଥା ଶୁଣି ରାଜା ଜନକଙ୍କ ଆଖିରୁ ଅଶ୍ରୁ ଝରିପଡ଼ିଲା । ସେ କହିଲେ ଦଶରଥଙ୍କ ଭଳି ପରିବାରରେ କନ୍ୟାଦାନ କରୁଥିବାରୁ ମୁଁ ଭାଗ୍ୟବାନ । ପ୍ରତ୍ୟେକ କନ୍ୟାର ଭାଗ୍ୟରେ ପିତା ଥାଆନ୍ତି, କିନ୍ତୁ ପ୍ରତ୍ୟେକ ପିତାଙ୍କ ଭାଗ୍ୟରେ କନ୍ୟା ନ ଥାନ୍ତି ।

## ମୃତ୍ୟୁ ଅଭିଶାପ

ଘଟୋତ୍କଚ ଦ୍ରୌପଦୀଙ୍କ ପୁଅ ଭଳି ଥିଲେ। ସେଥିଲେ ଦ୍ରୌପଦୀଙ୍କର ସାବତ ପୁଅ । ଭୀମଙ୍କ ପ୍ରକୃତ ପୁଅ ହେଉଛନ୍ତି ଘଟୋତ୍କଚ । ଘଟୋତ୍କଚ ଦ୍ରୌପଦୀଙ୍କୁ ଅଧିକ ଭଲ ପାଇବା ସହିତ ତାଙ୍କର ଅତ୍ୟନ୍ତ ଯତ୍ନ ମଧ୍ୟ ନେଉଥିଲେ ଏବଂ ତାଙ୍କ ପାଇଁ ଆକାଶରୁ ତାରା ତୋଳିଆଣିବା ଭଳି କାମ କରିବାକୁ ମଧ୍ୟ ପ୍ରସ୍ତୁତ ହୋଇଯାଉଥିଲେ। ତେବେ ଏତେ ଭଲ ପାଉଥିବା ନିଜ ପୁଅ ଉପରେ ଏତେ ରାଗିଗଲେ କାହିଁକି ଯେ କିଛି ନ ଭାବି ତାଙ୍କୁ ମୃତ୍ୟୁର ଅଭିଶାପ ଦେଲେ। ଘଟୋତ୍କଚ ହେଉଛନ୍ତି ହିଡ଼ିମ୍ବା ଏବଂ ଭୀମଙ୍କ ପୁତ୍ର । ଯେତେବେଳେ ଦ୍ରୌପଦୀ ଅଭିଶାପ ଦେଇଥିଲେ ସେହି ସମୟରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଯେ ନିଜ ପୁଅକୁ କେଉଁ ମାତା ଏଭଳି ଅଭିଶାପ ଦେଇପାରେ ? ଦ୍ରୌପଦୀ ଭୀମ ଏବଂ ହିଡିମ୍ବାଙ୍କ ଏକମାତ୍ର ପୁତ୍ର ଘଟୋତ୍କଚଙ୍କୁ ଶୀଘ୍ର ମୃତ୍ୟୁ ପାଇଁ ଅଭିଶାପ ଦେଇଥିଲେ। ଅଭିଶାପରେ ସେ କହିଥିଲେ ଯେ ଘଟୋତ୍କଚଙ୍କ ମୃତ୍ୟୁ କେବଳ ଯୁଦ୍ଧରେ ହେବ ନାହିଁ ବରଂ ଯୁଦ୍ଧ ବିନା ମଧ୍ୟ ହେବ। ଜଣେ ସାହସୀ ପୁରୁଷ ପାଇଁ ଏହାଠାରୁ ବଡ଼ ଅଭିଶାପ ଆଉ କଣ ହୋଇପାରେ ? ତାଙ୍କୁ କୁହାଯିବ ଯେ ସେ ଯୁଦ୍ଧ ନକରି ଯୁଦ୍ଧରେ ମରିଯିବେ। କିନ୍ତୁ, ଯେତେବେଳେ ଘଟୋତ୍କଚ ପରେ ମୃତ୍ୟୁବରଣ କଲେ, ଦ୍ରୌପଦୀ ବହୁତ ଦୁଃଖିତ ହୋଇଥିଲେ।

# ସନାତନ ଧର୍ମ

**ଯାହାକୁ ପ୍ରାୟତଃ ହିନ୍ଦୁ ଧର୍ମର ମୂଳଦୁଆ ବୋଲି ବିବେଚନା କରାଯାଏ, ତାହା 'ଶାଶ୍ୱତ ଧର୍ମ' କିମ୍ବା 'ଚିରନ୍ତନ, ପ୍ରାଚୀନ ଜୀବନଶୈଳୀ' ଭାବରେ ଅନୁବାଦ କରାଯାଏ। ୫,୦୦୦ ବର୍ଷ ପୂର୍ବେ ବେଦରୁ ଭାରତରେ ଉତ୍ପତ୍ତି ହୋଇଥିଲା, ଏହା ଏକ ନିର୍ଦ୍ଦିଷ୍ଟ ପ୍ରତିଷ୍ଠାତା କିମ୍ବା ଏକକ ମତବାଦ ପରିବର୍ତ୍ତେ ସତ୍ୟ (ସତ୍ୟ), ଧାର୍ମିକତା ଏବଂ ଅହିଂସା (ଅହିଂସା) ପରି ନୀତି ଉପରେ ଆଧାରିତ ଏକ ଅଣ-ସାମ୍ପ୍ରଦାୟିକ, ପ୍ରାକୃତିକ ଏବଂ ସାର୍ବଜନୀନ ବିଶ୍ୱ ବ୍ୟବସ୍ଥା (ଧର୍ମ)କୁ ପ୍ରତିନିଧିତ୍ୱ କରେ।**

**ସନାତନ ଧର୍ମର ମୁଖ୍ୟ ଉପାଦାନ:**

ପରିଭାଷା: ସନାତନର ଅର୍ଥ 'ଆରମ୍ଭ କିମ୍ବା ଶେଷ ବିନା' କିମ୍ବା 'ଚିରନ୍ତନ', ଯେତେବେଳେ ଧର୍ମ 'ପ୍ରାକୃତିକ ନିୟମ,' 'ଧାର୍ମିକତା,' କିମ୍ବା 'କର୍ତ୍ତବ୍ୟ' କୁ ବୁଝାଏ। ଏହା ଭାରତର ସାମଗ୍ରିକ ଜୀବନଶୈଳୀ ଏବଂ ଆଧାତ୍ମିକ ପରମ୍ପରା।

**ମୂଳ ନୀତି:** ଏହା ବ୍ରହ୍ମାଣ୍ଡ ସହିତ ସମନ୍ୱୟ ରଖି, ନୈତିକ ଆଚରଣ ଏବଂ ଧାର୍ମିକତାକୁ ପାଳନ କରି ଜୀବନଯାପନ ଉପରେ ଗୁରୁତ୍ୱାରୋପ କରେ।

**ମୂଳ ବିଶ୍ୱାସ:** ଦର୍ଶନ କର୍ମ (କର୍ମ ଏବଂ ପରିଣାମ), ଆତ୍ମା (ଆତ୍ମା), ଏବଂ ମୋକ୍ଷ (ମୁକ୍ତି) ଭଳି ଧାରଣାରେ ମୂଳ।

**ଅନ୍ତର୍ଭୁକ୍ତି:** ଏହାକୁ ପ୍ରାୟତଃ ଏକ ପଥ ଭାବରେ ବର୍ଣ୍ଣନା କରାଯାଏ ଯାହା ବିଭିନ୍ନ ବିଶ୍ୱାସ, ଅଭ୍ୟାସ ଏବଂ ଆଧାତ୍ମିକ ସ୍ୱଭାବକୁ ସମାହିତ କରେ, ଯାହାକୁ ପ୍ରାୟତଃ ଖୋଲା ବାହୁ ସହିତ ଏକ 'ମାତୃ' ସଂସ୍କୃତି ଭାବରେ ଦେଖାଯାଏ।

**ନୈତିକ ମୂଲ୍ୟବୋଧ:** ଏହା ଅହିଂସା (ଅହିଂସା), ସତ୍ୟ (ସତ୍ୟ), କରୁଣା ଏବଂ ଆତ୍ମ-ସଂଯମ ଭଳି ସଦ୍ଗୁଣକୁ ପ୍ରୋତ୍ସାହିତ କରେ। ସୋସିଆଲ ମିଡିଆ ଅନୁଯାୟୀ, ସନାତନ ଧର୍ମ କେବଳ ଏକ ଧର୍ମ ନୁହେଁ ବରଂ ଏକ 'ଜୀବନଧାରଣା' ଯାହା ସମସ୍ତ ଜୀବ ଏବଂ ବ୍ରହ୍ମାଣ୍ଡର ପରସ୍ପର ସଂଯୁକ୍ତତା ଉପରେ ଗୁରୁତ୍ୱାରୋପ କରେ। ଏହାକୁ ପ୍ରାୟତଃ ମାନବତାକୁ ପରିଚାଳନା କରୁଥିବା 'ସାର୍ବଜନୀନ, ଅନନ୍ତ ସତ୍ୟ' ବଜାୟ ରଖି ନିଜର କର୍ତ୍ତବ୍ୟ (ସ୍ୱଧର୍ମ) ଅନୁସାରେ ଜୀବନଯାପନ ପାଇଁ ଏକ ମାର୍ଗଦର୍ଶିକା ଭାବରେ ବିବେଚନା କରାଯାଏ।



## -ଭୀମ ରୂପେ ଶ୍ରୀଲୋକନାଥ-

ଶ୍ରୀଜଗନ୍ନାଥ ମନ୍ଦିରର ପଶ୍ଚିମରେ ପ୍ରାୟ ୨ କିଲୋମିଟର ଦୂରରେ ଶ୍ରୀଲୋକନାଥ ମନ୍ଦିର ଅବସ୍ଥିତ। ଶ୍ରୀଲୋକନାଥ ପଞ୍ଚପାଣ୍ଡବଙ୍କ ମଧ୍ୟରେ ରାମ ରୂପରେ କଳ୍ପିତ। ମନ୍ଦିରଟି ପ୍ରାୟ ୧୦ ଏକର ଜମି ପରିମିତ ସ୍ଥାନରେ ସୁଦୀର୍ଘ ପ୍ରାଚୀର ଦ୍ୱାରା ପରିବେଷ୍ଟିତ। ବେଢ଼ା ସମ୍ମୁଖରେ ପାର୍ବତୀ ସାଗର ନାମକ ଜଳାଶୟ ରହିଛି। ଏହି ଜଳାଶୟର ପତ୍ତନ ସହିତ ମନ୍ଦିରର ଲିଙ୍ଗ ବିଜେ କରିଥିବା ଜଳ ପତ୍ତନ ସମାନ ରୁହେ। କଥିତ ଅଛି ତ୍ରେତୟା ଯୁଗରେ ଜନପଦୀୟ ଲୋକେ ଦେଇଥିବା ଏକ ଲାଉକୁ ଶ୍ରୀରାମଚନ୍ଦ୍ର ଏଠାରେ ଶିବ ଲିଙ୍ଗ ରୂପେ ପୂଜା କରିଥିଲେ। ପରବର୍ତ୍ତୀ କାଳରେ ଏହା ଲାଉକେଶ୍ୱର ରୂପେ ପୂଜିତ ହେଲେ। ଲାଉକେଶ୍ୱର ହିଁ ଜନମାନସରେ ଲୋକମାନଙ୍କ ନାଥ ଅର୍ଥାତ୍ ଲୋକନାଥ ମହାଦେବ ଭାବେ ପରିଚିତ ହୋଇଆସିଛନ୍ତି।

ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ବର୍ଷତମାମ ଜଳମଗ୍ନ ହୋଇ ରହିଥାନ୍ତି। ଫାଲଗୁନ କୃଷ୍ଣ ଏକାଦଶୀ ପଙ୍କୋଦ୍ଧାର ପରେ ଦିବ୍ୟ ଲିଙ୍ଗଙ୍କ ଦର୍ଶନ ମିଳେ। ଏବେର ପରିଦୃଶ୍ୟମାନ ମନ୍ଦିର ଭୌମକର ବଂଶୀୟ ରାଜାମାନଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା। ବର୍ତ୍ତମାନ ମନ୍ଦିର ପରିଚାଳନା ଦାୟିତ୍ୱ ଟ୍ରଷ୍ଟବୋର୍ଡ଼ ଉପରେ ନ୍ୟସ୍ତ ରହିଛି। ଏଠାରେ ପଣ୍ଡା ଓ ମହାପାତ୍ରମାନେ ସେବକ ଭାବେ କାମ କରୁଛନ୍ତି। ପଣ୍ଡା ଶ୍ରୀଲୋକନାଥଙ୍କ ସେବା ସହ ଯମେଶ୍ୱର ଓ ବାଟ ଲୋକନାଥ ଏବଂ ମହାପାତ୍ରମାନେ ଶ୍ରୀଲୋକନାଥଙ୍କ ସେବା ସହ ଯମେଶ୍ୱର ଓ ବିମଳାଙ୍କ ସେବା କରିଥାନ୍ତି। ଏମାନଙ୍କ ବ୍ୟତୀତ ମାଳି ସେବକ ମଧ୍ୟ ରହିଛନ୍ତି। ଶ୍ରୀଲୋକନାଥଙ୍କ ଉପରେ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ସୁରକ୍ଷା ଦାୟିତ୍ୱ ରହିଛି। ଏଠାରେ ବଲ୍ଲଭ, ସକାଳଧୂପ, ମଧାହ୍ନ ଧୂପ, ସନ୍ଧ୍ୟାଧୂପ, ବଡ଼ସିଂହାର ନୀତି ହୋଇଥାଏ। ବିଶେଷ ପର୍ବ ଭାବେ ଶମ୍ଭୁ ଏକାଦଶୀ ପାଳନ କରାଯାଏ। ସୋମବାର ଦିନ ଏକାଦଶୀ ପଡ଼ିଲେ ଶମ୍ଭୁ ଏକାଦଶୀ ହୁଏ। ଏହି ଦିନ ଶ୍ରୀମନ୍ଦିରରେ ସମନ୍ୱୟାତ୍ମକ ନୀତି ଅନୁଷ୍ଠିତ ହୁଏ। ଏହା କେବଳ ପୁରୀ ଜଗନ୍ନାଥ ଓ ଲୋକନାଥଙ୍କ ମଧ୍ୟରେ ସମାହିତ ହୁଏ। ଶିବ ଚତୁର୍ଦ୍ଦଶୀରେ ଲୋକନାଥ ମନ୍ଦିରରେ ସମନ୍ୱୟାତ୍ମକ ନୀତି ହୋଇଥାଏ। ଏହା ହରିହର ପୂଜା ଭାବେ ବିଦିତ। ଶ୍ରୀଲୋକାନାଥ ମଧ୍ୟ ପଞ୍ଚପାଣ୍ଡବ ଭାବେ ଚନ୍ଦନଯାତ୍ରାରେ ସମ୍ମିଳିତ ହୁଅନ୍ତି। ବୈଶାଖ ଶେଷ ସୋମବାର ଏଠାରେ ସରନ୍ତି ସୋମବାର ମହୋତ୍ସବ ଅନୁଷ୍ଠିତ ହୁଏ। ଓଡ଼ିଶାର ଗ୍ରାମାଞ୍ଚଳରୁ ଶତାଧିକ ଭକ୍ତ ଏଠାରେ ପହଞ୍ଚି ନୂଆଧାନରେ ଚୁଡ଼ାଘଷା ପ୍ରସ୍ତୁତ କରି ଭୋଗ ଲଗାଇଥାନ୍ତି। ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ପୀଠରେ ପ୍ରସିଦ୍ଧ ଜାଗରମେଳା ଅନୁଷ୍ଠିତ ହୋଇଥାଏ। ଶ୍ରାବଣ ମାସର ପ୍ରତି ସୋମବାର ଭାରତର ବିଭିନ୍ନ ପ୍ରାନ୍ତରୁ ପବିତ୍ର ନଦୀଜଳ ଧରି ପାଦରେ ଚାଲି ଚାଲି କାଉଡିଆମାନେ ଜଳାଭିଷେକ ନିମନ୍ତେ ପୀଠରେ ପହଞ୍ଚିଥାନ୍ତି।





## ଧରିତ୍ରୀ ମାତାର ସୁରକ୍ଷା ପାଇଁ ସମାଜ ସଚେତନ ହେବା ଆବଶ୍ୟକ

ବଡ଼ସାହି,(ନିପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ଦ୍ୱାରା ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଛି । ଇକୋ କ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି – ଚୈତନ୍ୟ ପ୍ରସାଦ ସିଂ ପୂର୍ବତନ ସରପଞ୍ଚ, ମୁଖ୍ୟବକ୍ତା ବିଜୟ ଭାସ୍କର ମହାଳିକ ବିଜ୍ଞାନ ଶିକ୍ଷକ,



ସମ୍ମାନିତ ଅତିଥି – ଉମାକାନ୍ତ ସାସମଲ କଳା ଶିକ୍ଷକ ଯୋଗଦେଇ ଥିଲେ । ଧରିତ୍ରୀ ମାତାର ସୁରକ୍ଷା ପାଇଁ ସମାଜ ସଚେତନ ହେବା ଆବଶ୍ୟକ । ବିଜ୍ଞାନ ଯୁଗରେ ଅତ୍ୟାଧୁନିକ ଜୀବନ ଶୈଳୀ, ରାସ୍ତା ପ୍ରଶସ୍ତି କରଣ, କଳକାରଖାନା, ନୂତନ ଘର ନିର୍ମାଣ ପାଇଁ ବୃକ୍ଷ କଟାଯିବା ସହିତ କୃଷି କ୍ଷେତ୍ରରେ ରାସାୟନିକ ସାର ଓ ଔଷଧ ପ୍ରୟୋଗ ଯୋଗୁଁ ପରିବେଶ ସନ୍ତୁଳନ ଭାରସାମ୍ୟ ହରାଇ ବସିଛି । ପ୍ଲାଷ୍ଟିକ ଓ ଅଳିଆ ଆବର୍ଜନାର ବ୍ୟବହାର ଉପରେ ଜନ ସାଧାରଣ ସଚେତନା ରହିବା ଦରକାର । ଜନ, ଜଙ୍ଗଲ ଓ ଜଳ ସହିତ ଧରିତ୍ରୀ ମାତାର ସମ୍ପର୍କ ସୁରକ୍ଷା ଉପରେ ଯୁବପିଢି ଓ ଛାତ୍ରଛାତ୍ରୀ ଆଗକୁ ଆସିଇ ଆସି ପରିବେଶକୁ ସୁରକ୍ଷା କରିବା ନିତ୍ୟାନ୍ତ ଜରୁରୀ ଅଟେ। ନିଜ ନିଜ ଜମିରେ ଜନ୍ମ ଦିନ, ବିବାଘର, ସୁଧଘର ଓ ଅନ୍ୟାନ୍ୟ ଦିବସକୁ ସ୍ମରଣୀୟ କରିବା ପାଇଁ ଗୋଟିଏ ଗୋଟିଏ ବୃକ୍ଷ ଲଗାଇବା ପାଇଁ ଅତିଥିବୃନ୍ଦ ସମସ୍ତଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜଗଦୀଶ ଜେନା, ରାଜକିଶୋର ସିଂ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ମା' ମଙ୍ଗଳାଙ୍କ ମହାଯଜ୍ଞ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ହାଟବଜାର ସ୍ଥିତ ମା' ମଙ୍ଗଳାଙ୍କ ପୀଠରେ ଚଳିତ ବୈଶାଖ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ଅର୍ଥାତ୍ ଆସନ୍ତା ଅପ୍ରେଲ ୨୯ ଓ ୩୦ ତାରିଖରେ ମା'ଙ୍କର ଦଶମ ବାର୍ଷିକ ମହାଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଅଞ୍ଚଳରେ ଉତ୍ସାହର ପରିବେଶ ଦେଖାଦେଇଛି।ମା' ମଙ୍ଗଳା ପୂଜା କମିଟି ଓ ନିରାକାରପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ୨୯ ତାରିଖରେ ପବିତ୍ର ଅଙ୍କୁରାରୋପଣ କାର୍ଯ୍ୟକ୍ରମ ସହ ଯଜ୍ଞର ଶୁଭାରମ୍ଭ କରାଯିବ।୩୦ ତାରିଖରେ ଦ୍ୱିତୀୟ ଦିନରେ କଳସ ଯାତ୍ରା, ସୂର୍ଯ୍ୟ ପୂଜା, ଦେବୀ ଅର୍ଚ୍ଚନା, ଚଣ୍ଡୀପାଠ ଏବଂ ମହାଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ସନ୍ଧ୍ୟା ୮ ଘଟିକା ସମୟରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।ଧାର୍ମିକ କାର୍ଯ୍ୟକ୍ରମ ସହିତ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଛି।

## ମେ ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,(ନିପ୍ର): କଟକ ଜିଲ୍ଲା ଆଇନସେବା ପ୍ରାଧୀକରଣ ଓ ସମସ୍ତ ତାଲୁକ ଆଇନସେବା କମିଟି ପରିସରରେ ଆସନ୍ତା ୦୯.୦୫.୨୦୨୬ ଶନିବାର ପୂର୍ବାହ୍ନ ୧୦ ଘଟିକା ସମୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମକୋଦ୍ଦମା ଯଥା ସମାଧାନଯୋଗ୍ୟ ଟ୍ରାଫିକ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ମୋଟର ଯାନ ଜନିତ ଦୁର୍ଘଟଣା, ଶ୍ରମବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ଆଦି ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଲୋକ ଅଦାଲତରେ ମକୋଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ। ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।

## ଛତୁଆ ମିଶ୍ରଣ ଦିବସ

କୃଷ୍ଣପ୍ରସାଦ,(ନିପ୍ର): ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରତି ମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତି କେନ୍ଦ୍ର ରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତି ରେ ଛତୁଆ ମିଶ୍ରଣ ଦିବସ କରାଯାଇଛି । ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ର ସିଡିପିଓ ମନୋରମା ମହାପାତ୍ରଙ୍କ ତତ୍ୱବଧାନରେ ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଯାଇଛି । ମା ହରଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ସିଆଣ୍ଡି ଛତୁଆ ପ୍ରସ୍ତୁତି କେନ୍ଦ୍ର ରେ ସଂଗଠନ ର ମହିଳା ମାନେ ମୁହଁରେ ମାସ୍କ ଲଗାଇବା ସହିତ ପରିଷ୍କାର ପରିଛନ ହୋଇ ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ ।

## ଆଠଗଡ଼ରେ ପ୍ରକଳ୍ପସ୍ତରୀୟ ଅଷ୍ଟମ ପୋଷଣ ପକ୍ଷ

ଆଠଗଡ(ନିପ୍ର): ଆଠଗଡ଼ରେ ପ୍ରକଳ୍ପସ୍ତରୀୟ ଅଷ୍ଟମ ପୋଷଣ ପକ୍ଷ -୨୦୨୬ ଆଠଗଡ଼ ବ୍ଲକ କାର୍ଯ୍ୟାଳୟ ସ୍ଥିତ ମିଶନ ଶକ୍ତି ଭବନରେ ଆଜି ପୂର୍ବାହ୍ନ ୯ଘଟିକା ସମୟରେ ପାଳିତ ହୋଇଯାଇଛି। ଏହି ପୋଷଣ ପକ୍ଷ ପାଳନ ପରିପ୍ରେକ୍ଷୀରେ ସିଡ଼ିପିଓ ନିବେଦିତା ରାୟ ପୋଷଣ ପକ୍ଷ ପାଳନର ଉଦ୍ଦେଶ୍ୟ ତଥା ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମଗ୍ରିକ ବିକାଶ ସହିତ ପୋଷଣର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ।

# ଜନଜାତି ମହିଳା ଆଗକୁ ଆସିବା ନେଇ ସଚେତନତା

ରାଉରକେଲା,(ନିପ୍ର): ନାରୀ ଶକ୍ତି ବନ୍ଦନ ଅଧିନିୟମ ଚିଠା ପ୍ରସ୍ତାବ ଲୋକସଭାର ଭୋଟିଂରେ ନାକଚ ହୋଇଯିବା ପରେ, ଭାରତୀୟ ଜନତା ପାର୍ଟି ପକ୍ଷରୁ ଓଡିଶାର ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ବିପକ୍ଷରେ ଥିବା ବିରୋଧୀ ଦଳଙ୍କ ଅସହଯୋଗ ଏବଂ ଆକ୍ରୋଶ ଉପରେ ସୂଚନା ଦିଆଯାଉଛି।

ରାଉରକେଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ବ୍ରାହ୍ମଣୀ କ୍ଲବ ଠାରେ ନାରୀଶକ୍ତି ବନ୍ଦନ ଅଧିନିୟମକୁ ବିରୋଧି ଦଳଙ୍କ ଭୂମିକାକୁ ନେଇ ଏହି ସାମ୍ବାଦିକ ସମ୍ମିଳନୀରେ ନାରୀ ନେତ୍ରୀ ତଥା ଓଡିଶା ବିଧାନସଭାର ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବାଙ୍ଗିରିପୋଷି ବିଧାୟିକା ସଂଜଳି ମୁର୍ମୁ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ରାଜ୍ୟ ଅଳ୍ପ ସଂଖ୍ୟକ ମୋର୍ଚ୍ଚା ସଭାପତି ଗୁରିନ୍ଦର ସିଂ, ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ କମିଶନର ସଦସ୍ୟା କଳ୍ପନା ଲେଙ୍କା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ଦାସ, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।




ଲୋକସଭାରେ ମହିଳା ବିଲ୍, ନାରୀଶକ୍ତି ବନ୍ଦନ ଅଧିନିୟମ ସମେତ ଡି ଲିମିଟେସନ ବିଲ୍ (ଚିଠା ପ୍ରସ୍ତାବ) ଭୋଟିଂରେ ନାକଚ ହୋଇଯାଇଥିଲା। ନାରୀଶକ୍ତି ବନ୍ଦନ ଅଧିନିୟମ, ଅନ୍ୟ ଦୁଇଟି ବିଲ୍ ସହିତ ଭୋଟିଂରେ କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧୀ ଦଳର ବିରୋଧ ଯୋଗୁଁ ଲୋକସଭାରେ କାଟ ଖାଇଯାଇଥିବାରୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏହାକୁ ସମାଲୋଚନା କରାଯାଇଛି। ଓଡିଶା ବିଧାନସଭାର ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଭାରତର ସଂସଦରେ ମହିଳାଙ୍କ ସାଂସଦଙ୍କ ସଂଖ୍ୟା କମ୍ ଥିଲାବେଳେ ଓଡିଶା ବିଧାନସଭାର ୧୪୭ ଆସନ ମଧ୍ୟରୁ ୧୧ ଜଣ ମହିଳା ବିଧାୟିକା ଅଛନ୍ତି, ଯାହା ମହିଳାଙ୍କୁ ପ୍ରତିନିଧିତ୍ୱ ଦେବା ପାଇଁ ନଗଣ୍ୟ ହୋଇଛି। ମହିଳା ବିଲ୍ ସହ ନାରୀଶକ୍ତି ବନ୍ଦନ ଅଧିନିୟମ ଦ୍ୱାରା ମହିଳାଙ୍କୁ ଲୋକସଭା ଏବଂ ବିଧାନସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଦ୍ୱାରା ହୋଇପାରିବ ବୋଲି ବିଶ୍ୱାସ କରାଯାଏ। ନାରୀଶକ୍ତି ବନ୍ଦନ ଅଧିନିୟମ ଦ୍ୱାରା ମହିଳାଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ବିଭିନ୍ନ ସ୍ଥାନରେ ସାମ୍ବାଦିକ ସମ୍ମିଳନୀ କରାଯାଇ ଏ ବିଷୟରେ ସଚେତନତା ସୃଷ୍ଟି କରାଯାଉଛି।

ସେହିପରି ବାଙ୍ଗିରିପୋଷି ବିଧାୟିକା ସଂଜଳୀ ମୁର୍ମୁ କହିଥିଲେ ଯେ, ବିରୋଧୀ ଦଳମାନେ ଚାହାଁନ୍ତି ନାହିଁ ଯେ ମହିଳାମାନେ ଆଗକୁ ଆସନ୍ତୁ। ମହିଳା ତଥା ଜନଜାତି ମହିଳା କିପରି ଆଗକୁ ଆସିପାରିବେ ଏ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଜିର ଏହି ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଛି। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ଦାସ ନାରୀଶକ୍ତି ବନ୍ଦନ ଅଧିନିୟମକୁ ନେଇ ବିରୋଧୀ ଦଳର ବିରୋଧକୁ ନିନ୍ଦା କରିଥିଲେ। ଶେଷରେ ଜିଲ୍ଲା ବିଜେପି ମୁଖପାତ୍ର ଗଙ୍ଗାଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## କୁମ୍ଭୀର କାନ୍ଦଣା ବନ୍ଦ କରନ୍ତୁ ସରକାର : କଂଗ୍ରେସ

କେନ୍ଦୁଝର,(ନିପ୍ର): ପିସିସି ନିର୍ଦ୍ଦେଶକ୍ରମେ ସମସ୍ତ ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ୨୦୧୧ ଜନଗଣନା ଅନୁସାରେ ମହିଳା ସଂରକ୍ଷଣ କରିବାର ଥିଲା ନାରୀଶକ୍ତି ବନ୍ଦନ ଅଧିନିୟମ ନାମରେ ପାରିତ କରାଗଲାନି କାହିଁକି ? ସରକାରଙ୍କୁ ଜନମତ ଥିଲା ସଂସଦରେ ୧୩୧ ତମ ସମ୍ବିଧାନ ସଂଶୋଧନ ଆଇନ ପାରିତ ହେବାକୁ ଦୁଇ ତୃତୀୟାଂଶ ସଦସ୍ୟଙ୍କର ସମର୍ଥନ ଲୋଡ଼ା, କିନ୍ତୁ ଏହି ବିଲ୍ କାହିଁକି ପାରିତ କରୁଥିଲେ କଣ ପାଇଁ ? କିଛି ଖରାପ ଉଦ୍ଦେଶ୍ୟ ଥିଲା କି ? ଏବଂ ଅଯଥାରେ ସୀମା ନିର୍ଦ୍ଧାରଣ ବିଲ ଆଗତ କରି ଲୋକହସା ହେବା ଦୁର୍ଭାଗ୍ୟଜନକ । ବିଜେପି ସରକାର କୁମ୍ଭୀର କାନ୍ଦଣା ବନ୍ଦ କରୁ ବୋଲି ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ସ୍ଥାନୀୟ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ କହିଛନ୍ତି । ଏଥିରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ମନୋଜ କୁମାର ଜେନା, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ବିଧାୟକ ଇଂ ସୁବର୍ଣ୍ଣ ନାଏକ, ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ସଦର ବିଧୟିକା ପ୍ରାର୍ଥୀ ପ୍ରତିଭା ମଞ୍ଜରୀ ନାଏକ, ମହିଳା ନେତ୍ରୀ ସବିତା ସାହୁ, ଜିଲ୍ଲା ଉପସଭାପତି ଲଳିତ ମୋହନ ନାୟକ,ଚିତ୍ତରଞ୍ଜନ ପାତ୍ର, କଂଗ୍ରେସ ନେତା ସୁଢଳ ସେଠି,ଦିନେଶ ରାଉତ, ରତ୍ନାକର ଜେନା ଏବଂ ସମସ୍ତ ବ୍ଲକ ସଭାପତିମାନେ ଉପସ୍ଥିତ ଥିଲେ ।

## 'ପ୍ରଥମେ ସୀମା ନିର୍ଦ୍ଧାରଣ, ପରେ ଜନଗଣନା ହେବା କଥା'

ରାୟଗଡା,(ନିପ୍ର): ପ୍ରଦେଶ କଂଗ୍ରେସ କମିଟି ମହିଳା ଶାଖା ପକ୍ଷରୁ ଜିଲ୍ଲାସ୍ତରୀୟ ସାମ୍ବାଦିକା ସମ୍ମିଳନୀ, ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଜେପି ସରକାର ବିଫଳ ହୋଇଛି । ୨୦୨୩ ମସିହାରେ ମହିଳାଙ୍କ ସଂରକ୍ଷଣ ପାଇଁ ବିଲ୍ ପାସ୍ ହୋଇଥିଲେ ହେଁ ତାକୁ କାର୍ଯ୍ୟକାରୀ କରିବା ପାଇଁ ମୋଦୀ ସରକାର ବିଫଳ ହୋଇଛି ବୋଲି ପ୍ରଦେଶ କଂଗ୍ରେସ କମିଟି ମହିଳା ଶାଖା ଶଭାନେତ୍ରୀ ମୀନାକ୍ଷୀ ବାହିନୀପତି ରାୟଗଡାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଦେଶରେ ମହିଳା ମାନଙ୍କୁ ସରକାର ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରଥମେ ସୀମା ନିର୍ଦ୍ଧାରଣ ଓ ପରେ ଜନଗଣନା ହେବା କଥା। କିନ୍ତୁ ସରକାର ନିଜ ସ୍ୱାର୍ଥକୁ ସବୁବେଳେ ଗୁରୁତ୍ୱ ଦେଇଆସିଛି ବୋଲି ଅଭିଯୋଗ କରିଛନ୍ତି । ତେବେ ଏହି ବାର୍ତ୍ତାକୁ କଂଗ୍ରେସ ଦଳ ଘରେ ଘରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡା ବିଧାୟକ ଆପାଲୁସ୍ୱାମୀ କାଡ୍ରାକା, ପ୍ରଦେଶ କଂଗ୍ରେସ କମିଟି ମହିଳା ଶାଖା ଉପସଭାନେତ୍ରୀ ରତ୍ନମଣୀ ଉଲାକା, ପିସିସି ସଂପାଦକ ଦୁର୍ଗାପ୍ରସାଦ ପଣ୍ଡାଙ୍କ ସମେତ ଅନ୍ୟ ବରିଷ୍ଠ ନେତା ମାନେ ଉପସ୍ଥିତ ଥିଲେ।




## ମହାପୁରୁଷଙ୍କ ବିଜେସ୍ଥଳୀ ମାଣିଖଣ୍ଡିରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ



ଡେରାବିଶ,(ନି.ପ୍ର) : ଡେରାବିଶ ଅଞ୍ଚଳର ବାଲିଆ ଗ୍ରାମରେ ଐତିହାସିକ ଶ୍ରୀ ଶ୍ରୀ ମାଣିଖଣ୍ଡି ମହାପୁରୁଷଙ୍କ ବିଜେସ୍ଥଳି । ଏହି ପୀଠରେ ଅତୀତରେ ପୂର୍ବପୁରୁଷମାନେ ଏକାଧିକବାର ଯଜ୍ଞ ଅନୁଷ୍ଠିତ କରିବାର ବହୁ ପ୍ରମାଣ ରହିଛି । ପାରମ୍ପରିକ ରୀତି ଓ ନୀତିକୁ ଅଗ୍ରାଧିକାର ଦେଇ ଉକ୍ତ ଯଜ୍ଞ ଅନୁଷ୍ଠାନ ପ୍ରାୟ ଶହେ ବର୍ଷ ହେବ ନିରବଚ୍ଛିନ୍ନ ଭାବେ ସ୍ଥାନୀୟ ଭଗବତପ୍ରେମୀଙ୍କ ଦ୍ୱାରା ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ମଧ ପବିତ୍ର ଅକ୍ଷୟ ତୃତୀୟା ଠାରୁ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେଉଛି । ଏହା ସାତଦିନ ଧରି ଉକ୍ତ ସ୍ଥାନରେ ଅନୁଷ୍ଠିତ ହେଉଛି। ଏଥିରେ କର୍ତାଭବେ ବରେନ୍ଦ୍ର ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ନଳିନୀ ମହାନ୍ତି ଯଥା ରୀତି ସହ ଯଜ୍ଞରେ ଉପସ୍ଥିତ ରହିଛନ୍ତି । ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା ଓ ତାଙ୍କ ସାଥୀ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ ପୂଜା ଅନୁଷ୍ଠିତ ହେଉଛି । ନାପିତ ଅନନ୍ତ ବାରିକ ପୂଜା କାର୍ଯ୍ୟରେ ତାଙ୍କ ସହଯୋଗ ପ୍ରଦାନ କରୁଛନ୍ତି । ମାଣିଖଣ୍ଡି ପୀଠ ବାଲିଆ, ଗୋଲରାହାଟ ଓ ଲକ୍ଷ୍ମୀନାରାୟଣପୁର ତିନୋଟି ପଞ୍ଚାୟତର କେନ୍ଦ୍ର ସ୍ଥଳୀ ହୋଇଥିବାରୁ ତିନି ପଞ୍ଚାୟତରୁ ହଜାର ହଜାର ଭଗବତ ପ୍ରେମୀଙ୍କ ଜନସମାଗମ ହୋଇଥାଏ । ପ୍ରତିଦିନ ଏଠାରେ ଅନ୍ନଛତ୍ର କାର୍ଯ୍ୟକ୍ରମ କରାଯାଉଛି । ଯଜ୍ଞ ସପ୍ତମ ଦିନ ଅର୍ଥାତ ଆସନ୍ତା ରବିବାର ଦିନ ପୂର୍ଣ୍ଣାହୁତି ହେବ । ଉକ୍ତ ଦିନ ପ୍ରତିବର୍ଷ ପରି ହଜାର ହଜାର ଭକ୍ତଙ୍କ ସମାବେଶ ହେବ ତେଣୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଛି । ଏହି ମାଣିଖଣ୍ଡି ମଠ ଯଜ୍ଞ ଅନୁଷ୍ଠାନର ସଭାପତି ବନମାଳୀ ପ୍ରସାଦ ଦ୍ୱିବେ ଓ ସମ୍ପାଦକ ଅନିରୁଦ୍ଧ ବେହେରା ତଥା ତାଙ୍କ ସହଯୋଗୀ ବ୍ରଜସୁନ୍ଦର ମହାନ୍ତି, ବିଭୁପ୍ରସାଦ ବେହେରା, ପରମାନନ୍ଦ ବେହେରା, ସୁରେନ୍ଦ୍ର ମହାନ୍ତି, କୁଳମଣୀ ବେହେରା, ଜ୍ଞାନେନ୍ଦ୍ର ସାହୁ, ଅକ୍ଷୟ ମହାନ୍ତି, ପ୍ରମୋଦ ମହାପାତ୍ର, ଚିତ ରଞ୍ଜନ ତ୍ରିପାଠୀ, ମହେଶ୍ୱର ମଲ୍ଲିକ, ବଂଶୀଧର ମଲ୍ଲୀକ ପ୍ରମୂଖ ସକ୍ରୀୟ ରହି ଉକ୍ତ କାର୍ଯ୍ୟକ୍ରମକୁ ଶାନ୍ତି ଓ ଶୃଙ୍ଖଳା ସହିତ ବ୍ୟବସ୍ଥିତ କରୁଛନ୍ତି ।

## ଆସିକାରୁ ମୋଟ ୨୪ ଦମ୍ପତି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମିଲ

ଆସିକା, (ନିପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଅଞ୍ଚଳର ଗରିବ ଶ୍ରେଣୀର ଝିଅମାନଙ୍କୁ ଉପହାର ସ୍ୱରୂପ ସମାନଙ୍କର ବିବାହ ଖର୍ଚ୍ଚ ବହନ କରିଛନ୍ତି ରାଜ୍ୟ ସରକାର । ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ଝିଅମାନଙ୍କର ଗଣ ବିବାହ ଉପହାର ପାଇଁ ସେମାନଙ୍କୁ ସରକାର ଯୋଜନା ସାମିଲ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ଝିଅ ଜନ୍ମ ଏକ ଆଶୀର୍ବାଦ ଅଭିଶାପ ନୁହେଁ, ଆମେ ସେମାନଙ୍କର ସ୍ୱପ୍ନ ପୁରଣ କରିବା ଉଚିତ । ଓଡ଼ିଆ ପ୍ରଥା ଓ ପରମ୍ପରାରେ ବିବାହ ବ୍ୟୟବହୁଳ ହୋଇଥିବାରୁ ବହୁ ଗରିବ ପରିବାର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ପରିପେକ୍ଷୀରେ ଆସିକା ବ୍ଲକ ଆସିକା ଶିଶୁ ମଙ୍ଗଳ ଅଧିକାରୀ ଶାନ୍ତି କରସୁଧା ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ୧୪ ଜଣ ନବ ଦମ୍ପତିଙ୍କୁ ଆସିକା ଉପ ନିବନ୍ଧକ କାର୍ଯ୍ୟାଳୟ ରେ ବିବାହ ନିମନ୍ତେ ଆବଶ୍ୟକ କାର୍ଯ୍ୟକ୍ରମ ସମ୍ପାଦନ ହୋଇଛି । ଆସିକା ବ୍ଲକ ର ୧୧ ଗୋଟି ସେକ୍ଟରରୁ ୧୪ ଜଣ ବର ବଧୂ ଙ୍କୁ ଉପ ନିବନ୍ଧକ ତଥା ବିବାହ ଅଧିକାରୀ ସମରଜୀତ ତ୍ରିପାଠୀ ବିବାହ ନିମନ୍ତେ ପଞ୍ଜିକରଣ କରିଥିଲେ । ପ୍ରତ୍ୟେକ ବର କନ୍ୟାଙ୍କ ପକ୍ଷରୁ ୦୩ ଜଣ ଙ୍କ ସାକ୍ଷ ପ୍ରମାଣଙ୍କୁ ଆଧାର କରି ବିବାହ ନିମନ୍ତେ ସ୍ଥିର କରାଯାଇଛି। ଜିଲ୍ଲା ପ୍ରଶାସନ ଙ୍କ ନିର୍ଦ୍ଦେଶ କ୍ରମେ ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ମା ଭୈରବୀଙ୍କ ପୀଠରେ ଗୋଟିଏ ଦମ୍ପତି ସାମୁହିକ ବିବାହରେ ଅନ୍ତର୍ଭୁକ୍ତ ହୋଇଥିଲେ । ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ କନ୍ୟା ମାନଙ୍କୁ ୪୫ ହଜାର ଟଙ୍କାର ଆର୍ଥିକ ସହାୟତା ସହିତ ବେଦୀ ଖର୍ଚ୍ଚ ପାଇଁ ୦୬ ହଜାର ଦେବାର ସୁବିଧା ରହିଛି । ଆଜିର କାର୍ଯ୍ୟକ୍ରମରେ ଆସିକା ସିଡିପିଓ କାର୍ଯ୍ୟାଳୟରପ୍ରକଳ୍ପ ପରିଦର୍ଶିକା ରଂଯୁକ୍ତା ସ୍ୱାଇଁ, ପ୍ରମିଳା ସାହୁ, ବିଷ୍ଣୁପ୍ରିୟା ଜାନି ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶ ଥାଉକି ଏଥି ପୂର୍ବରୁ ଗତ ଫେବୃଆରୀ ମାସରେ ୧୦ଜଣ ଦମ୍ପତିକୁ ମା ତାରାତାରିଣୀ ପୀଠରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାମୁହିକ ବିବାହ କରାଯାଇଥିଲା।

# କଟକରେ ଜନଗଣନା କାର୍ଯ୍ୟ ତ୍ୱରାନ୍ୱିତ



କଟକ,(ନିପ୍ର): ୨୦୨୭ ଜନଗଣନାକୁ ସ୍ୱଚ୍ଛ, ସଠିକ ଏବଂ ସୁଚାରୁରୂପେ ସଂପାଦନ କରିବା ଲକ୍ଷ୍ୟରେ କଟକ ଜିଲ୍ଲାରେ ଗୃହ ଗଣନା କାର୍ଯ୍ୟ ଜାରି ରହିଛି । ଏହି ପର୍ଯ୍ୟାୟରେ କଟକ ଜିଲ୍ଲାରେ ବିଶେଷ ଅଗ୍ରଗତି ଦେଖିବାକୁ ମିଳୁଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବଂ ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସଙ୍କ ସହପରିଚାଳନା ଓ ପ୍ରସାଶନିକ ତଦାରଖରେ ଏହି କାର୍ଯ୍ୟ ସଫଳତାର ସହ ତ୍ୱରାନ୍ୱିତ ହେଉଛି। ଜିଲ୍ଲାରେ ମୋଟ ୩୮୦୭ଜଣ ଗଣନାକାରୀ ଓ ୬୨୫ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ସେମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି। ଏପ୍ରିଲ ୨୨ ତାରିଖ ସନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ୪ଲକ୍ଷ ୫୩ହଜାର ୯୯୫ଟି ଗୃହ ଗଣନା କରାଯାଇଛି। ସେହିପରି ୬ଲକ୍ଷ୩୮ହଜାର ୯ଟି ସେନସସ ହୋମ (ପରିବାର) ଗଣନା ସଫଳତାର ସହ ସଂପନ୍ନ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱଗଣନା କରାଯାଇଥିବାବେଳେ ୧୬ ତାରିଖରୁ ଗଣନାକାରୀମାନେ ଘରକୁ ଘର ବୁଲି ଗୃହଗଣନା କରୁଛନ୍ତି । ପ୍ରତ୍ୟେକ ଘର ସମ୍ମୁଖରେ ଘର ନଂ ଲେଖା ଯାଉଛି। ପରିବାରଗୁଡ଼ିକୁ ୩୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚରା ଯାଉଛି, ଯାହା ଆଧାରରେ ଲୋକଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ବିଷୟରେ ତଥ୍ୟ ସଂଗ୍ରହ କରାଯାଉଛି । ଗଣନା କାର୍ଯ୍ୟକୁ ସୁଚାରୁରୂପେ ସଂପାଦନ ପାଇଁ ପ୍ରତି ଗଣନାକାରୀ ଅତି କମରେ ୧୭୦ଟି ଘରୁ ୨୦୦ରୁ ଅଧିକ ଘର ପର୍ଯ୍ୟନ୍ତ ଗଣନା କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ପ୍ରତି ୬ଜଣ ଗଣନାକାରୀଙ୍କ ପାଇଁ ଜଣେ ସୁପରଭାଇଜର ନିୟୋଜିତ ରହିଛନ୍ତି । ଆସନ୍ତା ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଏହି ଗଣନା କାର୍ଯ୍ୟ ଚାଲିବ । ସାଧାରଣ ଲୋକ ଗଣନାକାରୀଙ୍କୁ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଜନସାଧାରଣଙ୍କ ସଠିକ ତଥ୍ୟ ଦେଶର ଯୋଜନା ଓ ବିକାଶମୂଳକ କାର୍ଯ୍ୟରେ ମୂଲ୍ୟବାନ ଭୂମିକା ନିର୍ବାହ କରିବ। ଜନଗଣନା କାର୍ଯ୍ୟରେ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିନିମନ୍ତେ ଜିଲ୍ଲାପାଳ ୩ଜଣ ଉପଜିଲ୍ଲାପାଳଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି।

## ରମ୍ଭା : ଡଙ୍ଗା, ଜାଲ ଓ ମେସିନ ପାଇଁ ଅଣ ମତ୍ସ୍ୟଜୀବୀଙ୍କ ଫର୍ମ ଆବେଦନ!

ରମ୍ଭା,(ନିପ୍ର): ମତ୍ସ୍ୟବିଭାଗ ବାଲୁଗାଁ (ଖୋର୍ଦ୍ଧା )୧୪୭ଗ୍ରାମର ୨୦୦ ମତ୍ସ୍ୟଜୀବୀ ସମବାୟ ସମିତିକୁ ନେଇ ୩ଲକ୍ଷ ପାରମ୍ପରିକ ଚିଲିକା ମତ୍ସ୍ୟଜୀବୀଙ୍କ ବଞ୍ଚି ଆସୁଥିବା ବେଳେ ବିଭିନ୍ନ ଚିଲିକା ବାହାଣ ସରଞ୍ଜାମ ହେଲା ଡ଼ଙ୍ଗା, ମେସିନ ଓ ଜାଲ ଯାହା କେନ୍ଦ୍ର ଓ ରାଜ୍ୟ ମତ୍ସ୍ୟ ବିଭାଗ ଦ୍ୱାର ଅନୁବନ୍ଧିତ। ସମସ୍ତ ସରକାରୀ ସୁବିଧା ପାଇଁ ଆସୁଛି। କିନ୍ତ ଦୁଃଖ ଓ ପରିତାପର ବିଷୟ ଅଣ ମତ୍ସ୍ୟଜୀବୀ ମତ୍ସ୍ୟ କଲ୍ୟାଣ ଯୋଜନା ଆବେଦନ କରି ମତ୍ସ୍ୟଜୀବୀଙ୍କ ଦାନାରେ ଧୂଳି ପକାଇ ସମସ୍ତ ସୁବିଧା ହଡପ ହେଉଥିବା ଅଭିଯୋଗ ହେଉଛି। ନିରୀହ ପାରମ୍ପରିକ ମତ୍ସ୍ୟଜୀବୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହା କିଛି ଅସାଧୁ ଦଲାଲ, ଅଫିସର, ଡ଼ଙ୍ଗା କଂଟ୍ରାକଟର ଭିତିରି ସଲାସୁତାର ହୋଇ ହଡପ କରୁଛନ୍ତି। ଏହାର ଆବେଦନ ଏପ୍ରିଲ ୧ ତାରିଖରେ ଆରମ୍ଭ ହୋଇଥାଏ, କିନ୍ତୁ ଦଲାଲଙ୍କ ଜରିଆରେ ମାର୍ଚ୍ଚ ମାସ ୩୧ ରାତ୍ର ୧୨ଟା ପରେ ଗୋ ସୁଗମ ଅନଲାଇନ କରିବା ଫଳରେ ଏହା ସାଧାରଣ ପ୍ରକୃତ ହିତାଧିକାରୀ ପାଇବାରେ ବଞ୍ଚିତ ହୋଇଥାନ୍ତି । ଏହି ନିୟମ ପୂର୍ବ ସରକାରରେ ପାଳନ ହୋଇଥିଲା। ଏହାକୁ ମତ୍ସ୍ୟଜୀବୀ ସଙ୍ଘ ବିରୋଧ କରୁଥିଲା ଏବଂ ବିଶେଷ କରି ମତ୍ସ୍ୟଜୀବୀ ସଙ୍ଘ ନେତା ତଥା ବିଜେପି ନେତା ଭୀମସେନ ବେହେରା ଦୃଢ଼ ବିରୋଧ କରିଆସୁଛନ୍ତି। ଚିଲିକା ଅଂଚଳର ନେତୃତ୍ୱ ମଣ୍ଡଳୀ ତଥା ହିତାଧିକାରୀ ଡି. ଏଫ. ଓ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଜେପି ମତ୍ସ୍ୟଜୀବୀ ନେତା ଭୀମସେନ ବେହେରାଙ୍କ ଆନୁକୂଲ୍ୟରେ ଗଞ୍ଜାମ ବିଜେପି ଉପ ସଭାନେତ୍ରୀ ବିଜୟ ଲକ୍ଷ୍ମୀ ବାଲା ସମସ୍ତ ଚିଲିକା ପାରମ୍ପରିକ ହିତାଧିକାରୀ ଓ ନେତୃମଣ୍ଡଳୀ ସେମାନେ ହେଲେ କାଶୀନାଥ ବେହେରା, ନବକିଶୋର ବେହେରା, ନାରାୟଣ ବେହେରା,ବାବୁ ବାହାନ ବେହେରା, ମାଗୁଣି ବେହେରା, ଗଜେନ୍ଦ୍ର ବେହେରା ସୁରେନ୍ଦ୍ର ବେହେରା, ରୂପକ ବେହେରା, ସୁରଥ ବେହେରା ଓ ଅନ୍ୟାନ୍ୟ ଉପସ୍ଥିତ ଥିଲେ। ଏହା ଯଦି ପ୍ରତିକାର ନିଅନଯାଏ ମତ୍ସ୍ୟଜୀବୀ ସଙ୍ଘ ଓ ଦଳ ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି, କ'ଣ ଅସୁବିଧା ହୁଏ ପ୍ରଶାସନ ଦାୟୀ ରହିବ ବୋଲି ଲିଖିତ ଜଣାଇଛନ୍ତି।



## ଜୈବିକ ସାର ବ୍ୟବହାର ଉପରେ ଗୁରୁତ୍ୱ

ନିମାପଡ଼ା,(ନି.ପ୍ର.): ନିମାପଡ଼ାର କୃଷକମାନଙ୍କ ପାଇଁ ନୂତନ ପ୍ରଣାଳୀ ଓ ନୂତନ ଭେରାଇଟର ଧାନ ଚାଷ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ହୋଇ ଚାଷୀମାନଙ୍କୁ ମାଗଣା ମାଟି ପରୀକ୍ଷା କିଟ୍ ବଂଟନ କରାଯାଇଥିଲା। ଅରିଷଣ୍ଡ ଗ୍ରାମ ପଂଚାୟତର କୃଷି ବିଶେଷଜ୍ଞ ତଥା ବୈଜ୍ଞାନିକ ଡ଼ଃ ଶୁଭାଶିଷ ବଳଙ୍କ ଉଦ୍ୟମ କ୍ରମେ ଆୟୋଜିତ ସଚେତନତା / ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସମୀ ରଂଜନ ଦାଶ, ଉପ-ନଗରପାଳ ସନ୍ତୋଷ ଦାଶ, ବ୍ଲକ୍ ଅଧକ୍ଷ ଶଙ୍କର ଭୋଇ, ପ୍ରଦୀପ୍ତ ଖଟୋଇ, ବୈଜ୍ଞାନିକ ଡ଼ଃ ଅମରେନ୍ଦ୍ର, ଡ଼ଃ ବ୍ରଜେନ୍ଦ୍ର, ଡ଼ଃ ପ୍ରଶାନ୍ତ ଶତପଥୀ, ଡ଼ଃ ଦୁର୍ଗା ପ୍ରସାଦ ବାରିକ, ସ୍ୱେତା ସିଂହ ପ୍ରମୁଖ ଯୋଗ ଦେଇ ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର ନ କରି ଅନ୍ୟ ଉପାୟରେ ଅଧିକ ଅମଳ ନିମନ୍ତେ ଉପାୟମାନ ବତାଇ ଥିଲେ । ସିନ୍ଥେଟିକ୍ ସାର ଓ କୀଟ ନାଶକ ପ୍ରୟୋଗ ଦ୍ୱାରା ମାଟିର ଉର୍ବରତା ହ୍ରାସ ପାଇବା ସଂଗେ ସଂଗେ ଉତ୍ପାଦିତ ଶସ୍ୟ ଖାଇଲେ ଅନେକ ଦୁଃରାରୋଗରେ ଆକ୍ରାନ୍ତ ହେଉଥିବା ବୈଠକରେ ସୂଚନା ଦିଆଯାଇଥିଲା । ଆଜୋଲା ବ୍ୟବହାର ଦ୍ୱାରା ଅଧିକ ଅମଳ ସହ ମାଟି ଉର୍ବରତା ବୃଦ୍ଧି ପାଇଥାଏ ବୋଲି ବୈଜ୍ଞାନିକମାନେ ମତବ୍ୟକ୍ତ କରି ମାଟି ପରୀକ୍ଷା ପାଇଁ ମାଗଣା କିଟ୍ ବଂଟନ କରାଯାଇଥିଲା। ୩୨ଟି ଗ୍ରାମ ପଂଚାୟତର ୩୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ୫ କେ.ଜି. ଲେଖା ଉନ୍ନତ ଧାନ ବିହନ ବଂଟନ କରାଯାଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦିଆଯାଇଥିଲା।

## ଇଣ୍ଡିଆ ବୁକ୍ସ ଅଫ ରେକର୍ଡରେ କ୍ରିୟାଂଶୁ ପାତ୍ର




କୃଷ୍ଣପ୍ରସାଦତା, (ନି ପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପାରିକୁଦ ଗଡ଼ର କ୍ରିୟାଂଶୁ ପାତ୍ର (୨ବର୍ଷ )ଇଣ୍ଡିଆ ବୁକ୍ସ ଅଫ ରେକର୍ଡ ରେ ସ୍ଥାନ ପାଇଛନ୍ତି। କ୍ରିୟାଂଶୁ ପାତ୍ରଙ୍କ ସଫଳତାରେ ପିତା -ସୌମ୍ୟଜିତ ପାତ୍ର, ମାତା,- ପୂଜା ନାୟକ ଜଗନ୍ନାଥ ଙ୍କ କରୁଣାରୁ ହୋଇଥିବା କହିଛନ୍ତି। ମାତା ପୂଜା କୁହନ୍ତି ସେ କ୍ରିୟାଂଶୁ କୁ ପ୍ରତିଦିନ ୧୫ ରୁ ୨୦ ମିନିଟ ବସି ଅଭ୍ୟାସ କରିଥାନ୍ତି। କ୍ରିୟାଂଶୁର ମନେ ରଖିବା ଶକ୍ତି ରହିଥିବା ପିଲାଟି ଦିନରୁ ଜାଣି ପାରୁଥିବା କୁହନ୍ତି ପୂଜା। କ୍ରିୟାଂଶୁ ଆଇ ବି ଆର ଆଚିଭର ପ୍ରତିଯୋଗିତାରେ ରେ ୧୮ଟି ଫଳ, ୨୦ ପଶୁ, ୧୨ ପକ୍ଷୀ, ୧୨ ଶରୀର ଅଙ୍ଗ, ୧୫ ଯାନବାହାନ, ୧୧ ଟି ରଙ୍ଗ, ୧୦ ତୋ ଆକୃତି, ୧୨ ଟି ପାରିବାରିକ ସମ୍ପର୍କ କହି ରେକର୍ଡ କରିଛନ୍ତି। ତାଙ୍କ ସଫଳତା ପଛରେ ମାଆଙ୍କ ପ୍ରଚେଷ୍ଟା ଥିବା ଜଣାଯାଇଛି। ଏଥିରେ ପରିବାର ବର୍ଗ, ବହୁତ ଖୁସି ଥିବା ଜଣାଯାଇଛି। କ୍ରିୟାଂଶୁ ଙ୍କ ସଫଳତା ଖବର ପ୍ରସାରିତ ହେବା ପରେ କୃଷ୍ଣପ୍ରସାଦ ବ୍ଲକ ର ବିଭିନ୍ନ ଗ୍ରାମରୁ ସୁଭେଚ୍ଛା ବାର୍ତ୍ତା ପହଞ୍ଚିବାରେ ଲାଗିଛି।

## କନିଷ୍ଠ ଦେୱାନୀ ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଆସିକା,(ନିପ୍ର): ଆସିକା କୋର୍ଟର କାର୍ଯ୍ୟରତ କନିଷ୍ଠ ଦେୱାନୀ ବିଚାରପତିଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଓକିଲ ସଙ୍ଘର ସଭାପତି ଛବିଲରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ କନିଷ୍ଠ ଦେୱାନୀ ବିଚାରପତି ଝିଲ୍ଲୀ ଲିନା ନାୟକ,ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ମନୋଜ କୁମାର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏ. ଗୀତାଞ୍ଜଳି ନାୟୁଡୁ,ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତୃପ୍ତି ଦାସ,ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କେ. ମୋହିନୀଙ୍କ ସମେତ ସମ୍ପାଦକ ଚିତ୍ତ ରଞ୍ଜନ ଦାସ, ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି କୋର୍ଟରେ ଦୀର୍ଘ ବର୍ଷ ହେଲା ଲୋକମାନଙ୍କୁ ଉପଯୁକ୍ତ ନ୍ୟାୟିକ ବ୍ୟବସ୍ଥାରେ ଉତ୍ତମ ସେବା ଦେଇ ଆସୁଥିବା ବିଚାରପତି ଝିଲ୍ଲୀ ଲିନା ନାୟକ ଆସିକାରୁ ବଦଳି ହୋଇ କଟକ ନିଆଳି କୋର୍ଟରେ ନ୍ୟାୟିକ ବ୍ୟବସ୍ଥାରେ କାର୍ଯ୍ୟ କରିବେ ।

ତିଥି :(ଅଷ୍ଟମୀ): (ପୁଷ୍ୟା କର୍କଟ)
ଅମୃତ ବେଳା: ରାତ୍ରି ଘ ୭।୨ ମଧ୍ୟେ ଘ ୭।୫୦ ଗତେ

## ଆଜିର ଅନୁଚିନ୍ତନ

ମୁଁ ସମସ୍ତ ଲୋକର କ୍ଷୟକାରୀ ବର୍ଦ୍ଧିତ କାଳ ଏବଂ ବର୍ତ୍ତମାନ ମୁଁ ଏ ସମସ୍ତଙ୍କୁ ସଂହାର କରିବା ପାଇଁ ଏଠାକୁ ଆସିଛି । ତୁମ ବିପକ୍ଷରେ ଯେଉଁ ଯୋଦ୍ଧାମାନେ ଛିଡ଼ା ହୋଇଛନ୍ତି, ସେ ସମସ୍ତେ ତୁମେ ଯୁଦ୍ଧ ନ କଲେ ମଧ୍ୟ ବର୍ତ୍ତିବେ ନାହିଁ ।।- ଶ୍ରୀମଦ୍ ଭଗବଦ୍ ଗୀତା

# ସଡ଼କ ଯନ୍ତ୍ରଣା

ଦ୍ୱୈତନଗରୀ କଟକ-ଭୁବନେଶ୍ୱର ଜାତୀୟ ରାଜପଥ (ଏନ୍ଏଚ୍) ୧୬ର ପଳାଶୁଣୀ ଜଙ୍କସନ ନିକଟରେ ପାରାଦୀପରୁ ଗୁଜରାଟ ଅଭିମୁଖେ ଯାଉଥିବା ଏକ ୧୮ ଚକିଆ ଟ୍ରକରେ ଅଗ୍ନିକାଣ୍ଡ ଘଟି ବିସ୍ଫୋରିତ ହେଲା । ଭୟଙ୍କର ନିଆଁ ଏଭଳି କାୟାବିସ୍ତାର କରିଥିଲା ଯେ ଏନ୍ଏଚ୍‌ରେ ଯାଉଥିବା ଗାଡ଼ିଚାଳକମାନେ ଲୋକେ ଆଗକୁ ଯିବେ କ'ଣ, ଯିଏ ଯେଉଁଠି ହତଚକିତ ହୋଇ ରହିଲେ ଦୀର୍ଘସମୟ । ଏକ ଆକଳନ ଅନୁଯାୟୀ ୫୦ହଜାର ଟ୍ରକ ବସ୍, କାର, ବାଇକ୍ ଓ ଅନ୍ୟାନ୍ୟ ଯାନ ଅଟକିଥିଲା ପ୍ରାୟ ୬ରୁ ୭ ଘଣ୍ଟା ଧରି । ଅବର୍ଣ୍ଣନୀୟ ଦୁର୍ଦ୍ଦଶାରେ ପୀଡ଼ିତ ହୋଇଥିଲେ ଲୋକେ । ଏପ୍ରିଲ ୨୨ ଅପରାହ୍ନରେ ଘଟିଥିବା ଏହି ଅଘଟଣ ରାଜ୍ୟରେ ଟ୍ରାଫିକ ପରିଚାଳନା ନେଇ ନାନା ପ୍ରଶ୍ନ ଉଠାଇଛି । ଏମିତିରେ ଚକାଜାମ୍ ହେଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୁଏ । ଯିଏ ଯେଉଁଠି ଯାଉଥାଆନ୍ତୁ ନା କାହିଁକି ଅଟକି ରହିବାକୁ ବାଧ୍ୟ ହୁଅନ୍ତି । ତାହା ସାଙ୍ଗକୁ ଟ୍ରକ ଜଳିଯିବା ପରେ ଗାଡ଼ିଗୁଡ଼ିକରୁ ନିର୍ଗତ ପ୍ରଦୂଷିତ ଧୂଆଁରେ ଆକ୍ରାନ୍ତ ହୋଇଥିଲେ ଲୋକେ । ଦୀର୍ଘ ସମୟ ଧରି ଗାଡ଼ି ଜାମ୍ ହେବାର ମର୍ମାନ୍ତିକ ଦୁର୍ଦ୍ଦଶା ନାନା ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶିତ କରେ ।

କଟକ-ଭୁବନେଶ୍ୱର ଦ୍ୱୈତ ମହାନଗରୀରେ ସକାଳ ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ କୌଣସି ଭାରୀଯାନ ବିଶେଷ କରି ମାଲ୍ ବୋଝେଇ ଟ୍ରକଗୁଡ଼ିକୁ ଚଳାଚଳ କରିବାକୁ ଦିଆଯିବା ଅନୁଚିତ । ଏପରି ଟ୍ରକ୍ ପାଇଁ ରାତ୍ରି ୧୨ଟାରୁ ଭୋର୍ ୫ଟା ପର୍ଯ୍ୟନ୍ତ ନିରୋଳା ସମୟରେ ଚଳାଚଳ ସୁବିଧାଜନକ ନିଶ୍ଚୟ ହେବ । ଏନେଇ ଜାତୀୟ ରାଜପଥ ସହ ସମ୍ବନ୍ଧିତ ବିଭାଗଗୁଡ଼ିକ ସମନ୍ୱିତ ଭାବରେ ଚିନ୍ତା କରି ପଦକ୍ଷେପ ନେବା ବର୍ତ୍ତମାନ ସମୟର ଆବଶ୍ୟକତା । କୌଣସି ପରିସ୍ଥିତିରେ ଗ୍ରୀଷ୍ମପ୍ରକୋପ ଜାରି ରହିଥିବାବେଳେ ଏଭଳି ଭାରୀ ଟ୍ରକର ଚଳାଚଳକୁ ନିଷିଦ୍ଧ କରାଯିବା ଆବଶ୍ୟକ । ଆଲୋଚ୍ୟ ୧୮ଚକିଆ ଟ୍ରକ୍‌ଟିରେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ଏହା ଜଣାପଡ଼ି ନାହିଁ । ତେବେ ଯାହା ଗଣମାଧ୍ୟମର ଖବର ରହିଛି ଯେହେତୁ ଗୁଜରାଟ ଅଭିମୁଖେ ଯାଉଥିଲା ସେଥିଲାଗି ପାହାନ୍ତି ପୂର୍ବରୁ ଏହାର ଚାଳକ ଗାଡ଼ିର ତୈଳ ଟାଙ୍କିକୁ ପୂର୍ଣ୍ଣ କରାଇଥିଲା । ଟ୍ରକଟିରେ ବିପୁଳ ପରିମାଣରେ ସାବୁନରେ ବ୍ୟବହୃତ ଦହନଶୀଳ ପଦାର୍ଥ ବୋଝେଇ ରହିଥିଲା । ସହଜେ ଘଟଣା ଦିନ ତାପମାତ୍ରା ୪୦ ଡିଗ୍ରୀରୁ ଉପରେ ଥିଲା । ହୁଏତ ଇଞ୍ଜିନ ଅତ୍ୟଧିକ ଗରମ ହେଲା କିମ୍ବା ସର୍ଟସର୍କିଟ ଘଟିବା କାରଣରୁ ଟ୍ରକଟିରେ ନିଆଁ ଲାଗିଗଲା । ଆଗ ଭାଗରୁ ନିଆଁ ଆରମ୍ଭ ହୋଇ କିଛି ସେକେଣ୍ଡ ଭିତରେ ପଛକୁ ବ୍ୟାପି ଯାଇଥିଲା । ଟ୍ରକଟିର ଡ୍ରାଇଭର ଓ ହେଲପର ଜୀବନ ରକ୍ଷା କରିବାରେ ସମର୍ଥ ହୋଇଥିଲେ । ଏପରି ଟ୍ରକରେ ନିଆଁ ଲାଗିଲେ ଆଖପାଖ ଦେଇ ଯାଉଥିବା ଅନ୍ୟାନ୍ୟ ଗାଡ଼ିର ଚାଳକମାନଙ୍କ ଜୀବନ ପ୍ରତି ବିପଦ ଘନେଇ ଆସିଥାଏ । ଆଶ୍ୱସ୍ତି ଯେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି ।

ଦହନଶୀଳ ପଦାର୍ଥ ବୋଝେଇ ଟ୍ରକଗୁଡ଼ିକର ଚଳାଚଳ ନେଇ ସ୍ୱତନ୍ତ୍ର ନିୟମାବଳୀ ଜାରି ହେବା ଆବଶ୍ୟକ । ତାହାଛଡ଼ା ବହୁ ସମୟରେ ଏପରି ଦୂରଗାମୀ ଟ୍ରକ ଚାଳକଙ୍କ ମଧ୍ୟରୁ ଅଧିକାଂଶ ମାଦକ ଦ୍ରବ୍ୟ ବ୍ୟବହାର କରିଥାନ୍ତି । ନିଶାସକ୍ତ ହୋଇ ଗାଡ଼ି ଚଳାଇବା ଅର୍ଥ ସଡ଼କରେ 'ଚଳନ୍ତା ଯମ' ସାଜିବା ସଦୃଶ । ଏପରି ଚାଳକ ଗାଡ଼ି ଉପରେ ସଠିକ୍ ନିୟନ୍ତ୍ରଣ ରଖିପାରନ୍ତି ନାହିଁ । ଦ୍ରୁତ ଗତିରେ ଥିଲେ ଦୁର୍ଘଟଣା ଘଟାଇବାର ଆଶଙ୍କା ବରାବର ଥାଏ । ଏନେଇ ବିଭାଗୀୟ କର୍ତ୍ତୃପକ୍ଷ ଏପରି ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ । ଉଲ୍ଲେଖ କରାଯାଇପାରେ ଯେ ୨୦୨୩ ଡିସେମ୍ବର ୨୯ ତାରିଖ ରାତିରେ ଭୁବନେଶ୍ୱର ଡମଣା ନିକଟରେ ଦ୍ରୁତ ଗତିରେ ଆସୁଥିବା ଜଣେ କାର ଚାଳକଙ୍କୁ ଧରାଯାଇଥିଲା । ଏବେ ଏହି କାର୍ ଚାଳକଙ୍କୁ ୬ମାସ ଜେଲ ଦଣ୍ଡାଦେଶ ହୋଇଛି । ସୁତରାଂ ଦୃଷ୍ଟାନ୍ତମୂଳକ ଭାବରେ ଏଭଳି ଦଣ୍ଡବିଧାନ ହେଲେ ଚାଳକମାନେ ସଚେତନ ହେବେ । ରାଜ୍ୟ ସରକାର ଏଥିପ୍ରତି ସମୁଚିତ ଦୃଷ୍ଟି ଦେବା ଆବଶ୍ୟକ, ଯାହାଦ୍ୱାରା ଅଭାବନୀୟ ଟ୍ରାଫିକ୍ ସମସ୍ୟା ଏଡ଼ାଇ ଦିଆଯାଇପାରିବ ।

# ମାଗଣା ସାମଗ୍ରୀ ଓ କଲ୍ୟାଣକାରୀ ଯୋଜନା

### ସୌଭାଗ୍ୟ ରଂଜନ ମହାନ୍ତି

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, କ୍ଷମତା ପାଇଁ ମାଗଣା ଯୋଜନା ଏବଂ ମାଗଣାରେ ନଗଦ ଟଙ୍କା ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ବଣ୍ଟନ ଏବେ ଶାସକ ଓ ବିରୋଧୀ ଦଳର ମୁଖ୍ୟ ନିର୍ବାଚନ ଆୟୁଧ ଓ ପ୍ରତିଶ୍ରୁତିରେ ପରିଣତ ହୋଇଛି । ଏ ବାବଦରେ ରାଜକୋଷରୁ ହଜାର ହଜାର କୋଟି ଟଙ୍କା ଅପଚୟ ହେଉଛି । କହିବା ବାହୁଲ୍ୟ ଯେ, କ୍ଷମତା ପାଇଁ ସରକାରୀ ଅର୍ଥର ଅପଚୟ ତଥା ଅଦରକାରୀ ବ୍ୟବହାର ଏବଂ ଗରିବ ଓ ଅବହେଳିତ ଲୋକଙ୍କ କଲ୍ୟାଣ ପାଇଁ ସରକାରୀ ପାଣ୍ଠିର ବିନିଯୋଗ କରିବା ସମାନ ନୁହେଁ । ବିଭିନ୍ନ ମାଗଣା ଯୋଜନାକୁ ଚ୍ୟାଲେଞ୍ଜ କରି ଜଣେ ଆଇନଜୀବୀ ଦାୟର କରିଥିବା ପିଟିସନର ଶୁଣାଣି କରି ସୁପ୍ରିମକୋର୍ଟ ଏହା ମଧ୍ୟରେ ଥିବା ପ୍ରଭେଦ ସ୍ପଷ୍ଟ କରିଛନ୍ତି । ଆବେଦନକାରୀ ତାଙ୍କ ପିଟିସନରେ ନିର୍ବାଚନ ସମୟରେ ଭୋଟଦାତାଙ୍କ ପ୍ରଲୋଭିତ କରିବା ପାଇଁ ମାଗଣା ସାମଗ୍ରୀ ବଣ୍ଟନ ପ୍ରସ୍ତାବ, ପ୍ରତିଶ୍ରୁତିକୁ ଏକ ଭ୍ରଷ୍ଟ ଅଭ୍ୟାସ ଭାବେ ଘୋଷଣା କରିବା ପାଇଁ ଅଦାଲତଙ୍କୁ ନିବେଦନ କରିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନରେ ହସ୍ତକ୍ଷେପ କରୁଥିବା ଲାଞ୍ଚକୁ ଲୋକପ୍ରତିନିଧି ଆଇନର ଧାରା ୧୨୦ 'ଭ୍ରଷ୍ଟ ଅଭ୍ୟାସ' ଭାବେ ଇଙ୍ଗିତ କରୁଥିବାବେଳେ ୨୦୧୩ରେ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ତାଙ୍କ ରାୟରେ ନିର୍ବାଚନ ଇସ୍ତାହାରରେ ରାଜନୈତିକ ଦଳମାନଙ୍କର ପ୍ରତିଶ୍ରୁତିକୁ ଭ୍ରଷ୍ଟ ଅଭ୍ୟାସ ଭାବେ ବିବେଚନା କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ମାଗଣା ଯୋଜନାର ପ୍ରତିଶ୍ରୁତି ଦେଇ ସରକାର ଗଠନ କରିଥିବା ଦଳ ନିଜ ପ୍ରତିଶ୍ରୁତି ପୂରଣ ପାଇଁ ରାଜକୋଷରୁ ଅର୍ଥ ବିନିଯୋଗ କରି ଆସୁଛନ୍ତି । ବିଶେଷକରି ରାଜନୈତିକ ଦଳଗୁଡିକ ମହିଳା ଭୋଟବ୍ୟାଙ୍କ ପାଇଁ ମହିଳାଙ୍କୁ ନଗଦ ଟଙ୍କା ପ୍ରଦାନ ଠାରୁ ଆରମ୍ଭ କରି ମାସିକ ଭତ୍ତା, କନ୍ୟା ବିବାହ ପାଇଁ ଆର୍ଥିକ ସହାୟତା ଆଦି ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରିଆସୁଛନ୍ତି ।

ନିକଟରେ ସର୍ବୋଚ୍ଚ ଅଦାଲତ ନିର୍ବାଚନ ସମୟରେ ମାଗଣା ଯୋଜନା ଓ ଜନକଲ୍ୟାଣକାରୀ ବିକାଶମୂଳକ ଯୋଜନା ନେଇ ପ୍ରଭେଦ ଦର୍ଶାଇବା ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ସୁପ୍ରିମକୋର୍ଟ କହିଛନ୍ତି ଯେ, ବଳକା ରାଜସ୍ୱକୁ ବିକାଶମୂଳକ ଯୋଜନାରେ ବିନିଯୋଗ କରିବା ହେଉଛି ସାମ୍ବିଧାନିକ ଆବଶ୍ୟକତାକୁ ପୁରଣ କରିବା ରାଜ୍ୟରେ ସଂକଳ୍ପ ବା ଅଙ୍ଗୀକାରବଦ୍ଧତାର ଅର୍ନ୍ତଭୁକ୍ତିକରଣ । ମାଗଣା ଚିକିତ୍ସା ସୁବିଧା ତଥା ସ୍ୱାସ୍ଥ୍ୟର ଯତ୍ନ ଏବଂ ଗରିବଙ୍କୁ ମାଗଣା ଶିକ୍ଷା ବିକାଶମୂଳକ ଯୋଜନାର ଅଂଶ ବିଶେଷ ହେବା ଉଚିତ । ଯାହାକି ମାଗଣା ଜିନିଷ ବଣ୍ଟନରେ ବ୍ୟୟ କରିବା ତୁଳନାରେ ସରକାରୀ ଅର୍ଥର ସଦୁପଯୋଗ ହୋଇପାରିବ ଏଥିରେ ସନ୍ଦେହ ନାହିଁ । ସୁପ୍ରିମକୋର୍ଟର ଏହି ମୌଖିକ ଘୋଷଣାନାମା ଦୁଇଟି ପ୍ରସଙ୍ଗ ଉପରେ ଦୃଷ୍ଟି ଆକର୍ଷଣ କରେ । ବିଶେଷ କରି ସରକାରୀ ଅର୍ଥର ହାତଖୋଲା ଉପହାର ବା ମାଗଣା ସାମଗ୍ରୀ ବଣ୍ଟନକୁ ସର୍ବୋଚ୍ଚ ଅଦାଲତ ପରୋକ୍ଷରେ ଭର୍ତ୍ସନା କରିଥିବାବେଳେ ମାଗଣା ସାମଗ୍ରୀ ବଂଟନ ପରିବର୍ତ୍ତେ ବିକାଶମୂଳକ ଯୋଜନା କରି ସମ୍ବିଧାନକୁ ସମ୍ମାନିତ କରିବା ପାଇଁ ରାଜ୍ୟର ଅଙ୍ଗୀକାରବଦ୍ଧତାକୁ ସ୍ମରଣ କରାଇ ଦେଇଛନ୍ତି ବୋଲି କୁହାଯାଇପାରେ । ଏହା ନିଃସନ୍ଦେହ ଯେ, ଭୋଟର ତୁଷ୍ଟିକରଣ ପାଇଁ ମାଗଣା ଜିନିଷ ବଣ୍ଟନ ସରକାରୀ ଅର୍ଥର ଅପଚୟ ବ୍ୟତୀତ ଅନ୍ୟ କିଛି ନୁହେଁ । ଉଲ୍ଲେଖଯୋଗ୍ୟ ଯେ, ଭୋଟଦାତାଙ୍କୁ ପ୍ରଲୋଭିତ କରି କ୍ଷମତା ହାସଲ ପାଇଁ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଶାସକ ଦଳ ଟଙ୍କା ଓ ମାଗଣା ଜିନିଷ ବଂଟନ କରିଥିବାବେଳେ ବିରୋଧୀ ଦଳଗୁଡିକ ମଧ୍ୟ ମାଗଣା ସାମଗ୍ରୀ ବଂଟନର ପ୍ରତିଶ୍ରୁତି ବର୍ଷା କରିଥାନ୍ତି ।

ମାଗଣା ଜିନିଷ ବଣ୍ଟନ ଯୋଜନା ଦ୍ୱାରା ଜନସାଧାରଣଙ୍କ ବିକାଶ ହେବ ନାହିଁ, ସତ କିନ୍ତୁ ଅର୍ଥନୀତି ଭୁଶୁଡି ପଡିବା ସାର ହେବ ।

ମୋ-୯୪୩୭୯୯୪୩୭୯

# ପୁଞ୍ଜିନିବେଶ ବିକଶିତ ଓଡ଼ିଶାକୁ ଆହୁରି ଆଗେଇ ନେବ

### ମନସିଜ୍ ଦାସ

**"ଓଡ଼ିଶାର ବିକାଶ ପାଇଁ ଉନ୍ନତି ନିମିତ୍ତ ଅନେକ ସରକାରୀ ଯୋଜନା ଲୋକପ୍ରିୟ ହେଉଛି । ଓଡ଼ିଶାରେ ବ୍ୟାପକ ପୁଞ୍ଜିନିବେଶ ବିକଶିତ ଓଡ଼ିଶାକୁ ଆହୁରି ଆଗେଇ ନେବ ନିଶ୍ଚୟ । ଏଠାରେ କହିରଖୁ ଯେ ୨୦୪୭ ମସିହାରେ ଦେଶ ସ୍ୱାଧୀନତା ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ଭାରତକୁ ଏକ ପୂର୍ଣ୍ଣ ବିକଶିତ, ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱୀ ଏବଂ ଅନ୍ତର୍ଭୁକ୍ତି ଅର୍ଥନୀତିରେ ପରିଣତ କରିବାପାଇଁ ସରକାର 'ବିକଶିତ ଭାରତ-୨୦୪୭' ନାମକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିବାବେଳେ ଓଡ଼ିଶା ମଧ୍ୟ 'ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭' ପ୍ରସ୍ତୁତ କରିଛି । ଭାରତର ସ୍ୱାଧୀନତାର ଶହେ ବର୍ଷ ପୂରଣ କରିବାବେଳେ ଆମ ସରକାର ଯେଉଁ ଛଅଟି ନୀତି ଉପରେ ଗୁରୁତ୍ୱ ଦେଇଛନ୍ତି ତାହା ଅତୀବ ଗୁରୁତ୍ୱପୂର୍ଣ୍ଣ ।**

ଅନେକ ପ୍ରାକୃତିକ ବିଭବ ଓ ଖଣିଜ ସମ୍ପଦଭରା ଓଡ଼ିଶା ଆଜି ବିଶ୍ୱ ଶିଳ୍ପ ମାନଚିତ୍ରରେ ଏକ ସୁଦୃଢ଼ କ୍ଷେତ୍ର ଭାବେ ପରିଚିତ ଓ ଗର୍ବିତ ମଧ୍ୟ । ଓଡ଼ିଶାକୁ ଅନେକ ନାମୀ ଓ ବହୁରାଷ୍ଟ୍ରୀୟ କମ୍ପାନୀ ବ୍ୟାପକ ପୁଞ୍ଜି ନିବେଶ ପାଇଁ ଆଗ୍ରହ ରଖିବା ପଛରେ ବଡ଼ କାରଣ ହେଉଛି ଖଣିଜ ସମ୍ପଦ, ଜମିର ଉପଲବ୍ଧତା ଓ ନୀତିଗତ ସହଜତା । ଇସ୍ପାତ ଠାରୁ ଆଲୁମିନିୟମ ପର୍ଯ୍ୟନ୍ତ ଓଡ଼ିଶା ଉତ୍ପାଦନର ଏକ ମୁଖ୍ୟ କେନ୍ଦ୍ରରେ ପରିଣତ ହୋଇଛି ।

ଓଡ଼ିଶା ପ୍ରଗତିରେ ଆଗେଇବ ବ୍ୟାପକ କର୍ମ ସଂସ୍ଥାନ ସୃଷ୍ଟି ହେବ, ସ୍ଥାନୀୟ ଉଦ୍‌ଯୋଗୀ କାମଧନ୍ଦା ପାଇବେ, ମେହନତି ସ୍ଥାନୀୟ ଶ୍ରମ ଶକ୍ତି ବେଶ ଭଲ ଦି' ପଇସା ପାଇବେ । ସ୍ଥାନୀୟ ସ୍ୱୟଂ ସହାୟକ ସଂଗଠନମାନେ ନିଜ ସାମଗ୍ରୀ ଆଗେଇବାର ସହଜ ସୋପାନଟିଏ ଦେଖିବେ ଏହି କ୍ଷେତ୍ରରୁ କିନ୍ତୁ ଏ ସବୁ ପଛରେ ଆମ ଭିତରେ ଗୋଟିଏ ଛୋଟିଆ ଅଥଚ ନୀରବ ପ୍ରଶ୍ନଟି ଆନ୍ଦୋଳିତ କରୁଛି । ପୁଞ୍ଜିନିବେଶ ଆସିଲା, ବିଶାଳ ବିସ୍ତୀର୍ଣ୍ଣ କାରଖାନା ବା ଉଦ୍ୟୋଗର ସଂପ୍ରସାରିତ ଶାଖା ଗଢ଼ି ଉଠିଲା କିନ୍ତୁ 'କାର୍ଯ୍ୟାଳୟ' କାହିଁକି ନୁହେଁ ?

ଓଡ଼ିଶାରେ ବ୍ୟାପକ ଉତ୍ପାଦନ ହେଉଛି ଏହି ଓଡ଼ିଶାରୁ ହିଁ ସବୁକିଛି ପରିଚାଳନା ଓ କାର୍ଯ୍ୟାନ୍ୱୟନ ହେଉଥିବାବେଳେ ଶୀତତାପ ନିୟନ୍ତ୍ରିତ କୋଠରି ଭିତରୁ ସୁଦୂର ରାଜଧାନୀ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ କିମ୍ବା ଅନ୍ୟ ସ୍ଥାନରୁ ନିଆଯାଉଛି । ଏହାର ଛୋଟିଆ ଅର୍ଥଟି ହେଉଛି ମୂଲ୍ୟ ସୃଷ୍ଟିର ସର୍ବାଧିକ ଅଂଶ ରାଜ୍ୟ ବାହାରେ ରହି ଯାଉଛି । ଆମ ଓଡ଼ିଆ ପିଲାମାନେ ଢ଼େର୍ ପଢୁଆ । ଗବେଷଣା କ୍ଷେତ୍ରରେ ନିରନ୍ତର ଉଦ୍ୟମ ଜାରି ରଖିବା ସହ ବିଶ୍ୱର ଅନେକ ନାମୀଦାମୀ କମ୍ପାନୀରେ ଓଡ଼ିଶାର ଗର୍ବ ଓ ଗୌରବ ବଢ଼ାଉଛନ୍ତି । କିନ୍ତୁ ଅତି କଷ୍ଟକର କଥା ଯେ ଉଚ୍ଚପଦବୀ, ଉଚ୍ଚ ଦରମା ଓ ନୀତି ନିର୍ଦ୍ଧାରଣର ସୁଯୋଗ ଓଡ଼ିଶାର ଯୁବକମାନଙ୍କ ପାଖକୁ ବିଶେଷ ଆସୁନାହିଁ । ଘର ପାଖରେ ଅନୁଷ୍ଠାନଟି ଗଢ଼ି ଉଠିଛି, ଅନୁଷ୍ଠାନ ବା ଉଦ୍ୟୋଗ ବିଶ୍ୱର ଏକ ନାଁକରା ହୋଇପାରେ କିନ୍ତୁ ଓଡ଼ିଆ ପିଲାଙ୍କ ଢ଼େର୍ ପ୍ରତିଭା ଥିଲେ ମଧ୍ୟ ଓଡ଼ିଶାରେ ଗଢ଼ି ଉଠୁଥିବା ବିଶାଳ ଶିଳ୍ପଉଦ୍ୟୋଗରେ ସେମାନଙ୍କ ଅଧ୍ୟବସାୟ, ନିଷ୍ଠା ଓ କଠୋର ପରିଶ୍ରମ ଓ ଅନୁଷ୍ଠାନ ପ୍ରତି ସମର୍ପଣ ଭାବନାକୁ ନା ସେଭଳି ସୁଯୋଗ ଦିଆଯାଉଛି ନା ମୂଲ୍ୟାୟନ ! ଏହା ହିଁ ଏକ ଅଣନିଶ୍ୱାସୀ କରିଦେବା ପରି ନିଷ୍ଠୁର ସତ୍ୟ । କହିବାକୁଗଲେ ଆମେ ଏଯାବତ୍ 'ପ୍ରଡକ୍ସନ ବେସ୍' ହିସାବରେ ଦେଖାଯାଉଛୁ କିନ୍ତୁ 'ଡିସିସନ ସେଣ୍ଟର' ଭାବେ ନୁହେଁ । ଏହା ପଛର କାରଣ ଓ ସମସ୍ୟା ଢ଼େର୍ ଆମ ଓଡ଼ିଆ ଯୁବକ ମାନଙ୍କର ଖାଲି ଯେ ସ୍ୱପ୍ନ ରହିଛି ତାହା ନୁହେଁ ସେମାନେ କଠୋର ଅଧ୍ୟବସାୟ ଓ



ପରିଶ୍ରମ ଆକାଂକ୍ଷୀ ।

ଆକାଂକ୍ଷା ଓ ସୁଯୋଗ ଭିତରେ ଥିବା ମାର୍ଜିନ ଶିକ୍ଷାର ସଂଖ୍ୟା ବଢ଼ାଉଛି କିନ୍ତୁ ଅନ୍ୟ ପଟରେ ନିର୍ଦ୍ଦେଶିତ କ୍ୟାରିୟର ସୁଯୋଗ ଅପେକ୍ଷାକୃତ ଭାବେ କମ୍ ଯାହା ଅନେକ ମେଧାବୀ ଓ ସ୍ୱପ୍ନ ଆକାଂକ୍ଷୀ ଯୁବକମାନଙ୍କୁ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବାହାର ରାଜ୍ୟ ବା ବାହାର ଦେଶକୁ ଏକ ପ୍ରକାର ପ୍ରବାସର ବାଟ ଦେଖାଉଛି ବୋଲି କୁହାଯାଉଛି । ଏହାର ପରିଣତି ସ୍ୱରୂପ ଓଡ଼ିଶାର ଅର୍ଥନୀତି ଗୋଟିଏ 'ମାଇଗ୍ରେସନ ଡ୍ରିଭନ୍' ମଡ଼େଲରେ ଧୀରେ ଧୀରେ ନିର୍ଭରଶୀଳ ହେଉଛି ।

ଅନେକ ଓଡ଼ିଆଙ୍କ ଭିତରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଆମ ପ୍ରାକୃତିକ ସମ୍ପଦଭରା ଓଡ଼ିଶା କ'ଣ କେବଳ ଉତ୍ପାଦନରେ ନିଜକୁ ସୀମିତ ରଖିବ ନା ମୂଲ୍ୟ ସୃଷ୍ଟିର ସମ୍ପୂର୍ଣ୍ଣ ଶୃଙ୍ଖଳାରେ ନିଜ ସ୍ଥାନକୁ ସୁନିଶ୍ଚିତ ଓ ମଜଭୁତ କରିବ । ଏସବୁ ସମ୍ଭାବନାର ମାପକାଠି ହେଉଛି ଓଡ଼ିଶାରେ କେବଳ କାରଖାନା ବା ଶିଳ୍ପ ଉଦ୍ୟୋଗ ଗଢ଼ି ଉଠିଲେ ହେବନାହିଁ । କାର୍ଯ୍ୟାଳୟ ମଧ୍ୟ ଓଡ଼ିଶା ଆସୁ । ଓଡ଼ିଶା ଆଗାମୀ ବିକଶିତ ଓ ଅଭିବୃଦ୍ଧି ସମ୍ପନ୍ନ ନୂଆ ଓଡ଼ିଶା ଭାବେ ଗଢ଼ି ଉଠିବାକୁ ନୀଳ ନକ୍ସା ପ୍ରସ୍ତୁତ କରୁଥିବାବେଳେ ବିଶେଷକରି ଆଇଟି ଓ ସର୍ଭିସ ସେକ୍ଟରରେ ଆକ୍ରମକ ନିବେଶ, ଷ୍ଟାଟସ ପରିବେଶକୁ ଶକ୍ତ ଓ ସହରୀୟ ଜୀବନମାନଙ୍କୁ ଉନ୍ନତ କରିବା ନିମିତ୍ତ ଗୁରୁତ୍ୱ ପ୍ରଦାନର ସ୍ପଷ୍ଟ ସନ୍ଦେଶ ରହୁ । ଓଡ଼ିଶା କେବଳ କାରଖାନାର ଏକ ଭୂମି ନୁହେଁ ଏହା ନେତୃତ୍ୱର ମଧ୍ୟ ଏକ ଉତ୍କୃଷ୍ଟ ଓ ପ୍ରଭାବୀ ସଶକ୍ତ କେନ୍ଦ୍ର ଏହି ମନ୍ତ୍ରଟିକୁ ସମସ୍ତଙ୍କୁ ବୁଝାଇବା ଦରକାର । ଉନ୍ନତିର ମାନଦଣ୍ଡ ପୂରଣ ନିମିତ୍ତ କାରଖାନାର ସଂଖ୍ୟା ବଢ଼ିବା ଠାରୁ ସୁଯୋଗର ଗୁଣତ୍ୱ ମଧ୍ୟ ଅନେକ ।

ଓଡ଼ିଶାର ବିକାଶ ପାଇଁ ଉନ୍ନତି ନିମିତ୍ତ ଅନେକ ସରକାରୀ ଯୋଜନା ଲୋକପ୍ରିୟ ହେଉଛି । ଓଡ଼ିଶାରେ ବ୍ୟାପକ ପୁଞ୍ଜିନିବେଶ ବିକଶିତ ଓଡ଼ିଶାକୁ ଆହୁରି ଆଗେଇ ନେବ ନିଶ୍ଚୟ । ଏଠାରେ କହିରଖୁ ଯେ ୨୦୪୭ ମସିହାରେ ଦେଶ ସ୍ୱାଧୀନତା ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ଭାରତକୁ ଏକ ପୂର୍ଣ୍ଣ ବିକଶିତ, ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱୀ ଏବଂ ଅନ୍ତର୍ଭୁକ୍ତି ଅର୍ଥନୀତିରେ ପରିଣତ କରିବାପାଇଁ ସରକାର 'ବିକଶିତ ଭାରତ-୨୦୪୭' ନାମକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିବାବେଳେ ଓଡ଼ିଶା ମଧ୍ୟ 'ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭' ପ୍ରସ୍ତୁତ କରିଛି । ଭାରତର ସ୍ୱାଧୀନତାର ଶହେ ବର୍ଷ ପୂରଣ କରିବାବେଳେ ଆମ ସରକାର ଯେଉଁ ଛଅଟି ନୀତି ଉପରେ ଗୁରୁତ୍ୱ ଦେଇଛନ୍ତି ତାହା ଅତୀବ ଗୁରୁତ୍ୱପୂର୍ଣ୍ଣ । ସେଗୁଡ଼ିକ ହେଉଛି ଲୋକ ପ୍ରଥମେ ଆଧାରିତ ବିକାଶ, ଗ୍ରାମ ସଶକ୍ତି କରଣ, ଅନ୍ତର୍ଭୁକ୍ତି ଅଭିବୃଦ୍ଧି, ପ୍ରଯୁକ୍ତି ବିଦ୍ୟାରେ ଉନ୍ନତି, ସାଂସ୍କୃତିକ ଅସ୍ମିତା ଓ ଦାୟିତ୍ୱପୂର୍ଣ୍ଣ ଶାସନ । ଓଡ଼ିଶା ବିକାଶ ଓ ନବ ସୃଜନ କ୍ଷେତ୍ରରେ ଆଜି ଗର୍ବ କରିବା ଭଳି ସ୍ଥିତିରେ ପହଞ୍ଚିବା ପାଇଁ ଆହୁରି କଠିନ ପରିଶ୍ରମ ଦରକାର । ଉଭୟ ଭାରତ ଓ ଓଡ଼ିଶା ହାତ ଧରାଧରି ହୋଇ ପୂର୍ଣ୍ଣ ବିକଶିତ କ୍ଷେତ୍ରକୁ ଗୁରୁତ୍ୱ ସହ ଓଡ଼ିଶାର ଦ୍ରୁତ ଶିଳ୍ପାୟନରେ ଉଦ୍ୟୋଗର ନବ କାର୍ଯ୍ୟାଳୟଗୁଡ଼ିକ କେବଳ ଯୁବଶକ୍ତି ପାଇଁ ନୁହାଁ । ପର୍ଯ୍ୟଟନ ବିକାଶ ଠାରୁ ଆର୍ଥିକ ଅଭିବୃଦ୍ଧି, ସବୁଜ ଶକ୍ତିର ଶ୍ରମ ଠାରୁ କୃଷିର ଆଧୁନିକକରଣ, ପରିବହନ ଓ ଲଜେଷ୍ଟିକ୍ସରେ ଉନ୍ନତି ଠାରୁ ଉଚ୍ଚତର ସ୍ୱାସ୍ଥ୍ୟ ସେବା, ଡିଜିଟାଲ ସେବା, ସମସ୍ତ ବିକାଶର ନୀଳ ନକ୍ସା ମଧ୍ୟରେ ଅନ୍ତର୍ଭୁକ୍ତ ହେବା ବାଞ୍ଛନୀୟ ।

ଗୁରୁଗ୍ରାମ, ହରିୟାନା

# କୋଭିଡ୍ ଭାଇରସ୍‌ର ନୂଆ ରୂପ ସିକାଡା

### ଡା. ରାଜକିଶୋର ପଣ୍ଡା

**"କୋଭିଡ୍ ଭାଇରସ୍‌ର ମନୁଷ୍ୟ ଶରୀର ମଧ୍ୟକୁ ପ୍ରବେଶ ପ୍ରକ୍ରିୟାରେ ଉପରୋକ୍ତ, ପ୍ରୋଟିନ୍‌ଟିର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ । ପ୍ରାୟ ସମସ୍ତ କୋଭିଡ୍ ଟିକା ଆମ ଶରୀରର ରୋଗ ପ୍ରତିରୋଧକ ବ୍ୟବସ୍ଥାକୁ ଏହି ସ୍ପାଇକ୍ ପ୍ରୋଟିନ୍ ବିରୋଧରେ ହିଁ କାର୍ଯ୍ୟକ୍ଷମ କରାଇ ଥାଆନ୍ତି । ଜାଣିରଖନ୍ତୁ ଯେ, ଏହି ମ୍ୟୁଟେସନ୍ କେବଳ ଭାଇରସ୍‌ରେ ନୁହେଁ ବରଂ ବ୍ୟାକ୍ଟେରିଆ ଓ କବକ ଠାରେ ମଧ୍ୟ ଦେଖାଯାଇଥାଏ ।**

**ଏହି ବିଏ.୩.୨ ସିକାଡା ନାମକରଣ କରାଯାଇଛି, ସର୍ବପ୍ରଥମେ ୨୦୨୪ରେ ଦକ୍ଷିଣ ଆଫ୍ରିକାରେ ଲୋକମାନଙ୍କୁ ସଂକ୍ରମିତ କରିଥିଲା । ଏହା ପରେ କିଛି କାଳ ପର୍ଯ୍ୟନ୍ତ ନିଷ୍କ୍ରିୟ ହୋଇ ପୁନର୍ବାର ଯୁକ୍ତରାଷ୍ଟ୍ରରେ ସଂକ୍ରମଣ କରିବା ଆରମ୍ଭ କରିଥିଲା । ଯେହେତୁ ଜୀବବିଜ୍ଞାନରେ ଦେଖାଯାଉଥିବା ସିକାଡ଼ା ନାମକ ଏକ କୀଟପତଙ୍ଗ ଏହିଭଳି ଭାବେ ସକ୍ରିୟ ଓ ନିଷ୍କ୍ରିୟ ଆଚରଣ କରିଥାଏ, ତେଣୁ ଏହାକୁ ଅନୁକରଣ କରି ବିଏ.୩.୨ କୁ 'ସିକାଡା' ନାମକରଣ କରାଯାଇଅଛି ।**

ଜାନୁୟାରୀ ୨୦୨୦ରେ ପୃଥିବୀପୃଷ୍ଠକୁ ଆସିଥିଲା ମହାଭୟଙ୍କର କୋଭିଡ୍ ମହାମାରୀ । ଏହି ଭାଇରସ୍‌ର ନାମ ଥିଲା କରୋନା ଭାଇରସ୍ ସାର୍ସ-ସି.ଓ.ଭି-୨ । ଅସଂଖ୍ୟ ଲୋକ ଏହି ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କଲେ । ୨୦୨୦ ମସିହା ମାର୍ଚ୍ଚରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କୋଭିଡ୍‌କୁ "ଗ୍ଲୋବାଲ ହେଲ୍‌ଥ ଏମରଜେନ୍ସି" ଭାବରେ ଘୋଷଣା କରିଥିଲେ । ଏହି ଜରୁରୀକାଳୀନ ଘୋଷଣାର ସମୟସୀମା ପୂର୍ଣ୍ଣ ହୋଇ ଥିଲା ମେ ୨୦୨୩ରେ । ପ୍ରଥମ କୋଭିଡ୍ ଲହରୀ(୨୦୨୦) ଓ ଦ୍ୱିତୀୟ କୋଭିଡ୍ ଲହରୀ(୨୦୨୧) କୁ ଏ ମଧ୍ୟରେ ପାଞ୍ଚରୁ ଛଅ ବର୍ଷ ବିତି ଗଲାଣି ।

ଇତି ମଧ୍ୟରେ କୋଭିଡ୍ ଭାଇରସ୍‌ର ପରିବର୍ତ୍ତନ ଘଟି ନୂଆ ନୂଆ ପ୍ରଜାତିର ଭାଇରସ୍‌ମାନଙ୍କର ସୃଷ୍ଟି ହୋଇଅଛି । ନିବନ୍ଧଟିରେ ଆଗକୁ ଯିବା ପୂର୍ବରୁ ଆମେ ଭାଇରସ୍‌ର 'ମ୍ୟୁଟେସନ୍' କହିଲେ କ'ଣ ବୁଝାଏ ତାହା ଜାଣିବା । ଏହି ମ୍ୟୁଟେସନ୍, ଭାଇରସ୍‌ର ଏକ ସ୍ଥାୟୀ ଓ ପ୍ରାକୃତିକ ପରିବର୍ତ୍ତନ ଅଟେ । ଭାଇରସ୍‌ରେ ଥିବା ନ୍ୟୁକ୍ଲିକ୍ ଏସିଡ୍ (ଡି.ଏନ୍.ଏ କିମ୍ବା



ଆର.ଏନ.ଏ)ରେ ଏହି ପରିବର୍ତ୍ତନ ସଂଘଟିତ ହୋଇଥାଏ । ମ୍ୟୁଟେସନ୍ ପ୍ରକ୍ରିୟା ଭାଇରସ୍‌କୁ ନୂତନ ପରିବେଶ ସହ ଖାପ ଖୁଆଇବା, ଆଣ୍ଟିଭାଇରାଲ୍ ଔଷଧ ଏବଂ ଟିକାକୁ ପ୍ରତିରୋଧ କରିବା ଇତ୍ୟାଦିରେ ସହଯୋଗ କରିଥାଏ । ପ୍ରକାଶ ଥାଉ କି ବେଳେବେଳେ ଏହା ଭାଇରସ୍ ପାଇଁ ଲାଭଦାୟକ ହୋଇଥାଏ ଏବଂ ଆଉ କେବେ କ୍ଷତିକାରକ ମଧ୍ୟ ହୋଇଥାଏ । ମ୍ୟୁଟେସନ୍ କରିପାରୁଥିବା ଗୋଟିଏ ବାହ୍ୟିକ କାରକ ହେଉଛି ଅଲ୍‌ଟ୍ରାଭାଇଓଲେଟ୍ ରଶ୍ମି । ଯେଉଁ ଯେଉଁ ଭାଇରସ୍‌ମାନଙ୍କ ଠାରେ ଏହି ପ୍ରକ୍ରିୟା ଅଧିକ ମାତ୍ରାରେ ଦେଖିବା ପାଇଁ ମିଳିଥାଏ, ସେମାନେ ହେଉଛନ୍ତି-କୋଭିଡ୍, ଇନ୍‌ଫ୍ଲୁଏଞ୍ଜା ଓ ଏଚ୍.ଆଇ.ଭି ।

ତେବେ କୋଭିଡ୍ ଭାଇରସ୍‌ର ମ୍ୟୁଟେସନ୍ ଘଟି ଏକ ନୂତନ ପ୍ରଜାତିର ସୃଷ୍ଟି ହୋଇଥିଲା ୨୦୨୪ ମସିହାରେ । ଏହାର ନାମ ହେଉଛି 'ସିକାଡା' ଯାହା ଏହି ସନ୍ଦର୍ଭର ବିଷୟବସ୍ତୁ ।

ସାର୍ସ ସିଓଭି-ଦୁଇରେ ବ୍ୟାପକ ପରିବର୍ତ୍ତନ ବା ମ୍ୟୁଟେସନ୍ ଘଟି ଏଥିରୁ ସର୍ବପ୍ରଥମେ ଓମିକ୍ରନ୍ ପ୍ରଜାତିର ସୃଷ୍ଟି ହୋଇଛି । ଏହି ଓମିକ୍ରନ୍ ସର୍ବପ୍ରଥମେ ଦକ୍ଷିଣ ଆଫ୍ରିକାରେ ୨୪ ନଭେମ୍ବର ୨୦୨୧ ମସିହାରେ ଚିହ୍ନଟ କରାଯାଇଥିଲା । ଏହାପରେ ଓମିକ୍ରନ୍ ଠାରେ ମ୍ୟୁଟେସନ୍ ଘଟି ବହୁତ ଅନ୍ୟ ପ୍ରଜାତିର ଉତ୍ପତ୍ତି ଘଟିଛି । ଏଗୁଡ଼ିକ ହେଉଛନ୍ତି ବିଏ.୧, ବିଏ.୨, ବିଏ.୩, ବିଏ.୪ ଓ ବିଏ.୫ । ବିଏ.୩ ରୁ ବିଏ.୩.୨ ର ସୃଷ୍ଟି ମଧ୍ୟ ମ୍ୟୁଟେସନ୍ ମାଧ୍ୟମରେ ହିଁ ହୋଇଛି । ସୂଚନାଯୋଗ୍ୟ ଯେ ବିଏ.୩ର ସ୍ପାଇକ୍ ପ୍ରୋଟିନ୍‌ରେ ପଚାଶ ଥରରୁ ଅଧିକ ମ୍ୟୁଟେସନ୍ ଘଟି ବିଏ.୩.୨ ର ସୃଷ୍ଟି ହୋଇଛି । ଏହି ସ୍ପାଇକ୍ ପ୍ରୋଟିନ୍ କହିଲେ ଆମେ କଣ ବୁଝିବା ? କୋଭିଡ ଭାଇରସ୍ ଠାରେ ଦେଖାଯାଉଥିବା ଚାରିଗୋଟି ପ୍ରମୁଖ ପ୍ରୋଟିନ୍ ମଧ୍ୟରୁ ଏହି ସ୍ପାଇକ୍ ପ୍ରୋଟିନ୍ ଅନ୍ୟତମ ଅଟେ ।

କୋଭିଡ୍ ଭାଇରସ୍‌ର ମନୁଷ୍ୟ ଶରୀର ମଧ୍ୟକୁ ପ୍ରବେଶ ପ୍ରକ୍ରିୟାରେ ଉପରୋକ୍ତ, ପ୍ରୋଟିନ୍‌ଟିର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ । ପ୍ରାୟ ସମସ୍ତ କୋଭିଡ୍ ଟିକା ଆମ ଶରୀରର ରୋଗ ପ୍ରତିରୋଧକ ବ୍ୟବସ୍ଥାକୁ ଏହି ସ୍ପାଇକ୍ ପ୍ରୋଟିନ୍ ବିରୋଧରେ ହିଁ କାର୍ଯ୍ୟକ୍ଷମ କରାଇ ଥାଆନ୍ତି । ଜାଣିରଖନ୍ତୁ ଯେ, ଏହି ମ୍ୟୁଟେସନ୍ କେବଳ ଭାଇରସ୍‌ରେ ନୁହେଁ ବରଂ ବ୍ୟାକ୍ଟେରିଆ ଓ କବକ ଠାରେ ମଧ୍ୟ ଦେଖାଯାଇଥାଏ ।

ଏହି ବିଏ.୩.୨ ସିକାଡା ନାମକରଣ କରାଯାଇଛି, ସର୍ବପ୍ରଥମେ ୨୦୨୪ରେ ଦକ୍ଷିଣ ଆଫ୍ରିକାରେ ଲୋକମାନଙ୍କୁ ସଂକ୍ରମିତ କରିଥିଲା । ଏହା ପରେ କିଛି କାଳ ପର୍ଯ୍ୟନ୍ତ ନିଷ୍କ୍ରିୟ ହୋଇ ପୁନର୍ବାର ଯୁକ୍ତରାଷ୍ଟ୍ରରେ ସଂକ୍ରମଣ କରିବା ଆରମ୍ଭ କରିଥିଲା । ଯେହେତୁ ଜୀବବିଜ୍ଞାନରେ ଦେଖାଯାଉଥିବା ସିକାଡ଼ା ନାମକ ଏକ କୀଟପତଙ୍ଗ ଏହିଭଳି ଭାବେ ସକ୍ରିୟ ଓ ନିଷ୍କ୍ରିୟ ଆଚରଣ କରିଥାଏ, ତେଣୁ ଏହାକୁ ଅନୁକରଣ କରି ବିଏ.୩.୨ କୁ 'ସିକାଡା' ନାମକରଣ କରାଯାଇଛି ।

ଯଦିଓ ଏପର୍ଯ୍ୟନ୍ତ ବ୍ୟାପକ ପରିମାଣରେ ସଂକ୍ରମଣ ସିକାଡା ଦ୍ୱାରା ହୋଇନାହିଁ, ତଥାପି ନିକଟ ଅତୀତରେ ୟୁରୋପରେ ଦେଖା ଦେଇଥିବା କୋଭିଡ୍‌ର ତିରିଶ ପ୍ରତିଶତ ଏହା ଯୋଗୁଁ ହୋଇଅଛି ବୋଲି ଗବେଷକମାନେ ମତବ୍ୟକ୍ତ କରିଅଛନ୍ତି । ଆମେରିକାର ପାଖାପାଖି ଦୁଇ ଡଜନ ରାଜ୍ୟରେ ଲୋକମାନେ ଏହି ଭାଇରସ୍ ଯୋଗୁଁ ପ୍ରଭାବିତ ହୋଇଛନ୍ତି । ଯଦି ଆମେ ଲକ୍ଷଣକୁ ଦେଖିବା, ତାହାହେଲେ ପୂର୍ବ କୋଭିଡ୍ ଭାଇରସ୍‌ମାନଙ୍କ ଦ୍ୱାରା ଆକ୍ରାନ୍ତ ହେଲେ, ଯେଉଁ ଲକ୍ଷଣମାନ ଦେଖାଯାଇଥାଏ, ତାହା ମଧ୍ୟ 'ସିକାଡା'ର ସଂକ୍ରମଣରେ ଦେଖାଯାଇଥାଏ । ଏହି ଲକ୍ଷଣଗୁଡ଼ିକ ହେଉଛି- ଥଣ୍ଡା, ମୁଣ୍ଡବିନ୍ଧା, କାଶ ଓ ଶରୀର ପୀଡ଼ା ଇତ୍ୟାଦି ।

ବର୍ତ୍ତମାନ କୋଭିଡ-୧୯ ଟିକା ହିଁ, ସିକାଡ଼ା ଜନିତ ସଂକ୍ରମଣର ପ୍ରାଥମିକ ପ୍ରତିଷେଧକ ବ୍ୟବସ୍ଥା ଭାବରେ ବ୍ୟବହୃତ ହେଉଛି ଯଦିଓ ଏହାର କାର୍ଯ୍ୟଦକ୍ଷତା କେତେ ତାହାକୁ ନେଇ ବ୍ୟାପକ ଗବେଷଣା ଚାଲୁ ରହିଛି । ଏହା ଉପରେ ମତ ଦେଇ ଭାଣ୍ଡରବିଲ୍‌ଟ ବିଶ୍ୱବିଦ୍ୟାଳୟର ସଂକ୍ରାମକ ରୋଗ ବିଭାଗର ପ୍ରଫେସର ଡାକ୍ତର ୱିଲିୟମ୍ ସ୍କାଫ୍‌ନର୍ କହିଛନ୍ତି ଯେ ଯେହେତୁ ସିକାଡ଼ା, ଓମିକ୍ରନ୍ ଭାଇରସ୍ ପରିବାରର ହିଁ ଅଂଶବିଶେଷ ତେଣୁ ଅତ୍ୟାଧୁନିକ କୋଭିଡ୍ ଟିକା ଯେଉଁଗୁଡ଼ିକ ଯେ ଓମିକ୍ରନ୍‌ର ଜେ ଏ.୩.୨ପ୍ରଜାତି ପାଇଁ ଉଦ୍ଦିଷ୍ଟ, ସେଗୁଡ଼ିକୁ ଆମେ ବିଏ.୩.୨ କିମ୍ବା ସିକାଡ଼ା ବିରୋଧରେ ମଧ୍ୟ ପ୍ରୟୋଗ କରିପାରିବା ।"

ଶେଷରେ ଆସିବା କୋଭିଡ୍ ଟେଷ୍ଟ ବା ପରୀକ୍ଷଣକୁ । ବିଶେଷଜ୍ଞମାନେ କହିଛନ୍ତି ଯେ କୋଭିଡ୍ ପରୀକ୍ଷଣରେ ଭାଇରସ୍‌ର ଯେଉଁ ଅଂଶକୁ ପରୀକ୍ଷା କରାଯାଇଥାଏ, ତାହାର ମ୍ୟୁଟେସନ୍‌ରେ ବଦଳିବାର ସମ୍ଭାବନା ଅତ୍ୟନ୍ତ କମ୍ । ତେଣୁ ଚିରାଚରିତ ପରୀକ୍ଷଣ ସିକାଡାରେ ମଧ୍ୟ କରାଯାଇପାରିବ । ତେବେ ଆଗାମୀ ଦିନରେ ସିକାଡାକୁ ନେଇ ବ୍ୟାପକ ଗବେଷଣାର ଆବଶ୍ୟକତା ରହିଛି ।

ଓଡ଼ିଶା ସ୍ୱାସ୍ଥ୍ୟ ସେବା
ମୋ- ୮୧୪୪୦୪୨୯୯୭

# ଶିକ୍ଷକମାନଙ୍କ ବଦଳି ଆଦେଶ ଢିଲା ଜିଏମ ହାଇସ୍କୁଲରୁ ୨୪ ବର୍ଷ ଧରି ବଦଳି ନାହାନ୍ତି!

ପିପିଲି ,୨୩।୪ (ନିପ୍ର): ପୁରୀ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଧୀନ ପିପିଲି ଶିକ୍ଷାଧିକାରୀ ହାତ ପାଆନ୍ତା ମଧରେ ଥିବା ଦାଣ୍ଡମକୁନ୍ଦପୁର ଜିଏମ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୨୪ ବର୍ଷ ଧରି ଏକ ସ୍ଥାନରେ ନିଯୁକ୍ତି ହୋଇ ରହିଛନ୍ତି ଶିକ୍ଷକ। ଏଦିଗରେ ନଜର ଅଛି ବ୍ଲକ ଶିକ୍ଷାଧିକାରୀଙ୍କର ନା ଜିଲ୍ଲା ଶିକ୍ଷାଧିକାରୀଙ୍କର। ଗଣଶିକ୍ଷା ବିଭାଗର ଅପାରଗତା ଯୋଗୁଁ ପିପିଲି ବ୍ଲକ ଅଧୀନରେ ଥିବା କେତେକ ବିଦ୍ୟାଳୟରେ ନିଯୁକ୍ତି ଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଥାଇ କିଭଳି ପାର୍ଶ୍ୱ ବିଦ୍ୟାଳୟ ଗୁଡିକରେ ଦୀର୍ଘ ଦିନ ଧରି ରହିଛନ୍ତି। ଏନେଇ ଗଣଶିକ୍ଷା ବିଭାଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିଅଛି। ଅନ୍ୟ ପକ୍ଷରେ କେତେକ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅନ୍ୟତ୍ର ବଦଳି ନହେବା ନେଇ ଉଚ୍ଚସ୍ଥ ଅଧିକାରୀ କିମ୍ବା ରାଜନୈତିକ କୁଜି ନେତା ମାନଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ରହିଛନ୍ତି। ଏମିତି ଏମାନଙ୍କୁ ଉଠାଇବାର କାହାର କ୍ଷମତା ନଥିବା ଚର୍ଚ୍ଚା ହେଉଛି। ଅନ୍ୟ ପକ୍ଷରେ ପିପିଲି ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ନିଯୁକ୍ତି ଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ମୋଟା ଅଙ୍କର ଅର୍ଥ କାରବାର କରି ଜିଲ୍ଲା ଶିକ୍ଷାଧିକାରୀଙ୍କ ଜ୍ଞାତସାରରେ କେତେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବାଦ ଦେଇ ରେଗୁଲାର କରି ଥିବା ଯୋଗୁ ଏଦିଗରେ ଜନ ଅସନ୍ତୋଷ ଘୋର ମାତ୍ରାରେ ଦେଖା ଦେଇଛି। ଯାହା ଏକ ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ କରାଗଲେ ହୋଇ ଥିବା ଚଞ୍ଚକତା ଅଭିଯୋଗ ଏବଂ ଦୀର୍ଘ ବର୍ଷ ଧରି ଏକ ସ୍ଥାନରେ ନିଯୁକ୍ତି ଥିବା ଶିକ୍ଷକ / ଶିକ୍ଷୟିତ୍ରୀ ମାନଙ୍କର ଅସଲ ମୁଖା ଖୋଲି ଯାଆନ୍ତା ବୋଲି ଅଭିଭାବକ ମହଲରେ ଦାବି ହେଉଛି।

# ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

ହିଞ୍ଜିଳିକାଟୁ,୨୩।୪ (ନିପ୍ର): ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ସମରଝୋଳ ଚକ୍ଷୁ ଚିକିତ୍ସାଳୟ ନିକଟରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣଙ୍କ ହେଲେ ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ରେଗିଡି ସାହିର ସୁଧାଂଶୁ ସାବତ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ଓ ପରେ ବିଶାଖାପାଟଣା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଉଛି। ପ୍ରକାଶ ଯେ, ମଙ୍ଗଳବାର ରାତିରେ ସୁଧାଂଶୁ ବାଇକ୍ ଯୋଗେ ବ୍ରହ୍ମପୁର ଠାରୁ କାମ ସାରି ଘରକୁ ଫେରୁଥିଲେ। ସମରଝୋଳ ଚକ୍ଷୁ ଚିକିତ୍ସାଳୟ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଏକ ଗଛକୁ ଧକ୍କା ଦେଇ ଗୁରୁତର ଆହତ ହୋଇଥିଲେ।

# ଏବେ ବି ତିଷ୍ଠି ରହିଛି ହାତ ପଙ୍ଖା

ପାରଳାଖେମୁଣ୍ଡି,୨୩।୪ (ନିପ୍ର): ଜାରି ରହିଛି ଗ୍ରୀଷ୍ମପ୍ରବାହ। ଦିନକୁ ଦିନ ଉତ୍ତାପ ବୃଦ୍ଧି ପାଉଛି। ଗୁଳୁଗୁଳିରେ ଆଉଟୁପାଉଟୁ ହେଉଛନ୍ତି ଜନସାଧାରଣ । ଖରାକୁ ଦୃଷ୍ଟିରେ ରଖି ତରଭୁଜ, ଆଖୁରସ, ଲେମ୍ବୁ ସର୍ବତ ଓ ଲସି ଆଦି ତୃଷା ନିବାରଣର ମାଧ୍ୟମ ସାଜିଛି ।। ଘରେ ଘରେ ପଙ୍ଖା। ଓ କୁଲର୍ ଓ ଏସି ଆଦିର ବହୁଳ ବ୍ୟବହାର ହେଉଛି। ହେଁ ଏବେବି ତାଳପତ୍ର ବିଞ୍ଚଣାର ଚାହିଦା ବଜାୟ ରହିଥିବା ଦେଖିବାକୁ ମିଳୁଛି।



ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହେଲେ ଗରମରୁ ରକ୍ଷା ପାଇବା ପାଇଁ ଖୋଜା ପଡ଼େ ବିଞ୍ଚଣା। ତାଳପତ୍ରରୁ ତିଆରି ବିଞ୍ଚଣାଟି ପ୍ରାକୃତିକ ପବନର ଆବଶ୍ୟକତା ପୂରଣ କରେ ଝାଳ ଓ ଗରମରେ ସିଝୁଥିବା ବେଳେ ବିଞ୍ଚଣାର ପବନ ଆମକୁ ଆରାମ ପ୍ରଦାନ କରେ। ସେହିଭଳି, ଆମ ହିନ୍ଦୁଧର୍ମର ପୂଜାର୍ଚ୍ଚନାରେ ମଧ୍ୟ ଖୋଜା ପଡ଼େ ବିଞ୍ଚଣା ଏଣୁ, ଆଧୁନିକତାର ସ୍ପର୍ଶରେ ବିଞ୍ଚଣା ହଜିଯାଇନି। ଏଠାରେ ଆନ୍ଧ୍ରପ୍ରଦେଶରୁ କିଛି ବ୍ୟବସାୟୀ ତାଳପତ୍ର ବିଞ୍ଚଣା ଆଣି ବିକ୍ରି କରୁଛନ୍ତି। ବ୍ୟବସାୟ ପୂର୍ବ ଭଳି ନଥିଲେ ମଧ୍ୟ ଲୋକଙ୍କ ଭିତରେ ବିଞ୍ଚଣା ପ୍ରତି ପ୍ରତି ଆଗ୍ରହ ରହିଛି ବୋଲି ସେମାନେ କହନ୍ତି । ଯେତେ ସୁବିଧା ଥିଲେ ମଧ୍ୟ ଯଦି କରେଣ୍ଟ ଚାଲିଯାଏ ତା'ହେଲେ ଖରାଦିନେ ବିଞ୍ଚଣା ଲୋକେ ଖୋଜିବେ। ଏଣୁ, ତାଳପତ୍ର ବିଞ୍ଚଣା ପ୍ରତି ଶ୍ରଦ୍ଧା ଲୋକଙ୍କ ଭିତରେ ବଜାୟ ରହିବ ବୋଲି ମତପ୍ରକାଶ ପାଇଛି।

# ବରିଷ୍ଠ ସାମ୍ବାଦିକଙ୍କ ମାତୃ ବିୟୋଗ

ପାରଳାଖେମଣ୍ଡି,୨୩।୪ (ନିପ୍ର): ଗଜପତି ଜିଲ୍ଲାର କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ବେହେରାଙ୍କ ମାତୃ ବିୟୋଗ ହୋଇଯାଇଛି। ଶେଷ ଦର୍ଶନ ବେଳେ ତାଙ୍କର ତିନିଗୋଟି ଝିଅ, ରୁନୁ ସାମଲ, ମନୋରମା ମଲ୍ଲିକ, ଗୀତାଞ୍ଜଳି ପାତ୍ରଙ୍କ ସମେତ ବନ୍ଧୁ ବାନ୍ଧବ ଉପସ୍ଥିତ ରହି ସଦଗତି କାମନା କରି ଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମ ପରାୟଣ ମହିଳା ଥିଲେ। ତାଙ୍କର ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗ ଦ୍ୱାରରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବହୁ ସାମ୍ବାଦିକ ତାଙ୍କ ଅମର ଆତ୍ମାର ସଦ ଗତି କାମନା କରିଛନ୍ତି।

# ଦକ୍ଷିଣ ଓଡିଶାର ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରା ଆସନ୍ତା ମାସରେ

ରମ୍ଭା,୨୩।୪ (ନିପ୍ର); ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଦକ୍ଷିଣ ଓଡିଶାର ପ୍ରସିଦ୍ଧ ଚନ୍ଦନ ଯାତ୍ରା ପ୍ରସ୍ତୁତି ସମୀକ୍ଷା ସହିତ ପ୍ରଶାସନର ପରସ୍ପରକୁ ଦୋଷାରୋପ ଭିତରେ ସହରର ରାଜପଥ ପାର୍ଶ୍ୱରେ ସିସି କ୍ୟାମେରା ଲାଗିଥିବା କାହା ଦାୟିତ୍ୱରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ସହରର ବିଭିନ୍ନ ସ୍ଥାନ ଓ ସ୍ପର୍ଶକାତର ଜାଗା ପାର୍ଶ୍ୱରେ ସିସି କ୍ୟାମେରା ଲାଗିରହିଛି। ଟ୍ରାଫିକ ନିୟନ୍ତ୍ରଣ ଠାରୁ ଆରମ୍ଭ କରି ଅସାମାଜିକ ବ୍ୟକ୍ତିଙ୍କ କାରନାମା, ଅପରାଧ ନିୟନ୍ତ୍ରଣ, ଦ୍ରୁତ ଗାଡି ଚାଳଣା, ଡକାୟତ ସହିତ ଅନେକ ସମସ୍ୟା ସାଧାରଣ ଲୋକଙ୍କ ମନରେ ଉଙ୍କି ମାରୁଛି ସିସି କ୍ୟାମେରା ରେ କଏଦୀ ହେଉଛି କି ନା ନାହିଁ । ସମଗ୍ର ସହର କ୍ୟାମେରା ସର୍ଭିଲାନ୍ସରେ ରହିବା ଅପରାଧ ଗତିବିଧି ଓ ଦ୍ରୁତ ଗାଡି ଚାଳନା କରୁଥିବା ବ୍ୟକ୍ତି ମଧ୍ୟ ସାବାଡ ହେବା ପାଇଁ ଏହା ଏକ ମାଧ୍ୟମ।

ଏପରି କ୍ୟାମେରା ଖଞ୍ଜାଯିବା ନିଷ୍ପତ୍ତିକୁ ସ୍ଥାପିତ ଦିନ ଠାରୁ ସହରାଞ୍ଚଳର ଶିକ୍ଷାବିତ, ବୁଦ୍ଧିଜୀବୀ, ସାଧାରଣ ବ୍ୟକ୍ତି ଏବଂ ରାଜନୈତିକ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ହେଲେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଗଣମାଧ୍ୟମ ପକ୍ଷରୁ ବିଭାଗୀୟ ପ୍ରଶାସନକୁ ଆସନ୍ତା ମାସ ଚନ୍ଦନ ଯାତ୍ରାକୁ ଦୃଷ୍ଟିରେ ରଖି ସହର ଉପକଣ୍ଠ କ୍ୟାମେରା ସର୍ଭିଲାନ୍ସ ଗୁଡିକ କେତେ କାର୍ଯ୍ୟକ୍ଷମ ସେ ନେଇ ଆଶଙ୍କା ପ୍ରକାଶ ପାଇଛି। ଚନ୍ଦନ ଯାତ୍ରା ସମୟରେ ଆଇନ ଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ସିସିଟିଭି ଏକ ଗୁରୁତ୍ୱପୂର୍ଣ୍ଣ ସଧନ। ଜିଲ୍ଲା ପ୍ରଶାସନ ଏ ନେଇ ସଚେତନ ହେଲେ କିପରି ସମସ୍ୟାର ସମାଧାନ ହେବ ବୋଲି ବିଭିନ୍ନ ମହଲରେ ଆଲୋଚନା ଚାଲିଛି। ଐତିହାସିକ ରମ୍ଭା ସହର ଓଡିଶା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବେଳେ ଆସନ୍ତା ମାସରେ ଚନ୍ଦନ ଯାତ୍ରା ବେଳେ ସିସିଟିଭି ନ ଲାଗିଲେ ଟ୍ରାଫିକ ସମସ୍ୟା, ରୋମିଓଙ୍କ ଉପଦ୍ରବ, ସମ୍ଭାବ୍ୟ ଚୋରି, ଡକାୟତ ନିୟନ୍ତ୍ରଣ କରିବାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିବ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି।

# ବାଲିବନ୍ଧ ତିଆରି କରି ଅଟକା ଯାଇଛି ଭେଡେନ ନଦୀର ଜଳ ପ୍ରବାହ, ପରିବେଶ ଅସନ୍ତୁଳନ ଆଶଙ୍କା

ଝାରସୁଗୁଡ଼ା,୨୩।୪(ନିପ୍ର):ହୀରାକୁଦ ନଦୀବନ୍ଧ ନିକଟସ୍ଥ ଝାରସୁଗୁଡା ସଦର ବ୍ଲକ ହିର୍ମାଠାରେ ଥିବା ଭେଡ଼େନ ନଦୀର ପ୍ରାକୃତିକ ଜଳ ପ୍ରବାହକୁ ବାଲିବନ୍ଧ ନିର୍ମାଣ କରି ରୋକାଯିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଏବେ ଗଭୀର ଚିନ୍ତା ପ୍ରକଟ ପାଇଛି। ବିଶେଷ କରି ହିର୍ମା ଓ ମଲଦା ଅଞ୍ଚଳର ପାରିପାର୍ଶ୍ୱିକ ସ୍ଥିତି ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବା ସହିତ ପରିବେଶ ଅସନ୍ତୁଳନ ର ଆଶଙ୍କା କରାଯାଉଛି ।

ଭେଡେନ ନଦୀର ଜଳ ଗର୍ଭରେ ଏପଟେ ହିର୍ମା ଠାରୁ ନଦୀର ବିପରୀତ ପାର୍ଶ୍ୱ ମଲଦା ପର୍ଯ୍ୟନ୍ତ ଏକ ବିରାଟ ବାଲିବନ୍ଧ ତିଆରି କରାଯାଇଛି । ଯାହାଦ୍ୱାରା ଭେଡେନ ନଦୀରେ ଗ୍ରୀଷ୍ମ ଋତୁ ରେ ଯେତେ ବି ଜଳସ୍ରୋତ ଆସୁଛି, ସେସବୁ ବାଲିବନ୍ଧ ଦ୍ୱାରା ଅଟକି ରହିଯାଉଛି । ଯାହାଦ୍ୱାରା ଭେଡେନ ନଦୀର ଉପର ମୁଣ୍ଡ ରେ ଥିବା ଅଞ୍ଚଳରେ ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି।

ଏହାର ସିଧାସଳଖ ପ୍ରଭାବ ସ୍ଥାନୀୟ ଚାଷ କାର୍ଯ୍ୟ ଉପରେ ପଡୁଥିବା ବେଳେ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ନଦୀର ସ୍ୱାଭାବିକ ଗତି ଅଟକିବା ଦ୍ୱାରା ସ୍ଥାନୀୟ ମାଛ ଓ ଅନ୍ୟାନ୍ୟ ଜଳଚର ଜୀବଙ୍କ ବଂଶବୃଦ୍ଧିରେ ମଧ୍ୟ



ବଡ଼ ବାଧା ସୃଷ୍ଟି ହୋଇଛି, ଯାହା ଜୈବ ବିବିଧତା ପ୍ରତି ଏକ ବିପଦ ସଙ୍କେତ ଅଟେ ।

ଏହାଦ୍ୱାରା ଭେଡେନ ନଦୀର ଜଳ ହୀରାକୁଦ ଜଳ ଭଣ୍ଡାରକୁ ମଧ୍ୟ ପ୍ରବେଶ କରି ପାରୁନାହିଁ ।ଯାହାଦ୍ୱାରା ଭେଡେନ ନଦୀ ତାର ପ୍ରକୃତ ରୂପ, ଗତିପଥ ହରାଇବା ସହିତ ପରିବେଶ ଅସନ୍ତୁଳନ ଆଶଙ୍କା ସୃଷ୍ଟି ହେଲାଣି।

ଏ ନେଇ ହିର୍ମା, ମଲଦା ଅଂଚଳର କିଛି ଲୋକ ଅଭିଯୋଗ କରି କହିଛନ୍ତି ଯେ କେଉଁ ସଂସ୍ଥା କେଉଁ ଉଦ୍ଦେଶ୍ୟରେ ଏହି ପାଣି କୁ ରୋକିଛି, ତାହା ଜଣା ପଡୁନାହିଁ, କିନ୍ତୁ କିଛି କମ୍ପାନୀ ଏବଂ ଠିକା ସଂସ୍ଥା ନିଜର ସ୍ୱାର୍ଥ ସାଧନ କରିବା ପାଇଁ ନଦୀର ପାଣିକୁ ରୋକିଥିବା ସନ୍ଦେହ କରାଯାଉଛି। ଏହି ଗମ୍ଭୀର ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଜଳସେଚନ ବିଭାଗ, ପରିବେଶ ମନ୍ତ୍ରାଳୟ ଏବଂ ଝାରସୁଗୁଡା ଜିଲ୍ଲାପାଳ ସମ୍ବେଦନଶୀଳ ଭାବରେ ଘଟଣାର ତଦନ୍ତ କରାଇ ଭେଡେନ ନଦୀକୁ ପ୍ରକୃତ ଅଧିକାର ପ୍ରଦାନ କରନ୍ତୁ ବୋଲି ଅଂଚଳବାସୀ ଦାବି କରିଛନ୍ତି ।

ଏହା ସହିତ ନଦୀର ପ୍ରାକୃତିକ ପ୍ରବାହ ବଜାୟ ରଖିବା ପାଇଁ ଗ୍ରାମ ସଭା ଓ ପଞ୍ଚାୟତ ସ୍ତରରେ ବିଧିବଦ୍ଧ ପ୍ରସ୍ତାବ ପାରିତ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି। ଯଦି ସମୟ ଥାଉ ଥାଉ ଏହାର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଏହା ଏକ ବଡ଼ ପରିବେଶ ସଙ୍କଟ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ଏ ନେଇ ଝାରସୁଗୁଡା ଉପଜିଲ୍ଲାପାଳଙ୍କ ମତାମତ ମିଳି ପାରି ନ ଥିବା ବେଳେ ଝାରସୁଗୁଡା ତହସିଲଦାର କହିଛନ୍ତି ଯେ ଏ ନେଇ କୌଣସି ଅଭିଯୋଗ ଆମ ପାଖକୁ ଆସିନାହିଁ ।

ଏ ନେଇ ପ୍ରଶାସନ କୌଣସି ଅନୁମତି ମଧ୍ୟ ଦେଇନାହିଁ। ଅଭିଯୋଗ ହେଲେ ଘଟଣାର ତଦନ୍ତ କରାଯିବ ବୋଲି ତହସିଲଦାର ମତ ପ୍ରକାଶ କରିଛନ୍ତି।

# ବିଦ୍ୟା ମନ୍ଦିର ପକ୍ଷରୁ ପାନୀୟ ଜଳ ବଣ୍ଟନ

ରିଆମାଳ,୨୩।୪(ନିପ୍ର): ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ସାହୁଙ୍କ ତତ୍ତ୍ୱାବଧାନରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରିଆମାଳ ପରିବାର ତରଫରୁ କୃଷି ବିଭାଗ ଅଫିସ ନିକଟଛକରେ ଜଳଛତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ରିଆମାଳରେ ସାପ୍ତାହିକ ହାଟ ଥିବାରୁ ତଥା ଗ୍ରୀଷ୍ମ ପ୍ରବାହରେ ଜଳର ଆବଶ୍ୟକତା କୁ ଦୃଷ୍ଟିରେ ରଖି ଲୋକମାନଙ୍କ



ପାଇଁ ଜଳଛତ୍ର ଖୋଲାଯାଇ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ସରବତ,ଦହି ସରବତ , ସାଦା ପାଣି ଆଦିର ବ୍ୟବସ୍ଥା କରାଯାଇଥିଲା। ଲୋକ ମାନେ ନିଜ ପସନ୍ଦରେ ଜଳ ଓ ସରବତ ପିଇ ନିଜ ତୃଷା ନିବାରଣ କରିଥିଲେ। ଏହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଏଭଳି କାର୍ଯ୍ୟକୁ ଲୋକମାନେ ପ୍ରଶଂସା କରିଛନ୍ତି। ଏଥିରେ ସମସ୍ତ ଗୁରୁଜୀ ଗୁରୁମା ଓ ସେବକ ସେବିକାମାନଙ୍କ ପୂର୍ଣ୍ଣ ସହଯୋଗ ରହିଥିଲା।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୋଷଣ ପକ୍ଷ

ଭାପୁର,୨୩।୪ (ନିପ୍ର): ଶିଶୁ ଜୀବନର ସାମଗ୍ରିକ ବିକାଶ ପାଇଁ ଉତ୍ତମ ପୋଷଣ ନିତାନ୍ତ ଜରୁରୀ। ଭିଟାମିନ ଯୁକ୍ତ ପୋଷଣ ଶିଶୁମାନଙ୍କୁ ପ୍ରଦାନ ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ୨୦୧୮ ମସିହାରୁ ପୋଷଣ ପକ୍ଷ ପାଳନ କରୁଥିବାବେଳେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ସମନ୍ୱିତ ଶିଶୁ ପ୍ରକଳ୍ପ ବିଭାଗ ଜରିଆରେ ଏହା କାର୍ଯ୍ୟକାରୀ ହେଉଛି।ଏହି ପରିପ୍ରେକ୍ଷୀରେ, ଚଳିତ ମାସ ୯ ତାରିଖ ରୁ ୨୩ ତାରିଖ ପର୍ଯ୍ୟନ୍ତ ଅଷ୍ଟମ ପୋଷଣ ପକ୍ଷ ରୂପେ ଭାପୁର ବ୍ଲକର ୧୫୫ ଗୋଟି ଅଙ୍ଗନବାଡି କେନ୍ଦ୍ରରେ ଅନୁଷ୍ଠିତ ହେଉଛି। ରାକମା ଗ୍ରାମ ଅଙ୍ଗନବାଡି କେନ୍ଦ୍ର -୧ ରେ ସରପଞ୍ଚ ସନ୍ତୋଷୀ ବେହେରାଙ୍କ ସଭାପତିତ୍ୱ ରେ ୨୪ ଜଣ ଗର୍ଭବତୀ ଓ ପ୍ରସୂତି ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ମାନଙ୍କ ଉପସ୍ଥିତିରେ ଭିଟାମିନଯୁକ୍ତ ଖାଦ୍ୟ ପ୍ରଦର୍ଶନୀ କରାଯିବା ସହିତ ଅଙ୍ଗନବାଡି କର୍ମୀ ନମିତା ପଟ୍ଟଯୋଶୀ ଏହି ଖାଦ୍ୟ ଉପରେ ଆଲୋକପାତ କରିଥିଲେ।

# ବିଶ୍ୱ ଧରିତ୍ରୀ ଦିବସ ୨୦୨୬

ଭବାନୀପାଟଣା,୨୩।୪ (ନିପ୍ର): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଅନ୍ତର୍ଗତ ଗୁଣପୁର ଠାରେ ଛପନ ତମ ବିଶ୍ୱ ଧରିତ୍ରୀ ଦିବସ ୨୦୨୬ କଳାହାଣ୍ଡି ଏଜେନସି ଫର ଏନଭାଇରନମେଣ୍ଟ ଏଣ୍ଡ ୱାଇଲଡ (କେଫ୍ୟୁ ) ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଧରିତ୍ରୀ ଦିବସ ଅବସରରେ ଅନୁଷ୍ଠିତ ଜନ ସଚେତନତା ସଭାରେ ଗୁଣପୁର ଆଞ୍ଚଳିକ ବିକାଶ ପରିଷଦର ସଭାପତି ରଥ ଦୁରିଆ, ଶାସ୍ତିଜୀ ଯୁବକ ସଂଘ ର ସଭାପତି ଗୁଣନିଧି ନା ଏ କ ଓ ପ୍ରକୃତି ବନ୍ଧୁ ଡୋଳାମଣି ସାହୁ ଉପସ୍ଥିତ ରହି ବିଶ୍ୱ ଧରିତ୍ରୀ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କ ରେ ଆଲୋଚନା କରିଥିଲେ। ବିଶ୍ୱ ଧରିତ୍ରୀ ଦିବସ ଅବସରରେ ଆୟୋଜିତ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ର କୃତୀ ପ୍ରତିଯୋଗୀମାନଙ୍କୁ କେଫ୍ୟୁ ପକ୍ଷରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇ ଥିଲା। ପ୍ରବନ୍ଧ ପ୍ରତିଯୋଗିତାରେ ଆଦ୍ୟାଶା ସିଂ, ଲିଜା ନାଏକ ଓ ଶିବାନୀ ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଚିତ୍ରାଙ୍କନ ପ୍ରତି ଯୋଗିତାରେ କ୍ଷିତି ସାହୁ, ଦଶମୀ ମାଝୀ ଓ ମାମୁନି ମାଝୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ଗ୍ରହଣ କରିଥିଲେ । ଗୁଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ପ୍ରକୃତି ବନ୍ଧୁ ଡୋଳାମଣି ସାହୁ ସଭାରେ ସଭାପତିତ୍ୱ କରିଥିବାବେଳେ ଶାସ୍ତ୍ରୀଜୀ ଯୁବକ ସଂଘ ର ସଭାପତି ଗୁଣନିଧି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିଲିକା ପୁସ୍ତକ ମେଳା ପ୍ରସ୍ତୁତି

ବାଲୁଗାଁ,୨୩।୪ (ନିପ୍ର): ଅପ୍ରେଲ ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ଚିଲିକା ପୁସ୍ତକ ମେଳା ଆୟୋଜନର ପ୍ରସ୍ତୁତି ବୈଠକ ସହ ସାମ୍ବାଦିକ ସମ୍ମିଳନୀ ବରିଷ୍ଠ ସାମ୍ବାଦିକ ଶରତ ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସଭାପତିତ୍ୱ କରି ଶ୍ରୀ ପାଇକରାୟ ପୁସ୍ତକ ମେଳାର ବିଭିନ୍ନ ଦିବସର କାର୍ଯ୍ୟକ୍ରମ, ଲେଖକ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଚିଲିକା ଅଂଚଳର ବହୁ ସଂଖ୍ୟକ ବୁଦ୍ଧିଜୀବୀ,ସାହିତ୍ୟିକ, ଶିକ୍ଷାର୍ଥୀ, ଅଭିଭାବକ ଓ ଜନସାଧାରଣଙ୍କୁ ଆକର୍ଷିତ କରିବା ପାଇଁ ପ୍ରାୟ ୮୦ ଟି ପୁସ୍ତକ ଷ୍ଟଲ ଏହି ମେଳାରେ ଯୋଗଦେବେ । ଓଡିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପୁସ୍ତକ ମେଳାରେ ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ବିଧାୟକ ଓ ପ୍ରତିଷ୍ଠିତ ସାହିତ୍ୟିକ ମାନେ ଯୋଗଦେଇ ଚିଲିକା ବାଣପୁର ଅଂଚଳର ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ସାରସ୍ୱତ ପରମ୍ପରା ସମ୍ପର୍କରେ ଆଲୋଚନା କରିବା ସହ ଲେଖକ, ସାରସ୍ୱତ ପ୍ରତିଭା, ପାଠକ ଓ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି ।

# ପୁରୀରେ ଜଗତଗୁରୁ ଶ୍ରୀରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ

## ଶ୍ରୀମନ୍ଦିର ପରିକ୍ରମା ଶୋଭାଯାତ୍ରାରେ ସାମିଲ ହେଲେ ବିଭିନ୍ନ ରାଜ୍ୟର ସାଧୁସନ୍ଥ

ପୁରୀ,୨୩।୪ (ନିପ୍ର): ଶ୍ରୀରାମଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ବାଲିସାହି ସ୍ଥିତ ଜିୟର ସ୍ୱାମୀ ମଠ ପରିସରରେ ଟ୍ରଷ୍ଟର ଅଧ୍ୟକ୍ଷ ତଥା ଜିୟର ସ୍ୱାମୀ ମଠର ମହନ୍ତ ସ୍ୱାମୀ ଇନ୍ଦିରା ରମଣ ରାମାନୁଜ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗତଗୁରୁ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ୧୦୧୦ ତମ ଜୟନ୍ତୀ ମହୋତ୍ସବ ମଠ ପରିସରରେ ପାଳିତ ହୋଇଛି । ଏହି ଅବସରରେ କର୍ଣ୍ଣାଟକ ର ଅହୋବିଲ ଜିୟର ସ୍ୱାମୀ ମଠର ମଠାଧୀଶ ତଥା ତାମିଲନାଡୁ ରେ ଅବସ୍ଥାନ କରୁଥିବା ଜଗତଗୁରୁ ଶ୍ରୀରାମାନୁଜାଚାର୍ଯ୍ୟ ସ୍ୱାମୀ ରଙ୍ଗନାଥ ମହାଦେଶିକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମଠର ଥିବା ଜଗତଗୁରୁଙ୍କ ପ୍ରତିମା ଦର୍ଶନ କରିବା ସହିତ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁସନ୍ଥଙ୍କୁ ଫଳ ପ୍ରସାଦ ପ୍ରଦାନ ପୂର୍ବକ ଆଶୀର୍ବାଦ ପ୍ରଦାନ କରିଥିଲେ ।କଡା ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଲୋକନାଥ ମନ୍ଦିର ନିକଟସ୍ଥ ଥାନପତି ଆଶ୍ରମ ପରିସରରେ ଥିବା ଶ୍ରୀବାଲାଜୀ ମନ୍ଦିରରେ ଦର୍ଶନ କରିଥିଲେ। ଏହା ପରେ ବାଲିସାହି ଠାରୁ ଘଣ୍ଟ, ଛତା, କଳସ ଏବଂ ପାରମ୍ପରିକ ବାଦ୍ୟରେ ଜଗତଗୁରୁ ଶ୍ରୀରାମାନୁଜାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଭବ୍ୟ ଶୋଭାଯାତ୍ରା ରେ ବାହାରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିଥିଲେ । ଅବସରରେ ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱରେ ଥିବା ରାମାନୁଜ ସମ୍ପ୍ରଦାୟର ବିଭିନ୍ନ ମଠ ତରଫରୁ ପନ୍ତି ଭୋଗ କରାଯାଇଥିଲା ।

# ପୋଷଣ ପକ୍ଷ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା

ବୁଗୁଡା,୨୩।୪(ନିପ୍ର):ମହିଳା ଓ ଶିଶୁ ବିକାଶ ବିଭାଗ ସହଯୋଗ ଓ ବୁଗୁଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ବୁଗୁଡା ସମିତି ସମ୍ମିଳନୀ କକ୍ଷରେ ଅଷ୍ଟମ ପୋଷଣ ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୁଗୁଡା ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବୁଗୁଡା ଏବିଡ଼ିଓ ଧର୍ମରାଜ ପରିଡା ଓ ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପଦରାବିନ୍ଦ ଷଡଙ୍ଗୀ ଯୋଗଦେଇ ପୋଷଣ ପକ୍ଷପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରାଇଥିଲେ । ମାଆ ଓ ଶିଶୁର ପୋଷଣ, ମସ୍ତିଷ୍କର ବିକାଶ ପାଇଁ ପ୍ରାରମ୍ଭିକ ପ୍ରୋତ୍ସାହନ, ପ୍ରାରମ୍ଭିକ ବୟସରେ ଖେଳ ଆଧାରିତ ଶିକ୍ଷା, ଶିଶୁ ର ସ୍କ୍ରିନ ଟାଇମ୍ କମ୍ କରିବାରେ ପିତା, ମାତା ଓ ଗୋଷ୍ଠୀ ସମୁଦାୟଙ୍କ ଭୂମିକା, ଅଙ୍ଗନବାଡ଼ି କେନ୍ଦ୍ରର ସଶକ୍ତିକରଣ ନିମନ୍ତେ ସାମୂହିକ ସମର୍ଥନ ପ୍ରଭୃତି ବିଷୟରେ ଆଲୋଚନା କରାଯାଇଥିଲା ।

# ଜଳବାୟୁ ପରିବର୍ତ୍ତନର ମୁକାବିଲା : ପ୍ରଯୁକ୍ତିବିଦ୍ୟା ନବସୃଜନ ଉପରେ ଗୁରୁତ୍ୱ

ପାରଳାଖେମଣ୍ଡି,୨୩।୪ (ନିପ୍ର); ଗଜପତି ଜିଲ୍ଲା ସଦର ମହକୁମା ପାରାଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଗୋଷାଣୀ ବ୍ଲକ୍ ରାଜ ସିତାପୁର୍ ସ୍ଥିତ ଆଲ୍ଲୁରୀ ନଗର ଠାରେ ଥିବା ସେଞ୍ଚୁରିଅନ୍ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସି:ୟୁ:ଟି:ଏମ) ର ସିଭିଲ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ "ବିଶ୍ୱ ପୃଥିବୀ ଦିବସ-୨୦୨୬ ଅତ୍ୟନ୍ତ ଉତ୍ସାହ ଓ ପରିବେଶ ସୁରକ୍ଷା ପ୍ରତି ଦୃଢ଼ ପ୍ରତିବଦ୍ଧତା ସହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜକ ଡ଼ଃ ମଦନ ମୋହନ ରାଉତ ନବୀକରଣଶୀଳ ଉର୍ଜାର ପ୍ରଚାର , ଉର୍ଜା ସଞ୍ଚୟ ଏବଂ ଅପଚୟ ପଦାର୍ଥ କମାଇବା ପାଇଁ ସମୂହିକ ପଦକ୍ଷେପର ଆବଶ୍ୟକତା ଉପରେ ଉଲ୍ଲେଖ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ସସ୍ଥାୟୀ ଉନ୍ନୟନର ରାଷ୍ଟ୍ରଦୂତ ହେବାକୁ ଆହ୍ୱାନ କରିଥିଲେ । ସେହିଭଳି ସିଭିଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଡଃ ରାଜୀବ କୁମାର ମାଝୀ ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ଆଲୋକପାତ କରିବା ସହ ପ୍ରାୟୋଗିକ ଶିକ୍ଷା , ନବୀକରଣଶୀଳ ଉର୍ଜା ମଡେଲ୍ ଏବଂ ପରିବେଶମୁଖୀ ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ନିଜର ମତ ରଖିଥିଲେ। ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସୋଏଟ) ର ଡିନ୍ ଡ଼ଃ ପ୍ରଫୁଲ୍ଲ କୁମାର ପଣ୍ଡା ଯୋଗ ଦେଇ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରଯୁକ୍ତିବିଦ୍ୟା ନବସୃଜନର ଗୁରୁତ୍ୱ ବିଷୟରେ କହିଥିଲେ। ଛାତ୍ରଛାତ୍ରୀମାନଙ୍କୁ ପରିବେଶ-ଅନୁକୂଳ ସମାଧାନ ଉନ୍ନତ କରିବାକୁ ପ୍ରେରିତ କରିଥିଲେ। ଡିନ୍ ଅଫ୍ ଷ୍ଟୁଡେଣ୍ଟ ଅଫେୟର୍ସ ଡ଼ଃ ରିତେଶ , ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସମ୍ବନ୍ଧୀୟ କାର୍ଯ୍ୟରେ ସକ୍ରିୟ ଭାଗ ନେବା ଓ ଦୈନନ୍ଦିନ ଜୀବନରେ ସବୁଜ ଅଭ୍ୟାସ ଅନୁସରଣ କରିବାକୁ ପ୍ରେରଣା ଦେଇଥିଲେ। ସେହିଭଳି ରେଜିଷ୍ଟ୍ରାର ଡ଼ଃ ଅନିତା ପାତ୍ର ଆୟୋଜକ ମଣ୍ଡଳୀର ପ୍ରୟାସକୁ ପ୍ରଶଂସା କରିଥିଲେ ।ଏବଂ ପରିବେଶ ସଚେତନତା ବିକାଶରେ ସାଂଗଠନିକ ସହଯୋଗର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନବୀକରଣଶୀଳ ଉର୍ଜା ମଡେଲ୍ ପ୍ରଦର୍ଶନୀ , ବିଶେଷଜ୍ଞ ଉପସ୍ଥାପନା , କ୍ୱିଜ୍ ପ୍ରତିଯୋଗିତା ସେଭ୍ ଏନର୍ଜି , ସେଭ୍ ଅର୍ଥ ପ୍ରଭୃତି ବାର୍ତ୍ତା ସହ ରାଲି ଏବଂ ବୃକ୍ଷରୋପଣ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୨୦ ଜଣ ଉତ୍ସାହୀ ଛାତ୍ରଛାତ୍ରୀ ଏମ୍.ଆର ବୋଏଜ୍ ହାଇସ୍କୁଲ୍ , ଏମ୍.ଆର ଗାର୍ଲ୍ସ ହାଇସ୍କୁଲ୍ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ସ୍କୁଲ୍ ଏବଂ ଜବାହର ନବୋଦୟ ବିଦ୍ୟାଳୟରୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଇଥିଲେ। ସମସ୍ତ ଅତିଥିବୃନ୍ଦ ଏହି ବର୍ଷର ଥିମ୍ "ଆୱ୍ୱର୍ ପାୱ୍ୱର୍, ଆୱ୍ୱର୍ ପ୍ଲାନେଟ୍" ର ସନ୍ଦେଶ'କୁ ପୁନରୁଚ୍ଚାରଣ କରି ପୃଥିବୀକୁ ସୁରକ୍ଷିତ ଓ ସଂରକ୍ଷିତ କରିବା ପାଇଁ ସାମୂହିକ ପ୍ରୟାସର ଆହ୍ୱାନ କରିଥିଲେ।

# ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ବୋତଲ ସଂଗ୍ରହ କରୁଛନ୍ତି ପ୍ରକୃତି ବନ୍ଧୁ ସରୋଜ ମେହେର

କୁଚିଣ୍ଡା,୨୩।୪ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ ପଞ୍ଚାୟତ କୁଡାପଡା ଗ୍ରାମର ପ୍ରକୃତି ବନ୍ଧୁ ସରୋଜ ମେହେର ବିଭିନ୍ନ ସମୟରେ ପ୍ରକୃତି ପାଇଁ ସବୁ ବେଳେ କାମକରି ଆସୁଛନ୍ତି। ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ,ଜଙ୍ଗଲରେ ବାସ କରୁଥିବା ପକ୍ଷୀଙ୍କ ପାଇଁ ଜଳ ଦାନ,ଫସଲ ସୁରକ୍ଷା ପାଇଁ ବଗିଚାରେ କାଚ ବୋତଲ ଝୁଲାଇବା ଭଳି ନୂଆନୂଆ ଉପାୟ ଅବଲମ୍ବନ କରି ପରିବେଶ ଓ ପରିବେଶରେ ବସବାସ କରୁଥିବା ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ସବୁ ବେଳେ କାମକରି ଆସୁଛନ୍ତି। ଏବେ କିନ୍ତୁ ଗ୍ରୀଷ୍ମ ପାଇଁ ଲୋକେ ପ୍ଲାଷ୍ଟିକ ବୋତଲରେ ଥିବା ଥଣ୍ଡା ପାଣି, କୋଲଡ୍ରିଙ୍କସ ଆଦି ପିଇ ଏଣେତେଣେ ଫିଙ୍ଗିବା ଦ୍ୱାରା ପରିବେଶ ନଷ୍ଟ ହେବାସହ



ଅନେକ ଧନ ଜୀବନ ନଷ୍ଟ ହେଉଛି। ଗ୍ରୀଷ୍ମ ଯୋଗୁଁ ଏବେ ବହୁ ମାତ୍ରାରେ ଦୋକାନ ବଜାର, ବସଷ୍ଟାଣ୍ଡ, ଖେଳପଡିଆ, ପର୍ଯ୍ୟଟନ ସ୍ଥଳ, ମନ୍ଦିର ପରିସର,ନଈ ପୋଖରୀ ନିକଟରେ ବହୁଳ ମାତ୍ରାରେ ପ୍ଲାଷ୍ଟିକ ବୋତଲ ଓ ପ୍ଲାଷ୍ଟିକ ଜରି ପଡ଼ିରହୁଛି। ଏହି ପ୍ଲାଷ୍ଟିକ ଅକର୍ମଣ୍ୟ ଓ ନଷ୍ଟ ହେବାକୁ ପ୍ରାୟ ୫ବର୍ଷ ସମୟ ଲାଗି ଯାଉଥିବାରୁ ପରିବେଶକୁ ସ୍ୱଚ୍ଛ ରଖିବାକୁ ମେହେର ନିରନ୍ତର ଭାବେ ପ୍ଲାଷ୍ଟିକ ସଂଗ୍ରହ କରିବାରେ ଲାଗି ପଡ଼ିଛନ୍ତି। ପ୍ଲାଷ୍ଟିକ ମଣିଷ ସମାଜ ଓ ଗାଈଗୋରୁଙ୍କ ପାଇଁ ଘାତକ ସାଜିଛି। ବିଭିନ୍ନ ସମୟରେ ଗାଈଗୋରୁ ପ୍ଲାଷ୍ଟିକ ଖାଇ ମୃତ୍ୟୁ ମୁଖରେ ପଡୁଥିବା ବେଳେ,ମଣିଷ ସମାଜ ବିଭିନ୍ନ ରୋଗର ଶିକାର ମଧ୍ୟ ହେଉଛନ୍ତି । ଗ୍ରୀଷ୍ମ ସମୟରେ ଅଧିକ ଭାବେ ପ୍ଲାଷ୍ଟିକ ବୋତଲକୁ ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ବ୍ୟବହାର କରୁଛନ୍ତି। ଏପରିକି ବାହାଘର,ବ୍ରତ, ଶୁଦ୍ଧିକ୍ରିୟା,ସଭାସମିତି ଓ ଜନସମାବେଶ ମାନଙ୍କରେ ସୁବିଧା ପାଇଁ ପ୍ଲାଷ୍ଟିକ ପାଣି ବୋତଲ ବ୍ୟବହୃତ ହେଉଛି ।ଏସବୁକୁ ଲକ୍ଷ୍ୟ କରି ପ୍ରକୃତି ବନ୍ଧୁ ମେହେର କୁଲେଇଗଡ ପଞ୍ଚାୟତର ବିଭିନ୍ନ ସ୍ଥାନରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ ଓ ଜରି ସଂଗ୍ରହ କରି ପରିବେଶକୁ ସୁସ୍ଥ ରଖିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ପ୍ରତିଦିନ ସେ ବିଭିନ୍ନ ସ୍ଥାନକୁ ଯାଇ ପ୍ଲାଷ୍ଟିକ ସଂଗ୍ରହ କରୁଛନ୍ତି। ଏଥିସହ ପ୍ଲାଷ୍ଟିକ ବ୍ୟବହାର ନକରିବା ପାଇଁ ଲୋକଙ୍କୁ ସଚେତନତା ବାର୍ତ୍ତା ଦେଉଛନ୍ତି। ଏହାଛଡା ପ୍ଲାଷ୍ଟିକ ବ୍ୟବହାରକାରୀଙ୍କୁ ସେ କହିଛନ୍ତି ପ୍ଲାଷ୍ଟିକ ବୋତଲକୁ କାଟି ଛୋଟ ଛୋଟ ଖେଳଣା ତିଆରୀ କରିବା, ପ୍ଲାଷ୍ଟିକ ବୋତଲରେ ବୃକ୍ଷ ରୋପଣ କରିବା ଏବଂ ବହୁଳ ଭାବେ ବୃକ୍ଷ ରୋପଣ କଲେ ପରିବେଶ ସୁସ୍ଥ ରହିବା ସହ ଉତ୍ତାପ ହ୍ରାସ ପାଇବ ବୋଲି ସେ ସମାଜକୁ ବାର୍ତ୍ତା ଦେଇଛନ୍ତି।

24 04.2026 P-5.pmd 1 4/23/2026, 5:40 PM

# ମୁଁ ଝାଲମୁଢ଼ି ଖାଇଲି, ଟିଏମ୍‌ସିକୁ ଲାଗିଲା ରାଗ: ମୋଦି



ନୂଆଦିଲ୍ଲୀ, ୨୩।୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ନାଦିଆ ଜିଲାରେ ତୃଣମୂଳ କଂଗ୍ରେସ ଏବଂ ମମତା ବାନାର୍ଜୀଙ୍କ ଉପରେ କଡ଼ା ଆକ୍ରମଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ମତଦାନ ସମୟରେ ନାଦିଆରେ ଏକ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି "ମୁଁ ଝାଲମୁଡି ଖାଇଥିଲି, କିନ୍ତୁ ରାଗ ଟିଏମସିକୁ ଲାଗିଲା।" ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ମେ ୪ ତାରିଖରେ ବଙ୍ଗଳାରେ ପଦ୍ମ ଫୁଟିବା ନିଶ୍ଚିତ। ସେ ଆହୁରି ମଧ କହିଛନ୍ତି ଯେ ମେ ୪ ତାରିଖରେ ବଙ୍ଗଳାରେ ଭାଜପାର ବିଜୟ ପାଳନ କରାଯିବ। ଝାଲମୁଡି ସହିତ ମିଠା ବଣ୍ଟନ କରାଯିବ। ତଥାପି, ମୁଁ ଶୁଣିଛି ଯେ ଝାଲମୁଡି କିଛି ଲୋକଙ୍କୁ ମଧ ଆଶ୍ଚର୍ଯ୍ୟ କରିଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଗତ ୫୦ ବର୍ଷ ମଧରେ ଏହା ପ୍ରଥମ ପ୍ରକାରର ନିର୍ବାଚନ ଯେଉଁଥିରେ ହିଂସାକୁ ସମ୍ପୂର୍ଣ୍ଣ ସର୍ବନିମ୍ନ ରଖାଯାଇଛି। ପୂର୍ବରୁ, ପ୍ରତି ସପ୍ତାହରେ ଜଣଙ୍କୁ ଫାଶୀ ଦେବା ଏବଂ ଏହାକୁ ଆତ୍ମହତ୍ୟା ବୋଲି କହିବା ସାଧାରଣ ଥିଲା। ଅନେକ ଉପାୟରେ, ଏଠାରେ ଅରାଜକତା ଏବଂ ଗୁଣ୍ଡାଗିରି ରାଜୁତି କରୁଥିଲା। ମୁଁ ନିର୍ବାଚନ କମିଶନଙ୍କୁ ହୃଦୟର ସହିତ ଅଭିନନ୍ଦନ ଜଣାଉଛି। ସେମାନେ ପୁଣିଥରେ ପଶ୍ଚିମବଙ୍ଗରେ ଗଣତନ୍ତ୍ରର ମର୍ଯ୍ୟାଦା ଫେରାଇ ଆଣିଛନ୍ତି। ମୁଁ ଏଠାରେ ସରକାରୀ କର୍ମଚାରୀମାନଙ୍କୁ ମଧ ପ୍ରଶଂସା କରୁଛି। ଏପର୍ଯ୍ୟନ୍ତ ମୁଁ ପାଇଥିବା ସୂଚନା ଆଧାରରେ, ଭୋଟର ଅଂଶଗ୍ରହଣ ସମସ୍ତ ପୂର୍ବ ରେକର୍ଡ ଭାଙ୍ଗି ଦେଉଛି।

### ୨୪ ଘଣ୍ଟାରେ ବଦଳିଲା ଟ୍ରମ୍ପଙ୍କ ସ୍ୱର

# ଭାରତ ଏକ ମହାନ ଦେଶ



ନୂଆଦିଲ୍ଲୀ, ୨୩।୪: ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୪ ଘଣ୍ଟାରୁ କମ୍ ସମୟ ହେବ ନେଲେ ୟୁଟର୍ଣ୍ଣ। ସମ୍ଭବତଃ ତାଙ୍କୁ ଭୁଲର ଅନୁଭବ ହୋଇଛି। ଏବେ ସେ ଭାରତକୁ ଏକ ମହାନ ଦେଶ କହିଛନ୍ତି। ସେ ଗୁରୁବାର ଭାରତର ପ୍ରଶଂସା କର କହିଛନ୍ତି , ଏହି ଦେଶର ନେତୃତ୍ୱ ଆମର ଜଣେ ବହୁତ ଭଲ ବନ୍ଧୁ। ଏହା ପୂର୍ବ ଦିନରେ , ଟ୍ରମ୍ପ ଆମେରିକୀୟ ରାଜନୀତିକ ବିଶ୍ଳେଷକ ତଥା ରେଡିଓ ହୋଷ୍ଟ ମାଇକେଲ ସେଭେଜଙ୍କ ପଡକାଷ୍ଟରୁ ଏକ ଜାତିଗତ ଟିପ୍ପଣୀକୁ ରିପୋଷ୍ଟ କରିଥିଲେ , ଯେଉଁଥିରେ ସେ ଭାରତ, ଚୀନ ଓ ଅନ୍ୟ ଦେଶ ଗୁଡ଼ିକୁ ହେଲ୍-ହୋଲ୍ (ନର୍କ ଦ୍ୱାର) କହି ଥିଲେ। ନୂଆଦିଲ୍ଲୀରେ ୟୁଏସ ଦୂତାବାସର ପ୍ରବକ୍ତା କ୍ରିଷ୍ଟୋଫର ଏଲମ୍ସ କହି ଥିଲେ ଯେ, ରିପବ୍ଲିକାନ ନେତା ଭାରତ ବିଷୟରେ ଖୁବ୍ ଉତ୍ତମ କଥା କହିଛନ୍ତି। ଏହାକୁ ଏକ ମହାନ ରାଷ୍ଟ୍ର ଭାବେ ଦର୍ଶାଇବା ସହ କହିଛନ୍ତି ଭାରତର ଲିଡରଙ୍କ ସହ ତାଙ୍କର ରହିଛି ବ୍ୟକ୍ତିଗତ ବନ୍ଧୁତା। ଟ୍ରମ୍ପ କହିଛନ୍ତି-ଭାରତ ଏକ ମହାନ ଦେଶ , ଯାହାର ମୁଖ୍ୟଙ୍କ ସହ ମୋର ଭଲ ବନ୍ଧୁତା ରହିଛି।

## ମମତାଙ୍କ ଖେଳ ଶେଷ ହୋଇଛି: ଯୋଗୀ

ଚକଦହା, ୨୩।୪: ପଶ୍ଚିମବଙ୍ଗ ବିଧାନସଭାର ୧୫୨ ଆସନ ଲାଗି ଗୁରୁବାର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପଶ୍ଚିମବଙ୍ଗର ଚକଦହାରେ ଆୟୋଜିତ ଏକ ସାଧାରଣ ସଭାରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯୋଗଦେଇ ରାଜ୍ୟର ରାଜନୈତିକ ଦିଗ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି। ନାଦିଆର ଆଧାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟ ଉଲ୍ଲେଖ କରି, ସେ ଏହାକୁ ଚୈତନ୍ୟ ମହାପ୍ରଭୁଙ୍କ ବୈଷ୍ଣବ ପରମ୍ପରାର ଭୂମି ଭାବେ ବର୍ଣ୍ଣନା କରିଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ କହିଥିଲେ, ରାଜ୍ୟରେ ଆଇନ ଶୃଙ୍ଖଳା, ବିକାଶ ଏବଂ ସାଂସ୍କୃତିକ ପରିଚୟ ପ୍ରସଙ୍ଗରେ ମମତା ସରକାରଙ୍କୁ ଟାର୍ଗେଟ କରି ଭାଜପା ପ୍ରାର୍ଥୀ ବଙ୍କିମ ଚନ୍ଦ୍ର ଘୋଷଙ୍କ ପାଇଁ ଭୋଟ ମାଗିଥିଲେ।

## ଇସଲାମାବାଦରେ ଅଘୋଷିତ କର୍ଫ୍ୟୁ



ନୂଆଦିଲ୍ଲୀ, ୨୩।୪: ଆମେରିକା ଓ ଇରାନ ମଧରେ ସମ୍ଭାବ୍ୟ ଶାନ୍ତି ଆଲୋଚନା ପାଇଁ ପାକିସ୍ତାନର ରାଜଧାନୀ ଇସଲାମାବାଦ ବର୍ତ୍ତମାନ ଏକ ଅଘୋଷିତ 'ପିଞ୍ଜରା'ରେ ପରିଣତ ହୋଇଥିବା ବେଳେ ଏହି ହାଇ-ପ୍ରୋଫାଇଲ୍ ବୈଠକକୁ ନେଇ ଚରମ ଅନିଶ୍ଚିତତା ଦେଖାଦେଇଛି। ସହରର ଖାଲି ରାସ୍ତା, ବନ୍ଦ ବଜାର ଓ ସେନାବାହିନୀର କଡ଼ା ପହରା ମଧରେ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ସ୍ଥାଣୁ ହୋଇଯାଇଥିବା ବେଳେ ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ଗସ୍ତ ଶେଷ ମୁହୂର୍ତ୍ତରେ ସ୍ଥଗିତ ରହିବା ଏବଂ ଇରାନୀ ପ୍ରତିନିଧିମଣ୍ଡଳୀଙ୍କ ଆଗମନକୁ ନେଇ କୌଣସି ସ୍ପଷ୍ଟ ସୂଚନା ନ ମିଳିବା ଫଳରେ ସମଗ୍ର ସହରରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ଲଗାତାର ସୁରକ୍ଷା କଟକଣା ଯୋଗୁଁ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିବା ବେଳେ ଦୈନିକ ମଜୁରିଆଙ୍କ ଜୀବିକା ବିପନ୍ନ ହୋଇଛି ଏବଂ ଶିକ୍ଷାର୍ଥୀମାନଙ୍କୁ ହଠାତ୍ ହଷ୍ଟେଲ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯିବା ଫଳରେ ସାଧାରଣ ନାଗରିକଙ୍କ ମଧରେ ଅସନ୍ତୋଷ ତେଜିବାରେ ଲାଗିଛି। ଇସଲାମାବାଦ ଓ ପଡ଼ୋଶୀ ରାୱଲପିଣ୍ଡି ସହରରେ ଗତ କିଛି ଦିନ ହେବ ଜାରି ରହିଥିବା ଏହି କଡ଼ା ସୁରକ୍ଷା ବଳୟ ଯୋଗୁଁ ବ୍ୟବସାୟିକ ପ୍ରତିଷ୍ଠାନ ଓ ରେଷ୍ଟୁରାଣ୍ଟଗୁଡ଼ିକ ବନ୍ଦ ରହିଛି। ଅଫିସ୍ କର୍ମଚାରୀମାନେ ବାଧ ହୋଇ ଘରୁ କାମ କରୁଥିବା ବେଳେ ସାର୍ବଜନୀନ ପରିବହନ ବନ୍ଦ ହେବା କାରଣରୁ ଟ୍ୟାକ୍ସି ଓ ପରିବହନ କ୍ଷେତ୍ର ସହ ଜଡ଼ିତ ଲୋକଙ୍କ ଆୟ ପ୍ରାୟ ଅଧା ହୋଇଯାଇଛି।

## ଖାଇକୁ ଭ୍ୟାନ୍ ଖସି ୮ ମୃତ

ଉତ୍ତରାଖଣ୍ଡ, ୨୩।୪ : ଶବ ଦାହ କରିବାକୁ ଯାଇ ଶବ ପାଲଟିଲେ। ଉତ୍ତରାଖଣ୍ଡ ଟେହରି ଜିଲ୍ଲାରେ ଭୟଙ୍କର ସଡ଼କ ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ । ୩୦୦ ମିଟର ଖାଇକୁ ଭ୍ୟାନ୍ ଖସି ୮ ଜଣଙ୍କ ମୃତ୍ୟୁ ହୋଇଛି। ଚାମ୍ବା ବ୍ଲକ୍‌ର ଚାମ୍ବା-କୋଟି ଘାଟି ରାସ୍ତାରେ ଘଟିଛି ଏହି ଦୁର୍ଘଟଣା। ପାଖାପାଖି ହଜାରେ ଫୁଟ ତଳକୁ ଭ୍ୟାନ୍ ଖସି ପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ନିକଟସ୍ଥ ଡିଏଚ୍ ବାଉରାରି ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ, ସ୍ୱାସ୍ଥ୍ୟବିଭାଗ ଟିମ୍ ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରିଥିଲେ। ଭୀଷଣ ଦୁର୍ଘଟଣା ଯୋଗୁ ଗାଡ଼ି ସମ୍ପୂର୍ଣ୍ଣ ରୂପେ ଭାଙ୍ଗିରୁଜି ଚୁରମାର ହୋଇଛି। ଟେହରି ଜିଲ୍ଲାପାଳ ନିକିତା ଖଣ୍ଡେଲୱାଲ ଓ ଟେହେରି ବିଧାୟକ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ତେବେ ଘନସାଲି ନିକଟସ୍ଥ ତିନୋଟି ଗାଁର ଲୋକେ ଜଣେବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର ପାଇଁ ହରିଦ୍ୱାର ଯାଇଥିଲେ। ଫେରିବା ବାଟରେ ଚାମ୍ବା-କୋଟି ଘାଟି ରାସ୍ତାରେ ତାଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେପଟେ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ବାବା କେଦାରନାଥଙ୍କ ନିକଟରେ ଆହତଙ୍କ ଆଶୁ ଆରୋଗ୍ୟ କାମନ କରିଛନ୍ତି ମୁଖ୍ୟମନ୍ତ୍ରୀ ପୁଷ୍କରସିଂ ଧାମି।

## ୨୦ ହଜାର ବିମାନ ଉଡ଼ାଣ ବାତିଲ କଲା ଲୁଫଥାନ୍ସା

ନୂଆଦିଲ୍ଲୀ, ୨୩।୪: ଜର୍ମାନ ବିମାନ କମ୍ପାନି ଲୁଫଥାନ୍ସା ମେ' ରୁ ଅକ୍ଟୋବର ପର୍ଯ୍ୟନ୍ତ ୨୦,୦୦୦ ଛୋଟ ଦୂରତା ବିମାନ ଉଡ଼ାଣ ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ଇରାନ ଯୁଦ୍ଧ ଯୋଗୁଁ ୟୁରୋପରେ ଜେଟ୍ ଇନ୍ଧନ ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୋଇଛି। କମ୍ପାନି କହିଛି ଏହା ଦ୍ୱାରା ପ୍ରାୟ ୪୦,୦୦୦ ଟନ୍ ଜେଟ୍ ଇନ୍ଧନ ସଞ୍ଚୟ କରାଯାଇ ପାରିବ। ସୋମବାରଠାରୁ ବିମାନ କମ୍ପାନି ଦୈନିକ ପ୍ରାୟ ୧୨୦ଟି ବିମାନ ଉଡ଼ାଣ ହ୍ରାସ କରିଛି। ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଦ୍ୱାରା ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଫଳରେ ୟୁରୋପରେ ଜେଟ୍ ଇନ୍ଧନ ଯୋଗାଣ ନେଇ ଚିନ୍ତା ବୃଦ୍ଧି ପାଇଛି। ଆନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଏ) ଚେତାବନୀ ଦେଇଛି ଯେ, ୟୁରୋପରେ ମାତ୍ର ଛଅ ସପ୍ତାହର ଜେଟ୍ ଇନ୍ଧନ ବାକି ଅଛି। ଗ୍ରୀଷ୍ମ ଋତୁ ଶେଷ ସୁଦ୍ଧା କ୍ଷତିରେ ଚାଲୁଥିବା ରୁଟ୍ ବନ୍ଦ କରିବାକୁ କମ୍ପାନି ନିଷ୍ପତ୍ତି ନେଇଛି। କମ୍ପାନି କହିଛି, କ୍ଷୁଦ୍ର-ରୁଟ୍ ନେଟୱାର୍କରେ ପରିବର୍ତ୍ତନ କରି ଗ୍ରୀଷ୍ମକାଳୀନ ଉଡ଼ାଣ ସୂଚୀକୁ ସ୍ଥିର ରଖାଯିବ। ଏନେଇ ଏପ୍ରିଲ ଶେଷ କିମ୍ବା ମେ' ଆରମ୍ଭରେ ଏକ ପୂର୍ଣ୍ଣାଙ୍ଗ ଯୋଜନା ପ୍ରକାଶ କରାଯିବ ।କମ୍ପାନି ଏହାର ନେଟୱାର୍କରେ ବଡ଼ ପରିବର୍ତ୍ତନ କରିଛି। ଫ୍ରାଙ୍କଫର୍ଟ ଏବଂ ମ୍ୟୁନିଚ୍ଚ କ୍ଷତିରେ ଜାରି ରହିଥିବା ରୁଟ୍ ବନ୍ଦ କରାଯାଉଛି, ଯେତେବେଳେ ଜୁରିଚ୍, ବ୍ରୁସେଲ୍ସ ଏବଂ ଭିଏନାରୁ ବିମାନ ଉଡ଼ାଣ ବୃଦ୍ଧି କରାଯିବ ବୋଲି କୁହାଯାଇଛି।

# ଫିଲ୍ମ ଷ୍ଟାଇଲ୍‌ରେ ମୁଖାପିନ୍ଧା ଆଇଆର୍‌ଜିସି ସୈନିକ ଜାହାଜକୁ ଚଳାଇଲେ ଗୁଳି



ତେହେରାନ, ୨୩।୪: ପଶ୍ଚିମ ଏସିଆରେ ଯୁଦ୍ଧର ଉତ୍ତେଜନା ମଧରେ, ଇରାନର ନୌସେନା ଏବଂ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ(ଆଇଆର୍‌ଜିସି) ହର୍ମୁଜରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଚଡ଼ାଉ କରି ହର୍ମୁଜ ପ୍ରଣାଳୀରେ ଇରାନ ବହୁ ମାଲବାହୀ ଜାହାଜ ଜବତ କରିଥିବା ରିପୋର୍ଟ ପ୍ରକାଶ ପାଉଛି। ଇରାନ ସମୁଦ୍ରରେ ଗୁଳି ଚଳାଇ ଏହି ମାଲବାହୀ ଜାହାଜଗୁଡ଼ିକୁ ଅଟକାଇ ଜବତ କରିବାର ଏକ ଭିଡିଓ ଜାରି କରିଛି।ଏହି ଭୟଙ୍କର ଭିଡିଓ ପ୍ରକାଶ ପାଇବା ପରେ ଅନ୍ତର୍ଜାତୀୟ ସାମୁଦ୍ରିକ ବାଣିଜ୍ୟ ମାର୍ଗରେ ବ୍ୟାପକ ଆତଙ୍କ ଖେଳିଯାଇଛି। ଆଇଆର୍‌ଜିସି ଦ୍ୱାରା ଜାରି କରାଯାଇଥିବା ଏହି ଭିଡିଓରେ, ମୁଖାପିନ୍ଧା ବନ୍ଧୁକଧାରୀମାନେ ଫିଲ୍ମ ଷ୍ଟାଇଲ୍‌ରେ ଜାହାଜରେ ଚଢ଼ୁଥିବାର ଦେଖିବାକୁ ମିଳୁଛି। ଏହି ମୁଖାପିନ୍ଧା ଲୋକମାନେ ପ୍ରଥମେ ଜାହାଜକୁ ଘେରି ଯାଉଛନ୍ତି ଏବଂ ତା'ପରେ ଏକ ସିଡ଼ି ମାଧ୍ୟମରେ ଡେକ୍ ଉପରେ ଚଢ଼ି ଅସ୍ତ୍ରଶସ୍ତ୍ର ଧରି କରିଡର ଦେଇ ସମ୍ପୂର୍ଣ୍ଣ ମାଲବାହୀ ଜାହାଜକୁ ନିୟନ୍ତ୍ରଣ କରୁଛନ୍ତି।ତିନୋଟି ଜାହାଜ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସାମୁଦ୍ରିକ ନିୟମ ଉଲ୍ଲଂଘନ କରିଥିବାରୁ ଇରାନ ଏମଏସ୍‌ସି ଫ୍ରାନସିସ୍କୋ ଏବଂ ଏପାମିନୋଣ୍ଡାସ୍ ଜାହାଜକୁ ଅଟକ ରଖିଛି। ଆଇଆର୍‌ଜିସି ପ୍ରଥମେ ଏପାମିନୋଣ୍ଡାସ୍ ଉପରେ ଗୁଳି ଚଳାଇଥିଲା କାରଣ ଏହା ସାମରିକ ଚେତାବନୀକୁ ଅବମାନନା କରିଥିଲା। ପରବର୍ତ୍ତୀ ସମୟରେ, ଅନ୍ୟ ଏକ ଜାହାଜ, ୟୁଫୋରିଆକୁ ମଧ ଅଟକ ରଖାଯାଇଥିଲା। ଇରାନ କହିଛି ଯେ ଏହି ସମସ୍ତ ଜାହାଜ ଅନୁମତି ବିନା କାର୍ଯ୍ୟ କରି ଅନ୍ତର୍ଜାତୀୟ ସାମୁଦ୍ରିକ ନିୟମର ଗମ୍ଭୀର ଉଲ୍ଲଂଘନ କରିଛନ୍ତି। ଏହି ମାଲବାହୀ ଜାହାଜଗୁଡ଼ିକ ଜାଣିଶୁଣି ସେମାନଙ୍କର ନାଭିଗେସନ୍ ସିଷ୍ଟମ ଏବଂ ଲୋକେସନ ବନ୍ଦ କରିଦେଇଥିବାର ମଧ ଅଭିଯୋଗ ହୋଇଛି। ଇରାନ ନୌସେନା ଏବେ ଜବତ ହୋଇଥିବା ସମସ୍ତ ଜାହାଜରେ ଥିବା କାଗଜପତ୍ର ଏବଂ ମାଲବାହୀର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛି।

### ଆଇଆରଏସ ଅଧିକାରୀଙ୍କ ଝିଅ ହତ୍ୟା ମାମଲା

# ମୃତଦେହର ଫିଙ୍ଗରପ୍ରିଣ୍ଟରେ ଲକର ଖୋଲିବାକୁ ଚେଷ୍ଟା କରିଥିଲା ଅଭିଯୁକ୍ତ

ନୂଆଦିଲ୍ଲୀ, ୨୩।୪: ଦିଲ୍ଲୀରେ ଜଣେ ଆଇଆରଏସ ଅଧିକାରୀଙ୍କ ୨୨ ବର୍ଷୀୟ ଝିଅକୁ ବଳାତ୍କାର ଏବଂ ନୃଶଂସତାର ସହ ହତ୍ୟା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି । ଲୁଟ ଓ ପ୍ରତିଶୋଧ ନେବାକୁ ଜଣେ ୧୯ ବର୍ଷର ଯୁବକ ଘଟାଇଥିବା ଏହି ନାରକୀୟ କାଣ୍ଡ କେବଳ ପୋଲିସକୁ ଚକିତ କରିନାହିଁ, ଏହା ମାନବିକତା ପାଇଁ ଏକ ଶକ୍ତ ଧକ୍କା। ଏହି ଘଟଣାରେ ପୋଲିସର ତଦନ୍ତରୁ ଗୋଟିଏ ଗୋଟିଏ ପରେ ଆସୁଥିବା ତଥ୍ୟ ଅଭିଯୁକ୍ତର କ୍ରୁର ମାନସିକତାକୁ ମୁଖା ଖୋଲିଛି। ତଦନ୍ତରୁ ମିଳିଥିବା ସଦ୍ୟ ତଥ୍ୟ ଅନୁସାରେ, ଅଭିଯୁକ୍ତ ହତ୍ୟା କରିବା ପରେ ଯୁବତୀଙ୍କ ମୃତଦେହକୁ ଛାତ ଉପରୁ ତଳକୁ ଘୋଷାରି ଘୋଷାରି ଆଣିଥିଲା। କାରଣ ଅଭିଯୁକ୍ତ ଘରେ ଥିବା ଡିଜିଟାଲ ଲକରକୁ ଯୁବତୀଙ୍କ ଫିଙ୍ଗରପ୍ରିଣ୍ଟ ଦ୍ୱାରା ଖୋଲିବାକୁ ଚାହୁଁଥିଲା। ହେଲେ ଯୁବତୀଙ୍କ ମୃତ୍ୟୁ ହୋଇଯାଇଥିବାରୁ ଫିଙ୍ଗରପ୍ରିଣ୍ଟ କାମ କରିନଥିଲା। ଏମିତିରେ ଅଭିଯୁକ୍ତ ରାହୁଲ ମୀନା ଲକର ଭାଙ୍ଗି ଟଙ୍କା ଓ ସୁନା ଗହଣା ଲୁଟ କରିଥିଲା। ଆଉ ସୋସାଇଟିରେ ଯେପରି କାହାକୁ ସନ୍ଦେହ ନହେବ ସେଥିପାଇଁ ସେ, ମୃତକଙ୍କ ଭାଇର କପଡ଼ା ଓ ଜୋତା ପିନ୍ଧି ବାହାରକୁ ବାହାରିଥିଲା।

# ହର୍ମୁଜରେ ମାଇନ୍ସ ବିଛାଉଥିବା ଯେକୌଣସି ଡଙ୍ଗାକୁ ଗୁଳି କର : ଟ୍ରମ୍ପ



ୱାଶିଂଟନ, ୨୩।୪: ହର୍ମୁଜ ପ୍ରଣାଳୀ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା ନିର୍ଦ୍ଦେଶ। ହର୍ମୁଜରେ କୌଣସି ବୋଟ୍ ମାଇନ୍ସ ବିଛାଉଥିଲେ ତୁରନ୍ତ ଗୁଳି କରି ମାରିଦିଅ। ଆମେରିକା ନୌସେନାକୁ ଗୁରୁବାର ଏଭଳି କଡ଼ା ନିର୍ଦ୍ଦେଶ ଦେଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏନେଇ ସେ ଟ୍ରୁଥ ସୋଶାଲ୍‌ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଆମେରିକ-ଇରାନ ମଧରେ ଶାନ୍ତି ଚୁକ୍ତି ଅନିଶ୍ଚିତତା ମଧରେ ରହିଥିବା ବେଳେ ଟ୍ରମ୍ପଙ୍କର ଏଭଳି ନିର୍ଦ୍ଦେଶ ଶାନ୍ତି ଭଙ୍ଗ କରିପାରେ ବୋଲି କୁହାଯାଉଛି। ଟ୍ରୁଥ୍ ସୋଶାଲରେ ପୋଷ୍ଟ କରି ଟ୍ରମ୍ପ ଲେଖିଛନ୍ତି "ହର୍ମୁଜ୍ ପ୍ରଣାଳୀର ଜଳରେ ମାଇନ୍ ପକାଉଥିବା ଯେକୌଣସି ଡଙ୍ଗା, ସେ ଛୋଟ ଡଙ୍ଗା ହେଉ ନା କାହିଁକି ଗୁଳି କରି ମାରିଦେବାକୁ ମୁଁ ଯୁକ୍ତରାଷ୍ଟ୍ର ନୌସେନାକୁ ନିର୍ଦ୍ଦେଶ ଦେଇଛି। ଏଥିରେ କୌଣସି ଦ୍ୱିଧା ରହିବା ଉଚିତ୍ ନୁହେଁ।" ସେ ଆହୁରି କହିଛନ୍ତି ଯେ ହର୍ମୁଜରେ ଆମେରିକାର ମାଇନ୍ ସଫା କରିବା କାର୍ଯ୍ୟ ପୂର୍ବରୁ ଚାଲିଛି ଏବଂ ସେହି ପ୍ରୟାସଗୁଡ଼ିକୁ ଆହୁରି ତୀବ୍ର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଟ୍ରମ୍ପ କହିଛନ୍ତି ' ଆମର ମାଇନ୍ସ 'ସଫେଇ କର୍ମୀମାନେ ବର୍ତ୍ତମାନ ଷ୍ଟ୍ରେଟକୁ ସଫା କରୁଛନ୍ତି। ମୁଁ ଏହି କାର୍ଯ୍ୟକୁ ଜାରି ରଖିବାକୁ ନିର୍ଦ୍ଦେଶ ଦେଉଛି, ତିନି ଗୁଣ ଅଧିକ ଦ୍ରୁତ ଗତିରେ କାମ କରିବାକୁ ନିର୍ଦ୍ଦେଶ ଦେଇଛି। 'ହର୍ମୁଜରେ ମାଇନ୍ସ ବିଛାଇ ଯାଇଥିବା ଭୟ ଓ ଇରାନ-ଆମେରିକା ନୌସେନା ମଧରେ ଲଢ଼େଇ ହେବା ଭୟ ଏହି ଦୁଇ କାରଣରୁ ହର୍ମୁଜ ଖୋଲିବାରେ ବିଳମ୍ବ ହେଉଛି। ସେପଟେ ଇରାନ ତାର ସ୍ଥିତି ସ୍ପଷ୍ଟ କରିଛି। ଯେପର୍ଯ୍ୟନ୍ତ ଆମେରିକା ଯୁଦ୍ଧବିରତି ଉଲ୍ଲଂଘନ ଜାରି ରଖିଛ, ସେପର୍ଯ୍ୟନ୍ତ ଏହି ପ୍ରଣାଳୀ ସମ୍ପୂର୍ଣ୍ଣ ଭାବରେ ଖୋଲିବ ନାହିଁ। ଦୁଇ ଦେଶର ଜିଦରେ ସାରା ବିଶ୍ୱ ସମସ୍ୟା ଭୋଗୁଛି। ବିଶ୍ୱର ୨୦ ପ୍ରତିଶତ ତୈଳ ବହନ କରୁଥିବା ହର୍ମୁଜ ଜଳପଥ ବନ୍ଦ ରହିବା ଦ୍ୱାରା ଗ୍ୟାସ, ତୈଳ ପରିବହନ ହୋଇପାରୁ ନାହିଁ। ଫଳରେ ଏସିଆ ସମେତ ୟୁରୋପ ରାଷ୍ଟ୍ରଗୁଡ଼ିକରେ ଇନ୍ଧନ ସଂକଟ ଦେଖା ଦେଇଛି। ଏଥିପାଇଁ ପୂର୍ବରୁ ତେଲ ଏବଂ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇଥିବା ବେଳେ ଏହା ବିଶ୍ୱ ବଜାରକୁ ଦୋହଲାଇ ଦେଇଛି। ମିଡିଆ ରିପୋର୍ଟ ଅନୁସାରେ ଇରାନ ଯୁଦ୍ଧ ସମୟରେ ହର୍ମୁଜରେ ଏକାଧିକ ମାଇନ୍ସ ବିଛାଇଥିଲା। କିଛି ମାଇନ୍ସ ଛୋଟ ଡଙ୍ଗା ବ୍ୟବହାର କରି ବିଛାଯାଇଥିଲା, କିନ୍ତୁ ସେମାନଙ୍କର ସଠିକ୍ ସ୍ଥିତି ରେକର୍ଡ କରାଯାଇ ନପାରିବାରୁ ଏଗୁଡ଼ିକୁ ହଟାଇବାକୁ ସମସ୍ୟାରେ ପଡ଼ିଥିଲା ଇରାନ।

## ଅମିତ ଯୋଗୀଙ୍କୁ ଆଜୀବନ ଦଣ୍ଡାଦେଶରେ 'ସୁପ୍ରିମ' ରୋକ୍

ନୂଆଦିଲ୍ଲୀ, ୨୩।୪: ଉଚ୍ଚତମ ନ୍ୟାୟାଳୟ ୨୦୦୩ ମସିହାରେ ଛତିଶଗଡ଼ରେ ରାଷ୍ଟ୍ରବାଦୀ କଂଗ୍ରେସପାର୍ଟି (ଏନସିପି) ନେତା ରାମ ଅବତାର ଜଗ୍ଗୀଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାଏବଂ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କ ପୁଅ ଅମିତ ଯୋଗୀଙ୍କୁ ଦିଆଯାଇଥିବାଆଜୀବନ କାରାଦଣ୍ଡ ଉପରେ ରୋକ ଲଗାଇଛନ୍ତି। ଜଷ୍ଟିସ ବିକ୍ରମ ନାଥଙ୍କ ଅଧକ୍ଷତାରେ ଥିବା ବେଞ୍ଚଅମିତ ଯୋଗୀଙ୍କ ପିଟିସନ ଉପରେ ଏହି ଆଦେଶ ଦେଇଛନ୍ତି।ଅମିତ ଯୋଗୀ ଛତିଶଗଡ଼ ଉଚ୍ଚନ୍ୟାୟାଳୟର ରାୟକୁ ଉଚ୍ଚତମ ନ୍ୟାୟାଳୟରେ ଚ୍ୟାଲେଂଜ କରିଛନ୍ତି । ଛତିଶଗଡ଼ ଉଚ୍ଚ ନ୍ୟାୟାଳୟଅମିତ ଯୋଗୀଙ୍କୁ ଆଜୀବନ କାରାଦଣ୍ଡ ଦେଇଥିଲେ। ଶୁଣାଣି ସମୟରେ ଅମିତ ଯୋଗୀଙ୍କ ପକ୍ଷରୁ ଉପସ୍ଥିତବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ମୁକୁଲ ରୋହତଗୀ କହିଥିଲେ ଯେ ଉଚ୍ଚ ନ୍ୟାୟାଳୟ ଅମିତଯୋଗୀଙ୍କ ପକ୍ଷ ଶୁଣିବା ବିନା ହିଁ ଆଦେଶ ଜାରି କରିଦେଇଥିଲେ।୪ ଜୁନ ୨୦୦୩ ରେ ରାମ ଅବତାରଜଗ୍ଗୀଙ୍କୁ ତାଙ୍କ କାରରେ ଯାଉଥିବା ବେଳେ ହତ୍ୟା କରାଯାଇଥିଲା। ୨୦୦୭ ମସିହାରେ ଟ୍ରାଏଲ କୋର୍ଟଅମିତ ଯୋଗୀଙ୍କୁ ବର୍ଜିତ କରିଦେଇଥିଲା, କିନ୍ତୁ ଅନ୍ୟ ସହ-ଅଭିଯୁକ୍ତମାନଙ୍କୁ ଦୋଷୀ ଘୋଷଣା କରାଯାଇଥିଲା।ଟ୍ରାଏଲ କୋର୍ଟର ଆଦେଶକୁ ସିବିଆଇ ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଂଜ କରିଥିଲା । ସିବିଆଇ ସହ ଏହି ମାମଲାର ଅଭିଯୋଗକାରୀ ସତୀଶ ଜଗ୍ଗୀ ମଧ ଅମିତ ଯୋଗୀଙ୍କ ବର୍ଜନ ଆଦେଶକୁ ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଂଜ କରିଥିଲେ।୨୦୧୧ ମସିହାରେ ଛତିଶଗଡ଼ଉଚ୍ଚ ନ୍ୟାୟାଳୟ ସିବିଆଇର ଆବେଦନକୁ ଏହା କହି ଖାରଜ କରିଦେଇଥିଲେ ଯେ ପିଟିସନ ଶୁଣାଣିଯୋଗ୍ୟ ନୁହେଁ। ଉଚ୍ଚତମ ନ୍ୟାୟାଳୟ ୨୦୨୫ ମସିହାରେ ଉଚ୍ଚ ନ୍ୟାୟାଳୟର ଏହି ରାୟ ସହ ଅସମ୍ମତି ଜଣାଇକହିଥିଲେ ଯେ ସିବିଆଇର ଅପିଲକୁ ମୂଲ୍ୟାୟନ ଆଧାରରେ ଶୁଣାଣି କରାଯିବା ଉଚିତ। ପରେ ଉଚ୍ଚନ୍ୟାୟାଳୟ ପୁନଃ ଶୁଣାଣି କରି ଟ୍ରାଏଲ କୋର୍ଟର ଆଦେଶକୁ ରଦ୍ଦ କରି ଅମିତ ଯୋଗୀଙ୍କୁ ଏହି ମାମଲାର ମୁଖ୍ୟ ସୂତ୍ରଧାର ବୋଲି କହି ଆଜୀବନ କାରାଦଣ୍ଡ ଦେଇଥିଲେ।

## ଇସ୍ରାଏଲୀ ଆକ୍ରମଣରେ ଥରିଲା ଲେବାନନ୍ : ୫ ମୃତ

ନୂଆଦିଲ୍ଲୀ, ୨୩।୪: ଇସ୍ରାଏଲ ଏବଂ ଲେବାନନ୍ ମଧରେ ଚାଲିଥିବା ଅସ୍ତ୍ରବିରତି ସତ୍ତ୍ୱେ, ପରିସ୍ଥିତି ଖରାପ ହେଉଥିବା ପରି ମନେ ହେଉଛି। ଦକ୍ଷିଣ ଲେବାନନରେ ଇସ୍ରାଏଲ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇ ଏୟାର ଷ୍ଟ୍ରାଇକ୍ କରାଯାଇଛି। ଏଥିରେ ଜଣେ ସାମ୍ବାଦିକଙ୍କ ସମେତ ପାଞ୍ଚ ଜଣଙ୍କ ଜୀବନ ଯାଇଛି। ଏହା ଅସ୍ତ୍ରବିରତି ଉପରେ ଚାପ ସୃଷ୍ଟି କରିଛି। ଲେବାନନ୍ ଅଭିଯୋଗ କରିଛି ଯେ, ଉଦ୍ଧାର କାର୍ଯ୍ୟ ସମୟରେ ଇସ୍ରାଏଲ ପୁଣି ଆକ୍ରମଣ ଆରମ୍ଭ କରିଛି। ରିପୋର୍ଟ ଅନୁସାରେ, ପ୍ରଥମ ଆକ୍ରମଣରେ ଦକ୍ଷିଣ ଲେବାନନର ଆଟ୍-ତିରି ଗାଁରେ ଏକ ଗାଡ଼ିକୁ ଟାର୍ଗେଟ କରି କରାଯାଇଥିଲା। ଗାଡ଼ି ଭିତରେ ଥିବା ଦୁଇଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ପହଞ୍ଚିଥିବା ସାମ୍ବାଦିକମାନଙ୍କୁ ମଧ ଧମକ ଦିଆଯାଇଥିଲା। ଇସ୍ରାଏଲୀ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) କହିଛି , ହେଜବୁଲ୍ଲାର ଅସ୍ତ୍ରବିରତି ଉଲ୍ଲଂଘନ କରୁଛି। ଦକ୍ଷିଣ ଲେବାନନରେ ହେଜବୁଲ୍ଲାର ଏକ ଘାଟିରୁ ବାହାରୁଥିବା ଦୁଇଟି ଯାନକୁ ଟାର୍ଗେଟ କରାଯାଇଛି। ସାମରିକ ବାହିନୀ କହିଛି , ଏକ ସମ୍ଭାବ୍ୟ ବିପଦକୁ ରୋକିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆଇଡିଏଫ୍ କହିଛି ହେଜବୁଲ୍ଲାର ଅସ୍ତ୍ରବିରତି ଉଲ୍ଲଂଘନ ଯୋଗୁଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଆମେରିକା ଛାଡ଼ିବାକୁ ଚାହୁଁଛନ୍ତି ୪୦% ଭାରତୀୟ

ନୂଆଦିଲ୍ଲୀ, ୨୩।୪: ଡଲାରର ଲୋଭ, ସିଲିକନ୍ ଭ୍ୟାଲିରେ ଚାକିରି, ଏକ ବଡ଼ ଘର, ଏକ ବଡ଼ ଗାଡ଼ି। ଲକ୍ଷ ଲକ୍ଷ ଭାରତୀୟ ଏହି ସ୍ୱପ୍ନକୁ ପୂରଣ କରିବାକୁ ଆମେରିକା ଯାଉଛନ୍ତି । କିନ୍ତୁ ଏବେ ଆମେରିକା ପ୍ରତି ମୋହ ଭଙ୍ଗ ହେଉଥିବା ଜଣାପଡ଼ିଛି । ଭାରତୀୟମାନେ ଆମେରିକାରେ ରହିବାକୁ ଆଉ ପସନ୍ଦ କରୁନାହାନ୍ତି । ପ୍ରତି ୧୦ ଜଣରୁ ୪ ଜଣ ଭାରତୀୟ ଆମେରିକା ଛାଡ଼ିବାକୁ ଚାହୁଁଛନ୍ତି । ଏକ ସର୍ଭେ ରିପୋର୍ଟରୁ ଏହି ବଡ଼ ଖୁଲାସା ହୋଇଛି। କାର୍ନେଗି ଏଣ୍ଡୋମେଣ୍ଟର ସର୍ଭେ ରିପୋର୍ଟ ଅନୁସାରେ, ୪୦ ପ୍ରତିଶତ ଭାରତୀୟ ବଂଶୋଦ୍ଭବ ଆମେରିକାରେ ରହିବାକୁ ଚାହୁଁନାହାନ୍ତି । ରାଜନୈତିକ, ଆର୍ଥିକ ଏବଂ ସାମାଜିକ ଚାପ ଯୋଗୁଁ ସେମାନେ ଏଭଳି ଚିନ୍ତା କରୁଛନ୍ତି। ଗତକାଲି ପର୍ଯ୍ୟନ୍ତ, ଯେଉଁମାନେ ଡଲାର ରୋଜଗାର କରି ସିଲିକନ୍ ଭ୍ୟାଲିରେ ବସବାସ କରିବାର ସ୍ୱପ୍ନ ଦେଖୁଥିଲେ, ସେମାନେ ଏବେ ନିଜର ବ୍ୟାଗ୍ ପ୍ୟାକ୍ କରିବାକୁ ଚିନ୍ତା କରୁଛନ୍ତି। କାର୍ନେଗି ଏଣ୍ଡୋମେଣ୍ଟ ଫର୍ ଇଣ୍ଟରନ୍ୟାସନାଲ୍ ପିସର ୨୦୨୬ ରିପୋର୍ଟ ସମଗ୍ର ବିଶ୍ୱକୁ ଚକିତ କରିଦେଇଛି। ସୁପରପାୱାର ଆମେରିକାରେ ଏପରି କଣ ଘଟିଛି ଯେ, ୪୦% ଭାରତୀୟ ସେଠାରୁ ପଳାଇଯିବାକୁ ଚାହୁଁଛନ୍ତି ୨୦୨୬ ମସିହା ଫେବୃଆରୀ ଏବଂ ଏପ୍ରିଲ ମଧରେ ପ୍ରକାଶିତ କାର୍ନେଗି ଏଣ୍ଡୋମେଣ୍ଟ ଫର୍ ଇଣ୍ଟରନ୍ୟାସନାଲ୍ ପିସର ତଥ୍ୟ ବିଶ୍ୱବ୍ୟାପୀ ହଇଚଇ ସୃଷ୍ଟି କରିଛି। ସର୍ଭେରୁ ଜଣାପଡ଼ିଛି ଯେ, ପ୍ରାୟ ୪୦% ଭାରତୀୟ-ଆମେରିକୀୟ ସମ୍ପ୍ରଦାୟ ଏବେ ଆମେରିକା ଛାଡିବାକୁ ଗମ୍ଭୀରତାର ସହିତ ବିଚାର କରୁଛନ୍ତି। ଏକଦା ଆମେରିକାର ଅର୍ଥନୀତିର ମେରୁଦଣ୍ଡ ଭାବରେ ବିବେଚିତ ଏହି ସମ୍ପ୍ରଦାୟ ଏବେ ଅସ୍ଥିରତାର ସମୟ ଦେଇ ଗତି କରୁଛି। ଏହା ସୁପରପାୱାର ଆମେରିକାର ମୌଳିକ ନୀତି ଉପରେ ପ୍ରଶ୍ନ ଉଠାଇଛି। ଆମେରିକା ଛାଡ଼ିବାକୁ ବିଚାର କରୁଥିବା ୫୮%



ଲୋକ ଏକ ଖରାପ ରାଜନୈତିକ ପରିବେଶକୁ ପ୍ରମୁଖ କାରଣ ଭାବରେ ଉଲ୍ଲେଖ କରିଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳର ଧ୍ରୁବୀକରଣ ଭାରତୀୟ-ଆମେରିକୀୟ ସମ୍ପ୍ରଦାୟ ମଧରେ ଥିବା ନିଜର ଭାବନାକୁ କ୍ଷୁର୍ଣ୍ଣ କରିଛି। ପ୍ରାୟ ୭୧% ଭାରତୀୟ ବଂଶୋଦ୍ଭବ ଟ୍ରମ୍ପ ପ୍ରଶାସନର କାର୍ଯ୍ୟଦକ୍ଷତାରେ ଅସନ୍ତୁଷ୍ଟ। ବିଶ୍ଳେଷକଙ୍କ ଅନୁସାରେ, 'ଆମେରିକା କେବଳ ଆମେରିକୀୟମାନଙ୍କ ପାଇଁ' ଭଳି ନୀତି ଭାରତୀୟମାନଙ୍କୁ ଏକ ବାର୍ତ୍ତା ଦେଇଛି ଯେ, ସେମାନେ ଯେତେ ଯୋଗଦାନ ଦେଲେ ମଧ, ସେମାନଙ୍କୁ ସର୍ବଦା ବାହାର ଲୋକ ଭାବରେ ବିବେଚନା କରାଯିବ। ଏହା ସେମାନଙ୍କ ପରିଚୟ ଏବଂ ସୁରକ୍ଷା ବିଷୟରେ ଗମ୍ଭୀର ଚିନ୍ତା ସୃଷ୍ଟି କରିଛି। ବଢ଼ୁଥିବା ଭେଦଭାବ ଏବଂ ସାମାଜିକ ଅଶାନ୍ତିର ଭାବନା ମଧ ଏହା ସହିତ ଜଡିତ। ୨୦୨୦ ପରଠାରୁ, ପ୍ରତ୍ୟକ୍ଷ ହିଂସାରେ ବଡ଼ ବୃଦ୍ଧି ହୋଇନାହିଁ, କିନ୍ତୁ ଲୋକମାନେ ପ୍ରତିଦିନ ପକ୍ଷପାତିତା ବିଷୟରେ ଅଧିକ ଚିନ୍ତିତ । ଅନେକ ଲୋକ କହିଛନ୍ତି ଯେ, ସେମାନେ ସେମାନଙ୍କର ଆଚରଣ ପରିବର୍ତ୍ତନ କରିଛନ୍ତି, କିଛି ବାର୍ତ୍ତାଳାପକୁ ଏଡ଼ାଇ ଦେଇଛନ୍ତି, କିମ୍ବା ସାର୍ବଜନୀନ ଭାବରେ କମ୍ ସୁରକ୍ଷିତ ଅନୁଭବ କରିଛନ୍ତି। ଆର୍ଥିକ ଚାପ ଆଉ ଏକ ପ୍ରମୁଖ କାରଣ। ଆମେରିକାରେ ବଢ଼ୁଥିବା ଜୀବନଯାପନ ଖର୍ଚ୍ଚ ଅନେକ ମଧବିତ୍ତ ପରିବାର ପାଇଁ ଚିନ୍ତାର କାରଣ ପାଲଟିଛି ।

# ମହୁମାଛି ଆକ୍ରମଣ: ପାଣି ଟାଙ୍କି ଭିତରେ ଫସିଲେ ମେଗା ପ୍ରକଳ୍ପ କର୍ମଚାରୀ



ଗୋଲାମୁଣ୍ଡା(ନିପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ବୃନ୍ଦାବାହାଲ ପେଟ୍ରୋଲ ପମ୍ପ ଓ ଗୋଇନ୍ଦୀ ମୁଣ୍ଡା ମଝିରେ ଥିବା ମେଗା ପ୍ରକଳ୍ପ ଦ୍ୱାରା ନିର୍ମାଣ ହୋଇଥିବା ପାଣି ଟାଙ୍କିରେ ଜଣେ ଯୁବକ ମହୁମାଛି ଆକ୍ରମଣରେ ଦୀର୍ଘ ୪ ଘଣ୍ଟା ଧରି ଫସିଥିବା ଜଣାପଡିଛି। ଯୁବକ ଜଣକ ହେଲେ ବନ୍ଧାଗାଁ ଗ୍ରାମର ଅବ୍ୟକ୍ତ ବଗର୍ତ୍ତୀ(୨୫) ଓ ସେ ମେଗା ପ୍ରକଳ୍ପ କର୍ମଚାରୀ ବୋଲି ଜଣାପଡିଛି। ସୂଚନାରୁ ପ୍ରକାଶ କର୍ମଚାରୀ ଜଣକ ଟାଙ୍କିରେ ପାଣି ଅଛି ନା ନାହିଁ ବୋଲି ଟାଙ୍କି ଉପରକୁ ଚଢ଼ି ଯାଇଥିଲେ। ଉକ୍ତ ସମୟରେ ଟାଙ୍କିରେ ଥିବା ମହୁମାଛି ଆକ୍ରମଣରେ ଟାଙ୍କି ଭିତରେ ଥିବା ପାଣିରେ ଡ଼େଇଁଥିଲେ। ହେଲେ ସାଙ୍ଗରେ ନିଜର ମୋବାଇଲ ଫୋନ ଥିବାରୁ ନିଜ କର୍ମଚାରୀ ମାନଙ୍କୁ ଫୋନ କରିଥିଲେ। ଖବରପାଇ ବୃନ୍ଦାବାହଲ ସରପଞ୍ଚ ଇଂ ଦିନେଶ କୁମାର ରାଉତଙ୍କୁ ଜଣାଇବା ପରେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ ଓ ଗୋଲାମୁଣ୍ଡା ପୋଲିସ ଏଏସଆଇ ପ୍ରେମରାଜ କହଁର ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରିରଖିଥିଲେ। ଟାଙ୍କି ପାଖରେ ପ୍ରବଳ ମହୁମାଛି ଥିବାରୁ ଭୟରେ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରିପାରି ନଥିଲେ । ସ୍ଥାନୀୟ ଗୋଇନ୍ଦୀମୁଣ୍ଡାର ଦୁଇ ଯୁବକ ବେଣୁଧର ବାନ୍ଧିଛୋଡ ଓ ସାନି ମାଝୀ ଅଗ୍ନିଶମ ବିଭାଗର ସୁରକ୍ଷା ପୋଷାକ ପିନ୍ଧି ପାଣିଟାଙ୍କିରେ ଫସିଥିବା କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଜ ଜୀବନ ପ୍ରତି ଭୟଥିବା ବେଳେ ସ୍ଥାନୀୟ ଦୁଇ ଯୁବକ ଭୟ ନ କରି ଉଦ୍ଧାର କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଘୋର ପ୍ରଶଂସା କରିଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ ମାମଲା

# ଅଭିଯୁକ୍ତକୁ ୩ ବର୍ଷ ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର(ନିପ୍ର): ଜଣେ ନାବାଳିକାଙ୍କୁ ଅସଦାଚ଼ରଣ ଓ ମାଡ ମାରିବା ମାମଲାର ବିଚ଼ାରକରି ଗୁରୁବାର ଫାଷ୍ଟ ଟ୍ରାକ୍ ସ୍ୱ ?ଶାଲ କୋର୍ଟ (ପୋକସୋ)ର ବିଚ଼ାରପତି ସରୋଜ କୁମାର ସାହୁ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ଅଭିଯୁକ୍ତ ଦୀନବନ୍ଧୁ କାଣ୍ଡିକୁ ବିଚ଼ାରପତି ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୩ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ନ ଦେଲେ ଅଭିଯୁକ୍ତ ଅଧିକ ୩ ମାସ ଜେଲରେ ରହିବେ ବୋଲି ବିଚ଼ାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚ଼ନାଥାଉ କି, ଅଭିଯୋଗକରିଣୀ ପରିବାର ସହ ବାଲିପାଟଣା ଥାନା ଅଞ୍ଚଳରେ ରୁହନ୍ତି । ୨୦୨୦ ମସିହା ମାର୍ଚ୍ଚ ୧ ତାରିଖ ଦିନ ପ୍ରାୟ ୧୨ଟା ସମୟରେ ଟଙ୍କାର ନାବାଳିକା ଝିଅ ସାଙ୍ଗମାନଙ୍କ ସହ ଗାଁ ଦାଣ୍ଡରେ ଖେଳୁଥିଲେ । ଆଖପାଖରେ କେହି ବଡ ଲୋକ ନଥିବାର ସୁଯୋଗ ନେଇ ଅଭିଯୁକ୍ତ ଦୀନବନ୍ଧୁ କାଣ୍ଡି ନାବାଳିକାଙ୍କୁ ନିକଟସ୍ଥ ଏକ ଶୌଚ଼ାଳୟକୁ ବଳପୂର୍ବକ ଉଠାଇ ନେଇଯାଇଥିଲେ । ସେଠାରେ ସେ ନାବାଳିକାଙ୍କୁ ଅସଦାଚ଼ରଣ କରିବା ସହ ମାଡ ମାରିଥିଲେ ଏବଂ ତାଙ୍କ ଡାହାଣ ହାତକୁ କାମୁଡି ଦେଇଥିଲେ। ଯନ୍ତ୍ରଣା ଯୋଗୁଁ ନାବାଳିକା ଜଣକ ବଡ ଜୋରସେ ପାଟି କରିଥିଲେ । ତାଙ୍କ ପାଟିଶୁଣି ସାଙ୍ଗମାନେ ଯାଇ ତୁରନ୍ତ ନାବାଳିକାଙ୍କ ମା ତଥା ଅଭିଯୋଗକାରିଣୀଙ୍କୁ ଘଟଣା ସମ୍ପର୍କରେ ସୂଚ଼ନା ଦେଇଥିଲେ । ପରେ ଅଭିଯୋଗକାରିଣୀ ଅବିଳମ୍ବେ ଘଟଣାସ୍ଥଳକୁ ଦୌଡି ଯାଇ ନାବାଳିକା ଝିଅକୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିଥିଲେ । ପରେ ୨ ତାରିଖ ଦିନ ଅଭିଯୁକ୍ତ ଦୀନବନ୍ଧୁଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରିଣୀ ବାଲିପାଟଣା ଥାନାର ଦ୍ୱାରସ୍ଥ ହୋଇଥିଲେ। ମାମଲାର ତଦନ୍ତଭାର ଏସ୍ଆଇ ନୟନା ବେହେରା କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଅନ୍ୟତ୍ର ବଦଳି ହେବାରୁ ଏହି ମାମଲାର ତଦନ୍ତ ଏସ୍ଆଇ ପୁଷ୍ପଲତା ରାଉତରାୟ କରିଥିଲେ।

ମାମଲାର ବିଚ଼ାରକରି ବିଚ଼ାରପତି ୮ ଜଣ ସାକ୍ଷୀଙ୍କ ଜବାନବନ୍ଦି, ଏବଂ ୬ଟି ପ୍ରାସଙ୍ଗିକ ଦସ୍ତାବିଜ ଅଧ୍ୟୟନ କରି, ବିଚ଼ାରକାର୍ଯ୍ୟର ପରିସମାପ୍ତି କରିଛନ୍ତି । ଗୁରୁବାର ଅଦାଲତ ତାଙ୍କ ରାୟରେ ଆସାମୀ ଦୀନବନ୍ଧୁ କାଣ୍ଡିକୁ ପୋକସୋ ଆଇନର ଧାରା-୮ ଅନୁଯାୟୀ ୩ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ କରିଛନ୍ତି ଏବଂ ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସର ସଶ୍ରମ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି । ସେହିପରି ଆଇପିସିର ଧାରା-୩୫୪ ଆଧାରରେ ୩ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି ଏବଂ ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସର ସଶ୍ରମ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଜାରି କରିଛନ୍ତି । ଏହା ବ୍ୟତୀତ ମାନ୍ୟବର ଅଦାଲତ ଅଭିଯୁକ୍ତଙ୍କୁ ଆଇପିସିର ଧାରା-୩୪୧ ଅନୁଯାୟୀ ୧ ମାସର ସରଳ କାରାଦଣ୍ଡ ମଧ୍ୟ ଶୁଣାଇଛନ୍ତି । ଅଦାଲତ, ନାବାଳିକା ପୀଡିତାଙ୍କ ସହିତ ହୋଇଥିବା ଶାରୀରିକ ଏବଂ ମାନସିକ ଆଘାତକୁ ବିଚ଼ାର କରି, ସିଆରପିସି ର ଧାରା ୩୫୭-ଏ ଆଧାରରେ, ତଥା ଓଡ଼ିଶା ପୀଡିତା କ୍ଷତି ପୂରଣ ଯୋଜନା ଅନୁଯାୟୀ କ୍ଷତିପୂରଣ ବାବଦକୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ଲାଗି ଖୋର୍ଦ୍ଧାସ୍ଥିତ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଏବଂ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଶ୍ରୀ ବଳରାମ ଦେଓ ପ୍ରମୁଖ ସଫଳତାର ସହ ପରିଚ଼ାଳନା କରିଥିଲେ ।

## କାର ଧକ୍କାରେ ବାଇକ୍ ଚାଳକ ଗୁରୁତର

ପିପିଲି(ନିପ୍ର): ଗୁରୁବାର ମଧ୍ୟାହ୍ନରେ ବଳଙ୍ଗା ଥାନା ଅନ୍ତର୍ଗତ ଖେଲାର - ବଳଙ୍ଗା ରାସ୍ତାର ବାୟାବରଠାରେ କାର ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛି। ଗୁରୁତର ବାଇକ୍ ଚାଳକ ଜଣଙ୍କ ନିମାପଡା ଥାନା ଅନ୍ତର୍ଗତ ଚଅଁରପଦା ଗ୍ରାମର ଚିନ୍ମୟ ରାଉତ ବୋଲି ଜଣାପଡ଼ିଛି । ସୂଚନା ମୁତାବକ ମଧ୍ୟାହ୍ନରେ ଚିନ୍ମୟ ବାଇକ୍ ଯୋଗ ବଳଙ୍ଗାରୁ ଖେଲାର ଆସୁଥିଲା ବେଳେ ବାୟାବରଠାରେ ସାମ୍ନାରୁ ଆସୁଥିବା ଏକ ଧଳା ରଙ୍ଗର କାର ଧକ୍କା ଦେଉଥିଲା । ଫଳର ଚିନ୍ମୟ ରାସ୍ତା ପାର୍ଶ୍ୱରେ ଥିବା ସଫେଇ କେନାଲ ଭିତରକୁ ଛିଟିକି ପଡି ଗୁରୁତର ଭାବେ ଆହତ ହୋଇଥିଲେ। ଦୁର୍ଘଟଣା ପରେ କାର୍‌ଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା ବେଳେ ସ୍ଥାନୀୟ ଲୋକେ ଚିନ୍ମୟକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନିମାପଡା ମେଡିକାଲକୁ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଅନ୍ୟ ପକ୍ଷରେ ପୋଲିସ ତଦନ୍ତ ସମୟରେ କାରରେ ଲାଗିଥିବା ନମ୍ବରଟି ଏକ ସ୍କୁଟିର ବୋଲି ଜଣା ପଡିଛି।

---

## ବିଦ୍ୟୁତ ତାର ଛିଡ଼ିବାରୁ ଆମ୍ବୁଲାନ୍ସ ଫସିଲା

ଭାପୁର(ନିପ୍ର): ବିଦ୍ୟୁତ ବିଭାଗର ଅପାରଗତାରୁ ବିନା ମେଘ ପବନରେ ବିଦ୍ୟୁତ ତାର ରାସ୍ତା ଉପରେ ଛିଣ୍ଡି ପଡିଥିବାରୁ ରୋଗୀ ନେଇ ଯାଉଥିବା ଭାପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ୍ବୁଲାନ୍ସଟି ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଫସି ରହିଥିଲା। ଉଲ୍ଲେଖଯୋଗ୍ୟ, ଗୁରୁବାର ସନ୍ଧ୍ୟା ସମୟରେ ଜନୈକ ଗର୍ଭବତୀ ମହିଳା କଷ୍ଟ ପାଇ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସରେ ଯାଉଥିବାବେଳେ ବିଜିପୁର ଗ୍ରାମର ହାଇସ୍କୁଲ ନିକଟ ଆଦିବାସୀ ସାହି ରାସ୍ତା ଉପରେ ଖୁଣ୍ଟରୁ ବିଦ୍ୟୁତ ତାର ଛିଡି ପଡିଥିଲା । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ, ଗାଡି, ମଟର ଅଟକି ରହିଥିବାବେଳେ ସେଥିମଧ୍ୟରୁ ଏକ ଆମ୍ବୁଲାନ୍ସ ମଧ୍ୟ ଗହଳିରେ ଫସି ରହିଥିଲା ଏବଂ ଆମ୍ବୁଲାନ୍ସ ମଧ୍ୟରେ ଗର୍ବବତୀ ମହିଳା କଷ୍ଟ ପାଉଥିବା ପରିଲକ୍ଷିତ ହୋଇଥିଲା। ଖବରପାଇ ବିଦ୍ୟୁତ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ ତାରରୁ କରେଣ୍ଟ ବିଚ୍ଛିନ୍ନ କରିବା ପରେ ଯାତାୟାତ ହୋଇଥିଲା। ବିନା ମେଘ ଓ ପବନରେ ବିଦ୍ୟୁତ ତାର ଛିଡି ରାସ୍ତା ଅବରୋଧ ହେବା ସାଧାରଣରେ ବିଦ୍ୟୁତ ବିଭାଗ ପ୍ରତି ଭାପୁର ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।

---

## ମୂଳିଝର ଗଡ଼ରେ ଭଗବତ ଟୁଙ୍ଗୀ ପ୍ରତିଷ୍ଠା

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ସାନରାଉତପଡ଼ା ପଞ୍ଚାୟତ ମୂଳିଝର ଗ୍ରାମରେ ଆଧାତ୍ମିକ ପରିବେଶ ମଧ୍ୟରେ ଶ୍ରୀ ଶ୍ରୀ ଭଗବତ ବାସୁଦେବଙ୍କ ନୂତନ ଭଗବତ ଟୁଙ୍ଗୀ ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଆଜି ପବିତ୍ର ବୈଶାଖ ଶୁକ୍ଳପକ୍ଷ ଅଷ୍ଟମୀ ପୂର୍ବ ସନ୍ଧ୍ୟାରେ ମୂଳିଝର ଗ୍ରାମବାସୀଙ୍କ ପକ୍ଷରୁ ଏକ ଭବ୍ୟ କଳସ ଯାତ୍ରା ଓ ଶୁଭାଧିବାସ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଶତାଧିକ ଶ୍ରଦ୍ଧାଳୁ ମହିଳା ଓ ପୁରୁଷ ଏକତ୍ରିତ ହୋଇ ପାରମ୍ପରିକ ରୀତିନୀତି ଅନୁଯାୟୀ ମା ଉଗ୍ରତାରାଙ୍କ ପୀଠରୁ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହ ନୂତନ ଭଗବତ ଟୁଙ୍ଗୀ ପୀଠରେ ସ୍ଥାପନ କରିଛନ୍ତି। ହୁଳହୁଳି ଓ ସଂକୀର୍ତ୍ତନ ରାବରେ ସମଗ୍ର ଅଞ୍ଚଳରେ ଏକ ମାଙ୍ଗଳିକ ବାତାବରଣ ସୃଷ୍ଟି ହୋଇଛି। ମୂଳିଝର ଗଡ଼ (ମା' ଉଗ୍ରତାରା ମନ୍ଦିର ପାର୍ଶ୍ୱ) ଠାରେ ଆୟୋଜିତ ଏହି ଉତ୍ସବର ମୁଖ୍ୟ କାର୍ଯ୍ୟକ୍ରମ ତା ୨୩.୦୪.୨୦୨୬ ରିଖ ଶୁକ୍ରବାର ସକାଳ ୭ ଘଟିକାରେ ସୂର୍ଯ୍ୟ ନାରାୟଣଙ୍କ ପୂଜା ଓ ଗୋମାତାଙ୍କ ପୂଜା।, ତା ୨୪.୦୪.୨୦୨୬ ରିଖ ରେ ପୂର୍ଣ୍ଣାହୁତି ସନ୍ଧ୍ୟା ୬ ଘଟିକା ସମୟରେ ଅନୁଷ୍ଠିତ ହେବ। ମୁଳିଝର ବାସୀ ବଡ଼ ଧୁମ୍ ଧାମ ରେ ରାସ୍ତା ପାର୍ଶ୍ୱ ଓ ଗ୍ରାମ ର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଝୋଟି, ସ୍ୱାଗତ, ଓଁ ଲେଖି ଖୁସି ମନରେ ଏହି ପ୍ରତିଷ୍ଠା ଉତ୍ସବକୁ ପାଳନ କରିଛନ୍ତି ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ସାହ ଏବାଇଁ ଆଧାତ୍ମିକ ପରିବେଶ ଦେଖିବାକୁ ମିଳିଛି।

# ସିଆରଆରଆଇର ୮୧ତମ ପ୍ରତିଷ୍ଠା ଦିବସ

କଟକ: ସ୍ଥାନୀୟ ବିଦ୍ୟାଧରପୁର ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ (ସିଆରଆରଆଇ) ର ୮୧ତମ ପ୍ରତିଷ୍ଠା ଦିବସ ଏବଂ ଧାନ ଦିବସ ଗୁରୁବାର ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନୂଆଦିଲ୍ଲୀ ସ୍ଥିତ କୃଷି ବୈଜ୍ଞାନିକ ବୋର୍ଡ଼ (ଏଏସଆରବି)ର ଅଧ୍ୟକ୍ଷ ପ୍ରଫେସର ସଂଜୟ କୁମାର ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ଭାବେ ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଦ୍ୟା ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୁଳପତି ପ୍ରଫେସର ପିକେ ରାଉଳ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସାମଜିକ ବିଜ୍ଞାନ ବିଭାଗର ମୁଖ୍ୟ ଡ ବିଶ୍ୱଜିତ ମଣ୍ଡଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଧାନ ଗବେଷଣା, ପ୍ରଯୁକ୍ତି ବିଦ୍ୟା ବିକାଶ, ସଂପ୍ରାସାରଣ କାର୍ଯ୍ୟକଳାପ ଓ ଆନୁଷ୍ଠାନିକ ବିକାଶ କ୍ଷେତ୍ରରେ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ ଡ ମଣ୍ଡଳ ଆଲୋକପାତ କରିଥିଲେ । 'ଚତୁର୍ଥ ଡ କେ ରମେୟା ପ୍ରତିଷ୍ଠା ଦିବସ ବକ୍ତୃତା' ଭାରତର ଏକ ସ୍ଥାୟୀ ଜୈବିକ ଅର୍ଥନୀତିର ପଥ: ଜୈବିକ ସମ୍ବଳର ଉପଯୋଗ ଏବଂ ମୂଲ୍ୟାଙ୍କନରେ ଉଦ୍ଭାବନ' ଶୀର୍ଷକ ବିଷୟବସ୍ତୁ ଉପରେ ମୁଖ୍ୟ ଅତିଥି ପ୍ରଫେସର ସଂଜୟ କୁମାର ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ ଜିଏକେ କୁମାର ସିଆରଆରଆଇର ସଫଳତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଗଠନ ସଚିବ ଡ କୌଶିକ ଚକ୍ରବର୍ତ୍ତୀ ପ୍ରତିଷ୍ଠା ଦିବସ ବକ୍ତୃତାର ଗୁରୁତ୍ୱ ବିଷୟରେ ବୁଝାଇଥିଲେ। ସମ୍ମାନୀତ ଅତିଥି ପ୍ରଫେସର ରାଉଳ ତାଙ୍କ ଅଭିଭାଷଣରେ ସ୍ଥାୟୀ କୃଷି ଏବଂ କ୍ଷମତା ନିର୍ମାଣକୁ ପ୍ରୋତ୍ସାହିତ କରିବାରେ ଶିକ୍ଷାନୁଷ୍ଠାନ ଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଧାନ କିସମ "ସିଆର ଧାନ-୩୧୦" ର ବାଣିଜ୍ୟକରଣ ପାଇଁ ଆଇସିଏଆର-କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ଏବଂ ଆରିଆ ଆଗ୍ରୋଟେକ ପ୍ରାଇଭେଟ ଲିମିଟେଡ଼ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ମୁଖ୍ୟ ଅତିଥି ପ୍ରତିଷ୍ଠାନ ପରିସରରେ ଏହି ଅବସରରେ ଏକ ଚାରା ରୋପଣ କରିଥିଲେ । ଏହାପରେ ଚାଷୀ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ଏକ ପାରସ୍ପାରିକ କୃଷକ-ବୈଜ୍ଞାନିକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ଅଧିବେଶନରେ "ମଧୁରମ" ଶୀର୍ଷକ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାପରେ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ପାଇଁ ପୁରସ୍କାର ବଂଟନ କରାଯାଇଥିଲା। ଆୟୋଜନ ସଚିବ ଡ ଏମ ଶିବଶଙ୍କରୀ ଧନ୍ୟବାଦ ଅର୍ପଣ କରିଥିଲେ।



## ପାନ ଦୋକାନରେ ନିଆଁ ସିଲିଣ୍ଡର ଫାଟିବାରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ

କଟକ(ନିପ୍ର): ସ୍ଥାନୀୟ ବାଲିସାହି ନଦୀକୂଳ ନିକଟରେ ଗୁରୁବାର ଏକ ପାନ ଦୋକାନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଗ୍ୟାସ ସିଲିଣ୍ଡର ଫାଟିବାରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଚି । ଖବର ପାଇ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଫଳରେ ଆଖପାଖରେ ଥିବା ଦୋକାନଗୁଡ଼ିକ ମଧ୍ୟ ନିଆଁ ଲାଗିବାରୁ ରକ୍ଷା ପାଇଯାଇଚି । ଏହି ଘଟଣାରେ ସୌଭାଗ୍ୟବଶତଃ କାହାର ମୃତାହତ ହୋଇ ନଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ସିସୋର ଚିଟଫଣ୍ଡ ଠକେଇ ମାମଲା ରଦ୍ଦ ପାଇଁ ପ୍ରଭାତ ବିଶ୍ୱାଳଙ୍କ ସାନି ଆବେଦନ

## ସିବିଆଇକୁ ଜବାବ ତଲବ କଲେ ହାଇକୋର୍ଟ

କଟକ(ନିପ୍ର): ସିସୋର ଚିଟଫଣ୍ଡ ଠକେଇ ମାମଲାକୁ ନେଇ ପୁଣିଥରେ ପୂର୍ବତନ ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମୂଳ ମାମଲାକୁ ରଦ୍ଦ କରିବା ପାଇଁ ପ୍ରଭାତ ସାନି ଆବେଦନ କରିଚନ୍ତି । ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ମୁତାବକ ସିବିଆଇ କୋର୍ଟରେ ମାମଲାର ଶୁଣାଣି ଏକ ବର୍ଷ ଭିତରେ ସରିବା କଥା । କିନ୍ତୁ ଦୁଇବର୍ଷ ବିତି ଯାଇଥିଲେ ବି, ଏହା ଅସମାପ୍ତ ହୋଇ ପଡ଼ି ରହିଛି । ଏହା ପ୍ରମାଣିତ କରୁଛି ଯେ, ତାଙ୍କ ବିରୁଦ୍ଧରେ ସେଭଳି ଠୋସ ପ୍ରମାଣ ନାହିଁ ବା ତଦନ୍ତକାରୀ ସଂସ୍ଥା ଅଭିଯୋଗକୁ ପ୍ରମାଣିତ କରିବାରେ ଅସମର୍ଥ । ତେଣୁ ମାମଲାକୁ ରଦ୍ଦ କରିବା ଲାଗି ହାଇକୋର୍ଟରେ ପ୍ରଭାତ ବିଶ୍ୱାଳ ସାନି ଆବେଦନ କରିଚନ୍ତି । ଯାହା ଉପରେ ସିବିଆଇକୁ ହାଇକୋର୍ଟ ଜବାବ ତଲବ କରିଛନ୍ତି । ଆସନ୍ତା ମେ ୨୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଦିନ ଧାର୍ଯ୍ୟ ହୋଇଛି । ବର୍ଷକ ଭିତରେ ମାମଲାର ଶୁଣାଣି ଶେଷ କରିବା ଲାଗି ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ତାହା ଏଯାଏଁ କାର୍ଯ୍ୟକାରୀ ହୋଇନଥିବା କାରଣରୁ ପ୍ରଭାତ ବିଶ୍ୱାଳ ପୁର୍ନବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ମାମଲାକୁ ରଦ୍ଦ କରିବାକୁ ଆବେଦନ କରିଥିବା ଦାୟର ପିଟିସନରେ ଉଲ୍ଲେଖ ହୋଇଛି ।



## ଶୁଦ୍ଧ ସୁଆର, ଦଇତାପତି ସେବକଙ୍କୁ ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ଓ ନିଲମ୍ବନ

ପୁରୀ(ନିପ୍ର): ଶ୍ରୀମନ୍ଦିରର ଶୁଦ୍ଧ ସୁଆର ଓ ଦଇତାପତି ସେବକ, ଶ୍ରଦ୍ଧାନନ୍ଦ ଦାସ ମହାପାତ୍ରଙ୍କୁ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ତାଙ୍କ ବିରୁଦ୍ଧରେ ପୋଲିସ୍ ମୋକଦ୍ଦମା ରୁଜୁ କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନଙ୍କ ଦୃଷ୍ଟିକୁ ଆସିବା ପରିପ୍ରେକ୍ଷୀରେ ଗୁରୁବାର ଶ୍ରୀମନ୍ଦିର ଆଇନ ଅନୁଯାୟୀ ତାଙ୍କୁ ଅନ୍ୟାଦେଶ ପାଇଁ ନିଲମ୍ବନ କରିଛନ୍ତି ମୁଖ୍ୟ ପ୍ରଶାସକ। ଉକ୍ତ ସେବକଙ୍କ ଅନୈତିକ କାର୍ଯ୍ୟ ସମଗ୍ର ସେବକ ସମାଜ ଏବଂ ଶ୍ରୀମନ୍ଦିରର ସମ୍ମାନ ଓ ମର୍ଯ୍ୟାଦା କ୍ଷୁଣ୍ଣ କରିଥିବା ପରିପ୍ରେକ୍ଷୀରେ ଉକ୍ତ ସେବକଙ୍କ ବିରୁଦ୍ଧରେ ନିଲମ୍ବନ ଆଦେଶ ଜାରି କରାଯାଇଛି। ଏହା ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବା ସହିତ ନିଲମ୍ବନ ଅବଧିରେ ଉକ୍ତ ସେବକ ସେବାରୁ ବଞ୍ଚିତ ହେବା ସହିତ ଶ୍ରୀମନ୍ଦିରରେ ପ୍ରବେଶ କରିବା ପାଇଁ ନିଷେଧାଜ୍ଞା ଜାରି କରିଛନ୍ତି ମୁଖ୍ୟ ପ୍ରଶାସକ। ଶ୍ରୀମନ୍ଦିରର ପ୍ରାୟତଃ ସେବକଙ୍କ ଆଚାର ବ୍ୟବହାର ସଠିକ ରହି ନୀତିକାନ୍ତି ସମ୍ପାଦନ ଶୃଙ୍ଖଳିତ ରହୁଥିବା ବେଳେ କିଛି ସେବକଙ୍କ ଅବାଞ୍ଛିତ କାର୍ଯ୍ୟକଳାପ ସମଗ୍ର ସେବକ ସମାଜକୁ ବଦନାମ୍ କରୁଥିବା ଦର୍ଶାଇ କୌଣସିବି ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ଼.ଅରବିନ୍ଦ ପାଢୀ।

## ତହସିଲଦାରଙ୍କ ଉପରେ ଆକ୍ରମଣକୁ ନେଇ ଯାଜପୁର ଜିଲ୍ଲା ଓଏଏସ୍ ସଂଘର କ୍ଷୋଭ

ଯାଜପୁର(ନିପ୍ର): ବ୍ୟାସନଗର ତହସିଲଦାର ପ୍ରଶାନ୍ତ ପଣ୍ଡାଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଯାଜପୁର ଜିଲ୍ଲା ସଂଘ ପକ୍ଷରୁ ଏକ ବୈଠକ କରାଯାଇ ଏଭଳି ଅପରାଧିକ ଆକ୍ରମଣ ଉଦ୍ୟମକୁ ଦୃଢ଼ ନିନ୍ଦା ସହ କ୍ଷୋଭ ପ୍ରକାଶ କରାଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ ଓଏଏସ୍ ଅଧିକାରୀ, ଯାଜପୁର ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସମସ୍ତ ଡେପୁଟି କଲେକ୍ଟର ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଆକ୍ରମଣ ଦିନର ଘଟଣାକ୍ରମ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଅବୈଧ ଲଘୁ ଖଣିଜ ଚାଲାଣ ମାମଲା ସମ୍ବନ୍ଧୀୟ ଖବର ପାଇ ବ୍ୟାସନଗର ତହସିଲଦାର ଛାପା ମାରିବା ପାଇଁ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେଠାରେ ତହସିଲଦାରଙ୍କ ଉପରେ ଟ୍ରାକ୍ଟର ଦ୍ୱାରା ଆକ୍ରମଣ ହେବା ପରେ ସେ ଗୁରୁତର ଆହତ ହୋଇ କୋରେଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ଏବଂ ପରେ କଟକକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହି ଘଟଣା ପରେ ପୋଲିସ ପ୍ରଶାସନ ଆକ୍ସନ ମୋଡକୁ ଆସି ଅଭିଯୁକ୍ତ ମାନଙ୍କୁ ଗିରଫ କରିଛି। ଜଣେ କର୍ତ୍ତବ୍ୟରତ ଅଧିକାରୀଙ୍କ ଉପରେ ଏଭଳି ଆକ୍ରମଣ ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ବୋଲି ବରିଷ୍ଠ ଓଏଏସ ଅଧିକାରୀମାନେ ମତ ବ୍ୟକ୍ତ କରିଥିଲେ। ଏହାସହ ଏଭଳି ପରିସ୍ଥିତିକୁ କିଭଳି ଏଡ଼ାଇ ହେବ ଏବଂ ପୋଲିସ ଓ ଖଣି ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷାକରି ସୁରକ୍ଷିତ ଭାବେ କର୍ତ୍ତବ୍ୟ ସମ୍ପାଦନ କରାଯାଇପାରିବ, ସେ ସମ୍ପର୍କରେ ବରିଷ୍ଠ ଓଏଏସ ଅଧିକାରୀ ମାନେ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ଏଥିରୁ ନବନିଯୁକ୍ତ ଅଧିକାରୀ ମାନେ ଏଦିଗରେ ସଚେତନ ହୋଇପାରିବେ। ଆଗାମୀ ଦିନରେ ସଂଘକୁ ଆହୁରି ସୁଦୃଢ଼ କରାଯାଇ ପ୍ରତି ମାସରେ ଜିଲ୍ଲା ଓଡ଼ିଶା ପ୍ରଶାସନିକ ସେବା ସଂଘର ବୈଠକ ଡାକିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଏହାସହ ବୈଠକର ରିଜୋଲ୍ୟୁସନରେ ସଂଘର ସମସ୍ତ ଅଧିକାରୀ ସ୍ୱାକ୍ଷର କରିଥିଲେ ଏବଂ ଏହାକୁ ରାଜ୍ୟ ଓଏଏସ ସଂଘ ନିକଟକୁ ପ୍ରେରଣ କରାଯିବ।



# ବୁଲା ଜୀବଜନ୍ତୁଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା

ବାଲିଅନ୍ତା(ନିପ୍ର): ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରଚଣ୍ଡ ରୌଦ୍ରତାପରେ କେବଳ ମଣିଷ ନୁହେଁ, ବରଂ ବୁଲା ପଶୁ ଓ ଆକାଶର ପକ୍ଷୀମାନେ ମଧ୍ୟ ଆଉଟୁପାଉଟୁ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଅସହାୟ ବୁଲା ଗୋରୁ ଓ ପଶୁପକ୍ଷୀଙ୍କ ଶୋଷ ମେଣ୍ଟାଇବା ପାଇଁ ଆଗେଇ ଆସିଛନ୍ତି ଦୁଇ ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କାଞ୍ଚନ ଫାଉଣ୍ଡେସନ' ଓ 'ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ'। ଉଭୟ ଅନୁଷ୍ଠାନର ମିଳିତ ସହଯୋଗରେ ସ୍ଥାନୀୟ ଅଞ୍ଚଳର ସୁଦର୍ଶନ ଦାରୁ ପୀଠ, ପ୍ରତାପ ଶାସନ, ପୁରୋହିତପୁର, ଜଗୁଆପୁର ଆଦି ଅଞ୍ଚଳର ବିଭିନ୍ନ ପ୍ରମୁଖ ସ୍ଥାନମାନଙ୍କରେ ୨୦ଟି ପାଣିକୁଣ୍ଡର ବ୍ୟବସ୍ଥା କରାଯାଇଛି। ଖରା ସମୟରେ ପାଣି ମୁନ୍ଦାଏ ପାଇଁ ଏପଟ ସେପଟ ହେଉଥିବା ଗୋରୁଗାଈ ଓ ପକ୍ଷୀମାନେ ଏହି କୁଣ୍ଡ ମାଧ୍ୟମରେ ନିଜର ଶୋଷ ମେଣ୍ଟାଇ ପାରିବେ। ଯୁବ ସମାଜସେବୀ ରଞ୍ଜନ ମହାପାତ୍ର, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ଯୁବ ସମାଜସେବୀ ପ୍ରଦୀପ୍ତ ମହାନ୍ତି, ପ୍ରଦୀପ୍ତ କୁମାର ପଣ୍ଡା, ବରିଷ୍ଠ ସାମ୍ବାଦିକ ନିରଞ୍ଜନ ସେନାପତି, ବଟକୃଷ୍ଣ ମହାପାତ୍ର, ଭଗବାନ ନାୟକ, ମାର୍ଶଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତ ବେହେରା, ଯୁବ ସ୍ୱେଚ୍ଛାସେବୀ ଶ୍ରୀକୁମାର ଅଭିଷେକ ଭୋଇ, କାଳନ୍ଦୀ ଭୋଇ ପ୍ରମୁଖ ଉପସ୍ଥିତ ରହି ଏହି କୁଣ୍ଡଗୁଡିକୁ ବିଭିନ୍ନ ଛକ ଓ ଗଛମୂଳେ ସ୍ଥାପନ କରିବା ସହ ଏଥିରେ ନିୟମିତ ପାଣି ଭରିବା ପାଇଁ ସଂକଳ୍ପ ନେଇଛନ୍ତି। ଅନୁଷ୍ଠାନର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି ଯେ, 'ଗ୍ରୀଷ୍ମ ଋତୁରେ ପାଣି ଅଭାବରୁ ଅନେକ ସମୟରେ ପଶୁପକ୍ଷୀମାନେ ମୃତ୍ୟୁମୁଖରେ ପଡ଼ିଥାନ୍ତି। ସେମାନଙ୍କ ଜୀବନ ରକ୍ଷା କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଏହି ଛୋଟ ପ୍ରୟାସ ଦ୍ୱାରା ଯଦି କିଛି ନିରୀହ ପଶୁଙ୍କ ଶୋଷ ମେଣ୍ଟିପାରେ, ତେବେ ଆମର ପରିଶ୍ରମ ସାର୍ଥକ ହେବ।' ଏହି ଜନହିତକର କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ବେଶ୍ ପ୍ରଶଂସା କରିଛନ୍ତି। ଏଥିସହିତ ଅନ୍ୟମାନେ ମଧ୍ୟ ନିଜ ନିଜ ଛାତ ଉପରେ କିମ୍ବା ଘର ସାମ୍ନାରେ ପକ୍ଷୀମାନଙ୍କ ପାଇଁ ପାଣି ରଖିବାକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।



## ପୂର୍ବ ଶତ୍ରୁତାକୁ ନେଇ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ

ଧାମନଗର(ନିପ୍ର): ଧାମନଗର ଅଞ୍ଚଳର ସାମ୍ବାଦିକ ସେକ ଜାଫର ଅଲିଙ୍କୁ ଜଗତି ଶାମପୁରର ପ୍ରଧାନ ଶିକ୍ଷକ ସେକ ସମସୁଦ୍ଦିନ ଆକ୍ରମଣ କରିବା ନେଇ ଧାମନଗର ଥାନାରେ ଅଭିଯୋଗ ପରେ ଧାମନଗର ଥାନା ଅଧିକାରୀ ସାମ୍ବାଦିକଙ୍କ ଅଭିଯୋଗରେ ଥାନାରେ କେସ ନମ୍ବର୍ ୧୭୪/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ସୂଚନା ଅନୁସାରେ ସେକ ଜାଫର ୧୬ ତାରିଖ ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ପୀରବାବାଙ୍କୁ ଦର୍ଶନ କରିବା ପାଇଁ ଖାନକା ସରିଫକୁ ଯାଇଥିଲି। ପୀରବାବାଙ୍କୁ ଦର୍ଶନ ପରେ ବ୍ୟକ୍ତିଗତ କାମ ସାରି ୧୦ଟା ୪୦ ମିନିଟ ସମୟରେ ଘରକୁ ଫେରିବା ବେଳେ ଖାନକା ସରିଫ ଅଫିସ ସମ୍ମୁଖରେ ପୂର୍ବ ଶତୃତା ବିଦ୍ୟାଳୟ ଅନିୟମିତତାକୁ ଖବର ପରିବେଷଣ ଏବଂ ମିଛ କଥା ଶୁଣି ଉକ୍ତ ଶିକ୍ଷକ ହଠାତ ଉତକ୍ଷିପ୍ତ ହୋଇ ଜୀବନରୁ ମାରିଦେବା ପାଇଁ ମରଣାନ୍ତକ ଆକ୍ରମଣ କରି ମୁଣ୍ଡକୁ ଶକ୍ତ ପାହାର ଦେଇଛନ୍ତ । ପରେ ଶିକ୍ଷକ ଜଣକ ଫୋନକରି ନିଜ ସହଯୋଗୀ ୪ ଜଣ ଯୁବକଙ୍କୁ ଡକାଇ ପୁଣି ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଆହତ ହୋଇ ସାମ୍ବାଦିକ ଜଣକ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇଥିଲେ। ତେବେ ଘଟଣାର ସମାଧାନ ପାଇଁ ଉଦ୍ୟମ ପରେ ସମଧାନ ନ ହେବାରୁ ସାମ୍ବାଦିକ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ରତ୍ନଭଣ୍ଡାର ଚାବି ପ୍ରସଙ୍ଗ: ଶାସକ-ବିରୋଧୀ ମୁହାଁମୁହିଁ

ପୁରୀ/ଭୁବନେଶ୍ୱର, ୨୩/୪(ନିପ୍ର): ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ନେଇ ପୁଣି ତେଜିଲା ରାଜନୀତି । ପୁଣି ମୁହାଁମୁହିଁ ଶାସକ ବିରୋଧୀ । ସୋସିଆଲ ମିଡିଆ ଅପପ୍ରଚାର ପ୍ରସଙ୍ଗରେ ଆଇନମନ୍ତ୍ରୀ ରଖିଲେ ପ୍ରତିକ୍ରିୟା । ବିଜେଡ଼ି ଭଳି ବିଜେପି ମିଥ୍ୟାଚାର କରେ ନାହିଁ । ରତ୍ନ ଭଣ୍ଡାର ଚାବି କେଉଁଠି ଅଛି ? ସେ ଉତ୍ତର ଏବେବି ଦେଇ ନାହାନ୍ତି । ସେ ବାବଦରେ ଆମେ ମୁହଁ ଖୋଲିନୁ, କାରଣ ସେ ବାବଦରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଇଁ । ଚାବି ହଜିବା କଥା ସମ୍ପୂର୍ଣ ସତ୍ୟ, ଯଦି ଚାବି ଥିଲା କାହିଁକି ରତ୍ନ ଭଣ୍ଡାର ଖୋଲି ପାରିଲେ ନାହିଁ । ଡୁପ୍ଲିକେଟ ଚାବି ଆଣି ପ୍ରହସନ କଲେ, ସେ ଚାବିର ସେ ତାଲା ସହିତ କୌଣସି ସାମଞ୍ଜସ୍ୟ ନଥିଲା । ଏବେ



ଯେଉଁ ବିଜୁ ଜନତା ଦଳର ନେତା ସୋସିଆଲ ମିଡ଼ିଆରେ ଦୃଷ୍ଟି ଆକର୍ଷଣ ପାଇଁ ଚେଷ୍ଟା କରୁଛନ୍ତି, ତାଙ୍କ ଦୁଃସାହସ ଗୋଟେ ଦିନରେ ଛଡ଼େଇ ଦବୁ । ତମ ସରକାର ସମୟରେ ରତ୍ନ ଭଣ୍ଡାର କାହିଁକି ଖୋଲିଲ ନାହିଁ ? ଡୁପ୍ଲିକେଟ ଚାବି ଆସିଲା କେଉଁଠୁ ? ଅନେକ ଅସମାହିତ ପ୍ରଶ୍ନ ଅଛି । ଏସବୁ ପ୍ରଶ୍ନ ପଚାରିବୁ ତାଙ୍କ ନେତା ଓ ବିଜୁ ଜନତା ଦଳକୁ ପାରାଲିସିସ ହୋଇଯିବ । ସେ ଭିତରକୁ ନ ଯାନ୍ତୁ । ଏହାକୁ ରାଜନୀତିକରଣ କରିବା ଭାରତୀୟ ଜନତା ପାର୍ଟିର ଉଦ୍ଦେଶ୍ୟ ନୁହେଁ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଗଣତି ମଣତି ସୁରୁଖୁରୁରେ ଚାଲିଛି । ଭିତର ରତ୍ନଭଣ୍ଡାର ଗଣତି ମଣତି ଚାଲିଛି । ୧୯୭୮ ମସିହାର ଗଣତି ମଣତି ତାଲିକା ସହିତ ମେଳ କରିବାର ପ୍ରକ୍ରିୟା ମଧ୍ୟ ଚାଲିଛି । ମହାପ୍ରଭୁଙ୍କ ସ୍ନାନ ଯାତ୍ରା ପୂର୍ବରୁ ଏସବୁ ପ୍ରକ୍ରିୟାକୁ ଶେଷ କରିବୁ । ଚାବି ହଜିବା ଘଟଣାରେ ବସିଥିବା କମିଶନଙ୍କ ରିପୋର୍ଟ ମଧ୍ୟ ଆମ ପାଖରେ ଅଛି ଖୁବଶୀଘ୍ର ତାକୁ ବିଧାନସଭାରେ ଉପସ୍ଥାପନ କରାଯିବ । ସୋସିଆଲ ମିଡିଆରେ ପୋଷ୍ଟ କରି ରାଜ୍ୟ ସରକାରଙ୍କୁ ଘେରିଥିଲେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ।

# ସୂର୍ଯ୍ୟମନ୍ଦିର ଗର୍ଭଗୃହକୁ ଟନେଲ୍ ନିର୍ମାଣ ଆରମ୍ଭ

କୋଣାର୍କ, ୨୩/୦୪: ସୂର୍ଯ୍ୟମନ୍ଦିର ଗର୍ଭଗୃହକୁ ଟନେଲ୍ ନିର୍ମାଣ ପାଇଁ ଆଜିଠୁ କାମ ଆରମ୍ଭ ହୋଇଛି । ଗର୍ଭଗୃହର ବାଲି ଏହି ବାଟ ଦେଇ ବାହାରିବ । ବାଲିକଢ଼ା ପାଇଁ ଅନ୍ୟ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ । ମନିଟରିଂ ଟିମ୍ ଅନୁଧ୍ୟାନ କରୁଛି । ଆସନ୍ତା ମେ ପ୍ରଥମ ସପ୍ତାହରେ ଏକ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ଅନୁଧ୍ୟାନ କରିବା ପରେ ଟନେଲ୍ ବାଟ ଦେଇ ବାଲି କଢ଼ାଯିବ ବୋଲି ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଚିତ୍ତରଞ୍ଜନ ଦାଶ ସୂଚନା ଦେଇଛନ୍ତି । ସୂର୍ଯ୍ୟମନ୍ଦିର ସଂରକ୍ଷଣ ନିମନ୍ତେ ବାଲି କଢ଼ା ପ୍ରକ୍ରିୟା ୪ ମାସ ବନ୍ଦ ଥିଲା । ଗତ ଡିସେମ୍ବର ୯ରେ ଏଏସ୍ଆଇ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଦିଲ୍ଲୀପ କୁମାର ଖମାରୀ, ପ୍ରତ୍ନତତ୍ତ୍ୱ ବିଭାଗ କୋର୍ କମିଟି ସଦସ୍ୟ, ଆଇଆଇଟି ମାଡ୍ରାସର ପ୍ରଫେସର ଅରୁଣ ମେନନ, ବିଶେଷଜ୍ଞ ଦଳ ଗର୍ଭଗୃହରୁ ବାଲି କଢ଼ା ପ୍ରକ୍ରିୟା ଓ ସୂର୍ଯ୍ୟମନ୍ଦିର ସଂରକ୍ଷଣ ନେଇ ଅନୁଧ୍ୟାନ କରିଥିଲେ । ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ସୂର୍ଯ୍ୟମନ୍ଦିର ପଶ୍ଚିମ ଦିଗ ପ୍ରଥମ ପିଢ଼ରେ ଗର୍ଭଗୃହକୁ ଟନେଲ ନିର୍ମାଣ କାର୍ଯ୍ୟ



ପୂର୍ବରୁ ମନ୍ଦିର କାନ୍ଥ ପଥରର ସ୍ଥିତି ଯାଞ୍ଚ ସହ ଗର୍ଭଗୃହ କାନ୍ଥର ଚଉଡ଼ା ମାପିବା ପାଇଁ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଡ୍ରିଲ୍ କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରାୟ ୯ ମିଟର ପର୍ଯ୍ୟନ୍ତ ୬ ମିଟର ଚଉଡ଼ାରେ ଓ ପୂର୍ବରୁ ହୋଇଥିବା ଛିଦ୍ରଠାରୁ ୧.୨ ମିଟର ବ୍ୟବଧାନରେ ୬ ଇଞ୍ଚ ଗୋଲେଇର ୮ ମିଟର କୋର୍ ଡ୍ରିଲ ହୋଇଛି । ଜିରୋ ଭାଇବ୍ରେଟର ଓ ଡାଇମଣ୍ଡ କଟରରେ ଖନନ ହୋଇଥିଲା । ପରେ ଗର୍ଭଗୃହର ବାଲି ଓ ପଥର ଗୁଣ୍ଡକୁ ଯାଞ୍ଚ ପାଇଁ ଆଇଆଇଟି ମାଡ୍ରାସ ପଠାଯାଇଥିଲା । ତେବେ ସେହି ରିପୋର୍ଟ ସାର୍ବଜନୀନ ହୋଇନାହିଁ ।

## ମେ ୧୫ରୁ ସିବିଏସଇ ଦଶମ ଶ୍ରେଣୀ ୨ୟ ବୋର୍ଡ଼ ପରୀକ୍ଷା

ଭୁବନେଶ୍ୱର, ୨୩/୪(ନିପ୍ର): ପ୍ରକାଶ ପାଇଲା ସିବିଏସଇ ଦଶମ ଶ୍ରେଣୀ ୨ୟ ବୋର୍ଡ଼ ପରୀକ୍ଷା ତାରିଖ । ମେ ୧୫ରୁ ୨୧ ତାରିଖ ଯାଏ ଚାଲିବ ଏହି ପରୀକ୍ଷା । ସକାଳ ୧୦:୩୦ ରୁ ୧:୩୦ ଯାଏ ଚାଲିବ ପରୀକ୍ଷା । ଚଳିତ ବର୍ଷ ପ୍ରଥମ ଥର ସିବିଏସଇ କରିଛି ୨ୟ ବୋର୍ଡ଼ ପରୀକ୍ଷା ନିଷ୍ପତ୍ତି । ଛାତ୍ରଛାତ୍ରୀ ଅଙ୍କ ମାର୍କ ରଖିଥିବା ବିଷୟରେ ରିପିଟ ପରୀକ୍ଷା ଦେଇ ପାରିବେ । ଏହି ସୁଯୋଗ ଛାତ୍ରଛାତ୍ରୀଙ୍କୁ ୩ ଟି ବିଷୟ ପାଇଁ ସୁଯୋଗ ମିଳିବ । ସେଥି ମଧ୍ୟରୁ ଗୋଟିଏ ଲାଙ୍ଗୁଏଜ ଓ ଦୁଇଟି ଅନ୍ୟ ବିଷୟ ଅନ୍ତର୍ଭୁକ୍ତ ।

## ଦ୍ୱୈତ ନଗରୀ ଟ୍ରାଫିକ୍ ଯନ୍ତ୍ରଣା ଏଡ଼ାଇବାକୁ ତିଆରି ହେବ ୪ ବିକଳ୍ପ ରାସ୍ତା

ଭୁବନେଶ୍ୱର, ୨୩/୪(ନିପ୍ର): କଟକ-ଭୁବନେଶ୍ୱର ଟ୍ରାଫିକ୍ ଯନ୍ତ୍ରଣା ଏଡ଼ାଇବାକୁ ତିଆରି ହେବ ୪ଟି ଅଲଟରନେଟିଭ୍ ୱେ। ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଦୁଇ ସହରକୁ ଏକାଧିକ ଏଂଟ୍ରି ପଏଂଟ ରହିଲେ ଭିଡ଼ କମିବ। ୨୪ ବର୍ଷ ସରକାରରେ ଅଲଟରନେଟିଭ୍ ରାସ୍ତା ଯୋଜନା କରି ନ ଥିଲେ। ପୁରୀ, ଭୁବନେଶ୍ୱର, କଟକ ଓ ଖୋର୍ଦ୍ଧାକୁ ରିଂ ରୋଡ଼ ମାଧ୍ୟମରେ ଯୋଡ଼ାଯିବ।

## ନିମାପଡ଼ାର ଇଂରାଜୀ ନାମ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଲେ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର, ୨୩/୪(ନିପ୍ର): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିମାପଡ଼ାର ଇଂରାଜୀ ନାମ (ନିମାପରା)କୁ ପରିବର୍ତ୍ତନ କରି (ନିମାପଡ଼ା) କରିବା ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପ୍ରସ୍ତାବ ଦେଇଛନ୍ତି । ଏହା ଫଳରେ (ନିମାପଡ଼ା)ର ଉଚ୍ଚାରଣ ଉଭୟ ଇଂରାଜୀ ଏବଂ ଓଡ଼ିଆରେ ସମାନ ରହିବ। ସୂଚନାଯୋଗ୍ୟ ଯେ ଗତକାଲି ରାଜ୍ୟର ବିଭିନ୍ନ ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ ସଂଶୋଧନ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଓଡ଼ିଶାର ସମସ୍ତ ସାଂସଦ, ବିଧାୟିକା/ବିଧାୟକ ଏବଂ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ପ୍ରସ୍ତାବ ଦେବାକୁ ଆହ୍ୱାନ ଦିଆଯାଇଥିଲା।

## ୭୬୧ଭାରତୀୟ ଫ୍ଲାପ୍ ସେଲ୍ କଇଁଛ ଜବତ, ଜଣେ ଗିରଫ

ମାଲକାନଗିରି, ୨୩/୪(ନିପ୍ର): ମାଲକାନଗିରି ବନ ବିଭାଗ ଅଧୀନରେ ମୋଟୁ ରେଞ୍ଜର କର୍ମଚାରୀମାନେ ଏକ ସ୍ୱତନ୍ତ୍ର ଅଭିଯାନ ସମୟରେ ଓଡ଼ିଶା-ଆନ୍ଧ୍ର ପ୍ରଦେଶ ସୀମା ମୋଟୁ ଚେକ ପୋଷ୍ଟ ନିକଟରୁ ୭୬୧ ଟି ଭାରତୀୟ ଫ୍ଲାପ୍ ସେଲ୍ କଇଁଛ (୨. ୩୦୫ ଟନ୍) ଜବତ କରିଛନ୍ତି। ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କାହେବ । ସୂଚନା ଅନୁସାରେ, ଆନ୍ଧ୍ରପ୍ରଦେଶରୁ ଓଡିଶାକୁ ଆସୁଥିବା ବେଳେ ଏହି କଇଁଛଗୁଡ଼ିକୁ ଧରାଯାଇଛି, ଡ୍ରାଇଭର ସହ ଏକ ବୋଲେରୋ ଗାଡ଼ିକୁ ମଧ୍ୟ ଜବତ କରାଯାଇଛି ଏହି କଇଁଛଗୁଡ଼ିକ ମୋଟୁ ଥାନା ଅଞ୍ଚଳର ଏମ ପିଭି ୮ ୩ ଗ୍ରାମର ଦଲାଲ ଶକ୍ତିପଦ ଗାଇନଙ୍କ ପାଖକୁ ଯାଉଥିବା ସୂଚନା ମିଳିଛି । ମୁଖ୍ୟ ଅଭିଯୁକ୍ତ ଶକ୍ତିପଦ ଗାଇନ ବର୍ତ୍ତମାନ ଫେରାର ରହିଛନ୍ତି । ମୋଟୁ ଫରେଷ୍ଟର ମୁରୁଲୀଧର ଅନୁଗୁଳିଆଙ୍କ କହିବା ଅନୁସାରେ,ଘଟଣାର ତଦନ୍ତ ଜାରି ରହିଛି ଓ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜୋରଦାର ଖୋଜାଖୋଜି ଚାଲିଛି ।

## ସ୍କୁଲରେ ନିମ୍ନମାନର ଖାଦ୍ୟ ଦିଆଗଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୩/୪(ନିପ୍ର): ଯଦି କେଉଁଠି ସ୍କୁଲରେ ନିମ୍ନ ମାନର ଖାଦ୍ୟ ଦିଆଯାଉଛି, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ଅଭିଯୋଗ ଆସିଲେ ତଦନ୍ତ ହୋଇ ସମ୍ପୃକ୍ତ ଶିକ୍ଷକଏବଂ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ।

## ବ୍ୟାଙ୍କ ମ୍ୟାନେଜରଙ୍କ କାରନାମା, ୧ କୋଟି ଟଙ୍କାର ଦୁର୍ନୀତି

ମାଲକାନଗିରି , ୨୩/୪(ନିପ୍ର): ମାଲକାନଗିରି ଶାଖା କେସିସି ବ୍ୟାଙ୍କ ମ୍ୟାନେଜର ଶୁଭେନ୍ଦୁ ଖରା ଲ୍ୟାମ୍ପସ ଟଙ୍କାକୁ ବ୍ୟକ୍ତିଗତ କାମରେ ଖର୍ଚ୍ଚ କରିଦେଇଥିବା ଜଣାପଡ଼ିଛି। ଯାହାର ଟେର୍ ପାଇ ନ ଥିଲେ ଲ୍ୟାମ୍ପସ ଶାଖା ପରିଚାଳକ, ବ୍ୟାଙ୍କ କର୍ତୃପକ୍ଷ କିମ୍ବା ଡିଆର୍ସିଏସ୍ କାର୍ଯ୍ୟାଳୟ। କିନ୍ତୁ ମାର୍ଚ୍ଚ ମାସରେ ହୋଇଥିବା ଅଡିଟରେ ବ୍ୟାଙ୍କ ମ୍ୟାନେଜରଙ୍କ କାରନାମା ପଦାରେ ପଡ଼ିଥିଲା ଏହାପରେ ବ୍ୟାଙ୍କ କର୍ତୃପକ୍ଷ ମାଲକାନଗିରି ଥାନାରେ ଏତଲା ଦେଇଥିଲା ବେଳେ ବ୍ୟାଙ୍କ ମ୍ୟାନେଜରଙ୍କୁ ତରବରିଆ ଭାବେ ନିଲମ୍ବନ କରାଯାଇଛି। ତେବେ ଏତେବଡ଼ ଦୁର୍ନୀତିରେ କେବଳ ଜଣେ ସଂପୃକ୍ତ ରହିଥିବା ବିଶ୍ୱାସ ହେଉନି। ତେଣୁ ଏକାଧିକଙ୍କ ସଂପୃକ୍ତି ସନ୍ଦେହରେ ଖୋଳତାଡ଼ ଆରମ୍ଭ ହୋଇଛି। ମାଲକାନଗିରିସ୍ଥିତ କେସିସି ବ୍ୟାଙ୍କ ଅଧୀନରେ ପୋଟେରୁ ଓ ମାଲକାନଗିରି ଲ୍ୟାମ୍ପସ ରହିଛି। ୮

## ବବିଙ୍କୁ ଆଇନ ମନ୍ତ୍ରୀଙ୍କ କଡ଼ା ଜବାବ



ଭୁବନେଶ୍ୱର, ୨୩/୪(ନିପ୍ର): ରତ୍ନଭଣ୍ଡାରକୁ ନେଇ ବବିଙ୍କ ପୋଷ୍ଟ ଉପରେ ଆଇନ ମନ୍ତ୍ରୀ କଡା ପ୍ରତିକ୍ରିୟା ରଖି କହିଛନ୍ତି, ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଚେଷ୍ଟା କରନି, ଗୋଟିଏ ଦିନରେ ଦୁଃସାହସ ଛଡାଇ ଦେବୁ । ଆମେ ଯଦି ପ୍ରଶ୍ନ ପଚାରିବୁ , ବିଜେଡି ନେତାଙ୍କୁ ପକ୍ଷଘାତ ହୋଇଯିବ । ଚାବି ହଜିବା କଥା ସତ୍ୟ , ଡୁପ୍ଲିକେଟ ଚାବିର ତାଲା ସହ କିଛି ସାମଞ୍ଜସ୍ୟ ନଥିଲା । ଚାବି ନଥିବା ଯୋଗୁଁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା କାଟିବାକୁ ପଡିଲା । ଯଦି ଚାବି ଥିଲା ବିଜେଡି ସରକାର ରତ୍ନଭଣ୍ଡାର ଖୋଲିଲା ନାହଇଁ କାହିଁକି, ରତ୍ନଭଣ୍ଡାରକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରାଯାଇଥିବା ଲେଖିଥିଲେ ବବି ।

## ଏପ୍ରିଲ ୨୭ ରୁ ଖରାଛୁଟି !

ଭୁବନେଶ୍ୱର,୨୩।୪ : ଏପ୍ରିଲ ୨୭ ରୁ ଖରାଛୁଟି ହୋଇପାରେ । ଗୁରୁବାର ଏପରି ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ରାଜ୍ୟରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ଖରାଛୁଟି ଘୋଷଣା ନେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ପାଣିପାଗର ସ୍ଥିତିକୁ ବିଚାର କରି ଆସନ୍ତା ଅପ୍ରେଲ ୨୭ ତାରିଖରୁ ରାଜ୍ୟରେ ଖରାଛୁଟି ଆରମ୍ଭ ହୋଇପାରେ । ଖରାଛୁଟି ନେଇ ସମ୍ପୂର୍ଣ୍ଣ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି । ମୁଖ୍ୟମନ୍ତ୍ରୀ ଏହି ବିଷୟରେ ଚୂଡ଼ାନ୍ତ ବିଚାର କରିବେ ଏବଂ ଖୁବଶୀଘ୍ର ସରକାରଙ୍କ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ।

## ସମ୍ପତ୍ତି ଆଗରେ ତୁଚ୍ଛ ହେଲା ରକ୍ତ ସଂପର୍କ !

### ସୁଧୀର ପାତ୍ର ହତ୍ୟା ଘଟଣାର ଆସିଲା ସତ

### ମାଷ୍ଟରମାଇଣ୍ଡ ଝିଆରୀ ପୁତୁରା ସମେତ ୯ ଗିରଫ

### ମୁଖ୍ୟ ଅଭିଯୁକ୍ତ ସୂର୍ଯ୍ୟ ପ୍ରତାପ ସୁରଟରୁ ଗିରଫ

ବ୍ରହ୍ମପୁର,୨୩।୪(ନିପ୍ର): ବହୁଚର୍ଚ୍ଚିତ ବ୍ରହ୍ମପୁର ଗୋପାଳପୁରର ଜମି ବ୍ୟବସାୟୀ ସୁଧୀର ପାତ୍ର ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ ହୋଇଛି। ହତ୍ୟାକାଣ୍ଡ ପଛରେ ରହିଥିଲା ପାରିବାରିକ ଷଡ଼ଯନ୍ତ୍ର। ଗଞ୍ଜାମ ଏସ୍‌ପି ଏସକେ ପାତ୍ର ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ଯେ,ଏହି ଜଘନ୍ୟ ହତ୍ୟାକାଣ୍ଡରେ ସୁଧୀରଙ୍କ ନିଜ ଝିଆରୀ ହିଁ ମୁଖ୍ୟ ମାଷ୍ଟରମାଇଣ୍ଡ। ତଦନ୍ତରୁ ଜଣାପଡ଼ିଛି ଯେ, ମୃତକଙ୍କ ଝିଆରୀ ନିବେଦିତା ପାତ୍ର ନିଜ ପ୍ରେମିକ କାଳୁ ପ୍ରଧାନ ସହ ମିଶି ସୁଧୀରଙ୍କୁ ହତ୍ୟା କରିବା ପାଇଁ ପୂରା ଷଡ଼ଯନ୍ତ୍ର କରିଥିଲା। ଏଥିରେ ନିବେଦିତାଙ୍କ ଭାଇ ତୁଷାର ପାତ୍ର ମଧ୍ୟ ସାମିଲ ଥିଲେ। ପରିବାରର ଲୋକଙ୍କର ଏହି ନିଷ୍ଠୁର କାରନାମା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ହତ୍ୟାକାଣ୍ଡର ଅନ୍ୟ ମୁଖ୍ୟ ଅଭିଯୁକ୍ତ ସୂର୍ଯ୍ୟ ପ୍ରତାପକୁ ପୋଲିସ ଗୁଜରାଟର ସୁରଟରୁ ଗିରଫ କରିଛି। ହତ୍ୟାକାଣ୍ଡ ପରଠାରୁ ଅଭିଯୁକ୍ତ ସୂର୍ଯ୍ୟ ପ୍ରତାପ ଫେରାର୍ ହୋଇଯାଇଥିଲା। ସେ ସୁରଟରେ ଲୁଚି ରହିଥିବା ନେଇ ଓଡ଼ିଶା ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ଏହା ପରେ ଓଡ଼ିଶା ପୋଲିସର ଏକ ଟିମ୍ ସୁରଟ କ୍ରାଇମବ୍ରାଞ୍ଚ ସହ ମିଶି ସେଠାରେ ଚଢ଼ାଉ କରିଥିଲା ଏବଂ ଅଭିଯୁକ୍ତ ସୂର୍ଯ୍ୟ ପ୍ରତାପକୁ କାବୁ କରିବାରେ ସଫଳ ହୋଇଥିଲା।

### *ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗ*

## ରାଜ୍ୟର ସମସ୍ତ ଜିଲ୍ଲାରେ ମହିଳା ଆକ୍ରୋଶ ସମ୍ମିଳନୀ କରିବ ବିଜେପି




ଭୁବନେଶ୍ୱର, ୨୩/୪(ନିପ୍ର): ନାରୀଶକ୍ତି ବନ୍ଦନ ଅଧିନିୟମ ସଂସଦରେ ପାରିତ ନହୋଇପାରିବା ପ୍ରତିବାଦରେ ତଥା ମହିଳାମାନଙ୍କ ଆକ୍ରୋଶକୁ ସମ୍ମାନ ଓ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ଗତକାଲି ରାଜଧାନୀ ଭୁବନେଶ୍ୱରରେ ଗତକାଲି ବିଶାଳ "ଜନ ଆକ୍ରୋଶ ମହିଳା ପଦ ଯାତ୍ରା" ଆୟୋଜନ କରାଯାଇଥିଲା । ସେହିପରି ଏପ୍ରିଲ ୨୪ ଓ ୨୫ ତାରିଖ ଦିନ ରାଜ୍ୟର ସମସ୍ତ ସାଂଗଠନିକ ଜିଲ୍ଲାରେ ମହିଳା ଆକ୍ରୋଶ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି । ଡା. ବିଶ୍ୱାଳ କହିଛନ୍ତି ଯେ ମହିଳାମାନଙ୍କୁ ଅଧିକାରରୁ ବଂଚିତ କରିବା ପାଇଁ ସଂସଦରେ ଏହି ଅଧିନିୟମ ବିରୋଧରେ କଂଗ୍ରେସ ସମେତ ଡିଏମକେ ଟିଏମସି, ସମାଜବାଦୀ ପାର୍ଟି ଓ ଆମ ଆଦମୀ ପାର୍ଟି ପ୍ରମୁଖ ଭୋଟ ଦେଇଥିବାବେଳେ ବିଜେଡି ସେମାନଙ୍କୁ ସମର୍ଥନ ଜଣାଇଥିଲା । ଏହି ବିରୋଧୀମାନେ ମହିଳାମାନଙ୍କ ଉନ୍ନତି ଓ ପ୍ରଗତି ଚାହୁଁ ନ ଥିବା ଦେଶବାସୀ ଜାଣିସାରିଲେଣି । ଓଡ଼ିଶାର ମହିଳାମାନେ ଏହାକୁ କେବେବି କ୍ଷମା ଦେବେ ନାହିଁ । ଏନେଇ ପାର୍ଲିଆମେଂଟରୁ ପଂଚାୟତ ପର୍ଯ୍ୟନ୍ତ ଚାଲିଥିବା ଆନ୍ଦୋଳନ ଆଗକୁ ମଧ୍ୟ ଜାରି ରହିବ । ରାଜ୍ୟର ପ୍ରତ୍ୟେକ ସାଙ୍ଗଠନିକ ଜିଲ୍ଲାରେ ମହିଳା ଆକ୍ରୋଶ ସମ୍ମିଳନୀ ଆୟୋଜନ କରାଯାଇ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡିକର ମହିଳା ବିରୋଧୀ ଚେହେରାକୁ ଲୋକଲୋଚନକୁ ଅଣାଯିବ । ଏଥିରେ ପ୍ରତ୍ୟେକ ସାଂଗଠନିକ ଜିଲ୍ଲାରେ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡିକ ଦ୍ୱାରା ମହିଳାମାନଙ୍କ ପ୍ରତି କରାଯାଇଥିବା ଅନ୍ୟାୟର ପ୍ରତିବାଦ କରିବେ । ମହିଳାମାନଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଦେବା ପାଇଁ ଜିଲ୍ଲାରୁ ମଣ୍ଡଳ ଓ ବୁଥସ୍ତର ପର୍ଯ୍ୟନ୍ତ ବିଜେପି ଲଢ଼େଇ ଜାରି ରଖିବ । ରାଜ୍ୟର ପ୍ରତି ସାଂଗଠନିକ ଜିଲ୍ଲାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସମାଜର ସବୁ ବର୍ଗର ମହିଳାମାନେ ବହୁ ସଂଖ୍ୟାରେ ସାମିଲ ହେବାକୁ ଡା. ବିଶ୍ୱାଳ ଅନୁରୋଧ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ରାଜ୍ୟ ସମ୍ପାଦିକା ନିୟତି ଗିରି, ପୂର୍ବତନ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଡ଼ିଆରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜନଗଣନା ଅଧିକାରୀଙ୍କ ପାଇଁ ଏସ୍‌ଓପି

### ପରିଚୟପତ୍ର ଓ ନିଯୁକ୍ତି ପତ୍ର ସାଙ୍ଗରେ ରଖିବେ

### ପୋଲିସ ସହିତ ସମନ୍ୱୟ ବାଧ୍ୟତାମୂଳକ

### କାର୍ଯ୍ୟରେ ବାଧା ଦେଲେ ୩ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ

ଭୁବନେଶ୍ୱର,୨୩।୪: ଜନଗଣନା ଅଧିକାରୀଙ୍କ ପାଇଁ ଅଣାଯାଇଛି ଏସ୍‌ଓପି। ପ୍ରଥମ ପର୍ଯ୍ୟାୟ ଜନଗଣନା-୨୦୨୭ ପାଇଁ ରାଜସ୍ୱ ବିଭାଗ ଏସ୍‌ଓପି ଜାରି କରିଛି। ଏ ନେଇ ସବୁ ଜିଲ୍ଲାପାଳ/ଏସ୍‌ପି/ ମ୍ୟୁନିସପାଲ୍ କମିଶନରଙ୍କୁ ଚିଠି ହୋଇଛି। ଜାରି ହୋଇଥିବା ଏକ ଚିଠିରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀ ସମସ୍ତ ଜିଲ୍ଲା କଲେକ୍ଟର, ପୌର କମିଶନର ଏବଂ ପୋଲିସ ଅଧୀକ୍ଷକମାନଙ୍କୁ ୧୬ ଏପ୍ରିଲରୁ ୧୫ ମଇ ପର୍ଯ୍ୟନ୍ତ ହେବାକୁ ଥିବା ଗୃହ ତାଲିକାଭୁକ୍ତ ଏବଂ ଗୃହ ଗଣନା କାର୍ଯ୍ୟ ସମୟରେ ଏସ୍‌ଓପି କଡ଼ାକଡ଼ି ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାର ଉଲ୍ଲେଖ କରିଛନ୍ତି ଯେ ଗଣନାକାରୀମାନେ ବର୍ତ୍ତମାନ ରାଜ୍ୟର ବିଭିନ୍ନ ପରିବାରକୁ ଯାଇ ବାସସ୍ଥାନର ସ୍ଥିତି, ସୁବିଧା ଏବଂ ସମ୍ପତ୍ତି ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛନ୍ତି। ତଥାପି, ସାମ୍ପ୍ରତିକ ଘଟଣାଗୁଡ଼ିକ ସେମାନଙ୍କ ସୁରକ୍ଷା ଉପରେ ଚିନ୍ତା ସୃଷ୍ଟି କରିଛି, ଯାହା ଜନଗଣନା କାର୍ଯ୍ୟର ସୁଗମ ପରିଚାଳନାକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଏସ୍‌ଓପି ଅନୁଯାୟୀ, ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକମାନେ କ୍ଷେତ୍ର କାର୍ଯ୍ୟ ସମୟରେ ସର୍ବଦା ସରକାରୀ ପରିଚୟପତ୍ର ପିନ୍ଧିବା ଏବଂ ନିଯୁକ୍ତି ପତ୍ର ବହନ କରିବା ଆବଶ୍ୟକ। ସେମାନଙ୍କୁ ପ୍ରଚଳିତ ପାଗ ପରିସ୍ଥିତିକୁ ବିଚାରକୁ ନେଇ ସକାଳ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ସର୍ବାଧିକ ଗରମ ସମୟରେ କାମ କରିବା ଏଡ଼ାଇବାକୁ ଏବଂ ଓଆରଏସ ବହନ କରିବା ସମେତ ଗ୍ରୀଷ୍ମ ପ୍ରକୋପ ସମ୍ବନ୍ଧୀୟ ଅସୁସ୍ଥତା ବିରୁଦ୍ଧରେ ପର୍ଯ୍ୟାପ୍ତ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି ।ଅନଗ୍ରସର ଅଞ୍ଚଳରେ ସୁରକ୍ଷା ବୃଦ୍ଧି କରିବା ପାଇଁ, ଅଧିକାରୀମାନେ ଯୋଡି ହୋଇ କାମ କରିପାରିବେ, ପର୍ଯ୍ୟବେକ୍ଷକମାନେ ପ୍ରତି ଘଣ୍ଟା ହିସାବରେ ଗଣନାକାରୀଙ୍କ ଉପରେ ନଜର ରଖିବା ଆବଶ୍ୟକ। ଶତ୍ରୁତା କିମ୍ବା ଆଶଙ୍କାଜନକ ବିପଦ କ୍ଷେତ୍ରରେ, କର୍ମଚାରୀମାନଙ୍କୁ



ତୁରନ୍ତ କାର୍ଯ୍ୟରୁ ନିବୃତ୍ତ ରହିବା, ମୁକାବିଲା ଏଡାଇବା ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଘଟଣା ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଏସ୍‌ଓପି ଅନୁଯାୟୀ ପୋଲିସ ସହିତ ଘନିଷ୍ଠ ସମନ୍ୱୟକୁ ମଧ୍ୟ ବାଧ୍ୟତାମୂଳକ କରିଛି। ସ୍ଥାନୀୟ ପୋଲିସ ଷ୍ଟେସନଗୁଡ଼ିକୁ ଜନଗଣନା କର୍ମଚାରୀଙ୍କ ବିବରଣୀ ପ୍ରଦାନ କରାଯିବ, ଏବଂ ଗଣନାକାରୀଙ୍କ ଜରୁରୀକାଳୀନ ଯୋଗାଯୋଗର ସୁବିଧା ରହିବ। ଚିହ୍ନଟ ସମ୍ବେଦନଶୀଳ ଅଞ୍ଚଳରେ, ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପୋଲିସ କର୍ମଚାରୀମାନେ କ୍ଷେତ୍ର କର୍ମଚାରୀଙ୍କ ସହିତ ଯାଇପାରିବେ।

# ଓଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ

ଭୁବନେଶ୍ୱର, ୨୩/୪: ରାଜ୍ୟ ଓଏଏସ ସ୍ତରରେ ଅଦଳ ବଦଳ ହୋଇଛି । ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରାକଶ ପାଇଛି । ଏ ନେଇ ଜାରି ବିଜ୍ଞପ୍ତି ଅନୁସାରେ ରତ୍ନାକର ସାହୁଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ପରିଚାଳନା ନିର୍ଦ୍ଦେଶକ (ଏମ୍.ଡି.)ଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱରରେ ନୋଡାଲ୍ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ରଖାଯାଇଛି । ସୁଧାକର ନାୟକ- ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଥିଲେ । କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ଭାବରେ ନିଯୁକ୍ତ ହୋଇଛନ୍ତି । ଡଃ. ଶ୍ୱେତ କୁମାର ଦାଶ- ପୂର୍ବତନ ସଚିବ, କଟକ ଉନ୍ନୟନ କର୍ତ୍ତୃପକ୍ଷ, ଯିଏକି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ବଦଳି ଆଦେଶ ଅଧୀନରେ ଥିଲେ । ଏମ୍.କେ.ସି.ଜି. ମେଡିକାଲ୍ କଲେଜ ଏବଂ ହସ୍ପିଟାଲ, ବ୍ରହ୍ମପୁରର ରେଜିଷ୍ଟ୍ରାର (ପ୍ରଶାସନ) ଭାବରେ ନିଯୁକ୍ତ ହୋଇଛନ୍ତି । ପ୍ରମୋଦ କୁମାର ପୃଷ୍ଟି- ଗଞ୍ଜାମର ଅତିରିକ୍ତ ଜିଲ୍ଲାପାଳ ଥିଲେ । ନବରଙ୍ଗପୁରର ଅତିରିକ୍ତ ଜିଲ୍ଲାପାଳ ଭାବରେ ନିଯୁକ୍ତ କରାଗଲା । ସଚ୍ଚିଦାନନ୍ଦ ନାୟକ- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ଗଞ୍ଜାମର ଅତିରିକ୍ତ ଜିଲ୍ଲାପାଳ ଭାବରେ ନିଯୁକ୍ତ ହୋଇଛନ୍ତି । ତପନ କୁମାର ଖୁଣ୍ଟିଆ - ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବରେ ନିଯୁକ୍ତ ହୋଇଛନ୍ତି । ସବ୍ୟସାଚୀ ପଣ୍ଡା-ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବାମନଘାଟୀର ଉପଖଣ୍ଡ ଦଣ୍ଡାଧିକାରୀ ଭାବରେ ନିଯୁକ୍ତ ହୋଇଛନ୍ତି । ବିଜୟ କୁମାର ନାୟକଙ୍କୁ ବହିଃସେବା ସର୍ଭାବଳୀ ଅନୁଯାୟୀ ଭୂମି ଅଧିକାରୀ, ଭିତ୍ତିଭୂମି ଉନ୍ନୟନ ନିଗମ, ଭୁବନେଶ୍ୱର ଭାବେ ନିଯୁକ୍ତ ହୋଇଛନ୍ତି । ଚାର୍ଲସ୍ ନାୟକଙ୍କୁ ଆନନ୍ଦପୁର, କେନ୍ଦୁଝରର ଅତିରିକ୍ତ ଉପଜିଲ୍ଲାପାଳ ଭାବରେ ନିଯୁକ୍ତ କରାଗଲା । ପଦ୍ମ ଚରଣ ସାହୁଙ୍କୁ ଢେଙ୍କାନାଳର ଉପଜିଲ୍ଲାପାଳ ଭାବରେ ନିଯୁକ୍ତ କରାଗଲା । ଟି. ପଦ୍ମନାଭ ଦୋରାଙ୍କୁ କନ୍ଧମାଳର ଅତିରିକ୍ତ ଉପଜିଲ୍ଲାପାଳ ଭାବରେ ନିଯୁକ୍ତ ହୋଇଛନ୍ତି। ଦୀନମଣିଙ୍କୁ ପର୍ଯ୍ୟଟନ ବିଭାଗର ଉପଶାସନ ସଚିବ ଭାବରେ ନିଯୁକ୍ତ କରାଗଲା । ବିବୁଧ ଗଡ଼ନାୟକଙ୍କୁ ଉପଜିଲ୍ଲା କ୍ରୀଡ଼ା ଓ ଯୁବସେବା ବିଭାଗର ଉପଶାସନ ସଚିବ ଭାବରେ ନିଯୁକ୍ତ ହୋଇଛନ୍ତି । ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ପାନପୋଷ ଉପଖଣ୍ଡର ଦଣ୍ଡାକାରୀ ଭାବରେ ନିଯୁକ୍ତ କରିଛନ୍ତି । ଅଜୟ ପ୍ରକାଶ ତିର୍କୀ, ଯିଏକି ବର୍ତ୍ତମାନ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଯୋଗ ଦେଇଛନ୍ତି, ତାଙ୍କୁ ଶକ୍ତି ବିଭାଗର ଉପଶାସନ ସଚିବ ଭାବରେନିଯୁକ୍ତ ହୋଇଛନ୍ତି । ବିକାଶ କୁମାର ମହାନ୍ତିଙ୍କୁ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ କାମାକ୍ଷାନଗରର ଉପଖଣ୍ଡ ଦଣ୍ଡାଧିକାରୀ ଭାବରେ ନିଯୁକ୍ତ ହୋଇଛନ୍ତି । ତାପସ କୁମାର ସେଠୀଙ୍କୁ ଉଦ୍ରକର ଅତିରିକ୍ତ ଉପଜିଲ୍ଲାପ ପଜିଲ୍ଲାପାଳ ଭାବରେ ନିଯୁକ୍ତ ହୋଇଛନ୍ତି । ସ୍ମୃତି ରଞ୍ଜନ ମଲ୍ଲିକଙ୍କୁ ବହିଃସେବା ସର୍ଭାବଳୀ ଅନୁଯାୟୀ ଭୂମି ଅଧିକାରୀ, ଭିତ୍ତିଭୂମି ଉନ୍ନୟନ ନିଗମ, ଭୁବନେଶ୍ୱର ଭାବେ ନିଯୁକ୍ତ ହୋଇଛନ୍ତି । ଅଶୋକ କୁମାର ମାଝୀଙ୍କୁ ଝାରସୁଗୁଡ଼ାର ଉପଜିଲ୍ଲାପାଳ ଭାବରେ ନିଯୁକ୍ତ କରାଗଲା । ଯୁଧିଷ୍ଠିର ମେହେରଙ୍କୁ ଫୁଲବାଣୀ ର ପ୍ରକଳ୍ପ ପ୍ରଶାସକ (ପି.ଏ.), ଆଇ.ଟି.ଡି.ଏ ଭାବରେ ନିଯୁକ୍ତ ହୋଇଛନ୍ତି ।

## ମେକାନିକାଲ୍ ବିଭାଗରେ ରାଗିଂ: ୪ ଛାତ୍ରଙ୍କୁ ଅର୍ଥଦଣ୍ଡ

ଭୁବନେଶ୍ୱର, ୨୩/୪(ନିପ୍ର): ସମ୍ବଲପୁର ଭିସୁଟରେ ରାଗିଂ ଅଭିଯୋଗ । ମେକାନିକାଲ୍ ବିଭାଗର ଛାତ୍ରଙ୍କୁ ସେମାନଙ୍କର ସିନିୟର ରାଗିଂ କରିଥିବା ଅଭିଯୋଗ ହୋଇଛି । ଜଣେ କନିଷ୍ଠ ଛାତ୍ରଙ୍କୁ ମାଡ଼ ମଧ୍ୟ ମାରିଛନ୍ତି । ଏନେଇ ଅଭିଯୋଗ ଆସିବା ପରେ ଆକ୍ସନକୁ ଆସିଛନ୍ତି ଭିସୁଟ୍ କର୍ତ୍ତୃପକ୍ଷ । ଅଭିଯୁକ୍ତ ୪ ସିନିୟର ଛାତ୍ରଙ୍କୁ ଅର୍ଥଦଣ୍ଡ କରଯାଇଛି । ଜଣେ ଛାତ୍ରଙ୍କୁ ୧୦ ହଜାର ଟଙ୍କା ଜୋରିମାନା ଲାଗିଥିବା ବେଳେ ଅନ୍ୟ ତିନି ଜଣଙ୍କୁ ୫ ହଜାର ଲେଖାଏ ଅର୍ଥଦଣ୍ଡ କରାଯାଇଛି । ଏହାଛଡ଼ା ଏହି ଘଟଣାକୁ ଆଣ୍ଟି ରାଗିଂ ସେଲ୍ ଓ ଫ୍ୟାକ୍ଟ ଫାଇଣ୍ଡିଂ ଟିମର ଦ୍ୱାରା ତଦନ୍ତ କରାଯାଉଛି । ଏନେଇ ସୂଚନା ଦେଇଛନ୍ତି ଭିସୁଟ୍ କୁଳପତି ପ୍ରଫେସର ଦୀପକ ସାହୁ ।

## ଅଭିଯୋଗ ପ୍ରକୋଷ୍ଠ ଓ ବୈଠକ ଗୃହ ଲୋକାର୍ପିତ



ନିମାପଡ଼ା, ୨୩।୪(ନିପ୍ର): ନିମାପଡ଼ା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ତରଫରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ଅଭିଯୋଗ ପ୍ରକୋଷ୍ଠକୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଉଦଘାଟନ କରି ସରକାରୀ ସେବା ଠିକଣା ସମୟରେ ମିଳିବା ନିମନ୍ତେ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇ ଥିଲେ । କର୍ମଚାରୀ ଓ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଏକ ବୈଠକ ଗୃହକୁ ମଧ୍ୟ ଏହି ଅବସରରେ ଲୋକାର୍ପିତ କରି ଶ୍ରୀମତି ପରିଡ଼ା ନିମାପଡ଼ାବାସୀଙ୍କୁ ଉନ୍ନତରୁ ଉନ୍ନତ ସେବା ଯୋଗାଇ ଦେବା ସରକାରଙ୍କ ପ୍ରାଥମିକତା ବୋଲି ଘୋଷଣା କରିଥିଲେ । ତହସିଲଦାର ମନୋଜ ପ୍ରଧାନ, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀଙ୍କ ସମେତ ଅତିରିକ୍ତ ତହସିଲଦାର, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିଲେ ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ନଂ.ST-OT-ASPIRATION-KUR-559, ତା.20.04.2026ରିଖ

2,80,58,642.50, EMD

5,81,200/- ।

ତା.28.04.2026ରିଖ,

ତା.12.05.2026

www.ireps.gov.in

PR-73/R/26-27

## AFFIDAVIT

By virtue of an affidavit sworn before The Executive Magistrate, Sundargarh affidavit no.1308 dated 22.04.2026, I Benumadhab Seth S/o-Hari Shankar Seth At-Kiakachhar, Po-Kiakachhar, Ps-Sadar, Tahasil-Tangarpali, Dist-Sundargarh, Pin-770020 do hereby declared that I have change my name from Beni Madhab Seth to Benumadhab Seth. Henceforth I shall be known as Benumadhab Seth for all purposes.

Sd/-Benumadhab Seth



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ